R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୮
ତିଥି: ଏକାଦଶୀ
୨୩ ଅଗଷ୍ଟ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 318
23 August 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପାରାଦୀପ ନିକଟରେ ଓସେନ୍ ଉଇନର ଜାହାଜ ନିଖୋଜ



**◥ ଜାହାଜରେ ଥିଲେ ୨୪ କ୍ରିୟୁ ସଦସ୍ୟ**

**◥ ଲୁହାପଥର ନେଇ ଚୀନ୍ ଯାଉଥିଲା ଜାହାଜ**

ପାରାଦୀପ, ୨୨।୮ (ଜିପ୍ର) : ଦୂର ସମୁଦ୍ର ଭିତରେ ଏକ ବଡ ଅଘଟଣ ହୋଇଥିବାର ସନ୍ଦେହ କରାଯାଇଛି । ପାରାଦୀପ ବନ୍ଦରରୁ ୨୦ ତାରିଖ ବିଳମ୍ବିତ ରାତ୍ରିରେ ଲୁହା ପଥର ନେଇ ଚାଇନା ଅଭିମୁଖେ ଯାଉଥିବା ଜାହାଜ ସହିତ ଆଉ ଯୋଗାଯୋଗ ହୋଇ ପାରୁନଥିବା ଜଣାପଡିଛି । ଗତ ୨୧ ତାରିଖ ଠାରୁ ଜାହାଜ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏହି ଜାହାଜର ନାମ ଓସେନ ଉଇନର ଓ ଏହା ପାନାମା ପତାକା ଧାରୀ ଜାହାଜ ଅଟେ । ଏହି ଜାହାଜ ପାରାଦୀପକୁ ଆସି ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ବୋଥ୍ରା ସିପିଙ୍ଗ ଏଜେଣ୍ଟ ମାଧ୍ୟମରେ ଲୁହାପଥର ନେଇ ଯାଉଥିଲା । ତେବେ କୋଷ୍ଟଗାର୍ଡ ତରଫରୁ ଭରତ ଯୁଦ୍ଧ ଜାହାଜ ଏବେ ନିଖୋଜ ହୋଇଥିବା ଜାହାଜକୁ ଠାବ କରିବା କାର୍ଯ୍ୟରେ ଲାଗିଛି ।

ଜାହାଜଟି ପାରାଦୀପ ସମୁଦ୍ର ଉପକୂଳରୁ ପ୍ରାୟ ୨୨୦ ନାଟିକାଲ ମାଇଲ ଦୂର ପୋର୍ଟ ବ୍ଲେୟାର ଦୀପପୁଞ୍ଜ ପାଖରେ ଥିବା ବେଳେ ତା ସହିତ ଆଉ ଯୋଗାଯୋଗ ହୋଇ ପାରୁନାହିଁ । ଏହି ଜାହାଜ ମଧ୍ୟରେ ଚାଇନିଜ ୨୦ ଜଣ, ମିଆଁମାରର ୩ ଜଣ ଓ ବାଂଲାଦେଶର ଜଣେ ସମୁଦାୟ ୨୪ ଜଣ କ୍ରିୟୁ ସଦସ୍ୟ ଥିଲେ । ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ କିଛି କହି ପାରୁନଥିବା ବେଳେ ଜାହାଜଟି ଦୂର ସମୁଦ୍ର ମଧ୍ୟରେ ଦୁର୍ଘଟଣାର ଶିକାର ହୋଇ ଥାଇ ପରେ ବୋଲି ସନ୍ଦେହ କରାଯାଉଛି । ଜାହାଜରେ ମୋଟ ଏକ ଲକ୍ଷ ଚାଳିଶ ହଜାର ୨୨୦ ମେଟ୍ରିକ ଟନ ଆଇରନଓର ଲୋଡିଂ ହୋଇଥିଲା ଓ ସି ଲିଓନି ଏସିଇ କମ୍ପାନୀର ମାଲ ପରିବହନ କରି ଜାହାଜଟି ଯାଉଥିଲା । ଜାହାଜ ସହିତ ଯୋଗାଯୋଗ ନହୋଇ ପାରିବାରୁ ଏବେ ଭାରତୀୟ କୋଷ୍ଟଗାର୍ଡ, ଆଣ୍ଡାମାନ କୋଷ୍ଟଗାର୍ଡ ଓ ନ୍ୟାଭି ସର୍ଚ୍ଚ ଅପରେସନରେ ଲାଗି ପଡିଥିବା କୁହାଯାଉଛି । ଜାହାଜଟି ସୁରକ୍ଷିତ ଅଛି କିମ୍ବା ଦୂର ସମୁଦ୍ର ମଧ୍ୟରେ ବୁଡି ଯାଇଛି, ତାହା ସ୍ପଷ୍ଟ ହୋଇ ପାରିନାହିଁ ।

## ୨୪ ଘଣ୍ଟା ମଧ୍ୟରେ ଲଘୁଚାପ



ଭୁବନେଶ୍ୱର, ୨୨।୮ (ସବ୍ୟୁ): ବଙ୍ଗୋପ ସାଗରର ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଲଘୁଚାପ

### ସପ୍ତାହ ଯାଏଁ ବର୍ଷା ଆଶଙ୍କା

କ୍ଷେତ୍ର ସୃଷ୍ଟି ହେଲେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବର୍ଷା ନେଇ ସତର୍କତା ଜାରି କରାଯାଇଛି ।

ଉତ୍ତର ଓଡ଼ିଶା ଏବେ ବନ୍ୟାରେ ପ୍ରପୀଡିତ ହୋଇଥିବାବେଳେ ପୁଣି ବର୍ଷା ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ପାଇଁ କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ମାଲକାନାଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ଘୂର୍ଣ୍ଣିଝଡ଼ ସହ ପବନର ବେଗ ୩୦ରୁ ୪୦ କିମି ରହିପାରେ । ୨୪ ତାରିଖ ଲାଗି ସୁନ୍ଦରଗଡ଼ ଓ ସମ୍ବଲପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଥିଲାବେଳେ ମଧ୍ୟମଧରଣର ବର୍ଷା ଲାଗି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା (୯ ପୃଷ୍ଠାରେ)

### କମୁଛି ବନ୍ୟା ପାଣି, ବଢୁଛି ଦୁର୍ଦ୍ଦଶା

## ଏବେ ବି ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି



ବାସୁଦେବପୁର, ୨୨/୮ (ସବ୍ୟୁ) : ଦେଢ ମାସ ହେବ ବର୍ଷା ଛାଡିବାର ନାଁ ଧରୁନାହିଁ । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାସୁଦେବପୁର ବ୍ଲକର ଚାରୋଟି ବନ୍ୟା ଦେଖା ଦେଇଛି । ଶହ ଶହ ଘର.ଏବେ ବି ଜଳ ଘେରରେ ରହିଛନ୍ତି । କମୁଛି ବନ୍ୟା ଜଳ ଓ ବଢୁଛି ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ।

ମାସ ମାସ ଧରି ଘର ଜଳ ବନ୍ଦୀର ଥିବା ବେଳେ ପ୍ରଶାସନ ହାତ ଟେକି ଦେଇଛି । ଏହି ବନ୍ୟା ପ୍ରଭାବିତ ପାଖ ପଡୋଶୀଙ୍କ ଘର ସାହା ଭରଷା ସାଜିଛି । ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ସର୍ବାଧିକ କ୍ଷୟକ୍ଷତି ହୋଇଥିବା ବେଳେ ଲୁଙ୍ଗା, ସୁଦର୍ଶନପୁର, ବରଣ୍ଡୁଆ ଓ ଜଗନ୍ନାଥପୁର ପଞ୍ଚାୟତର କିଛି ଅଞ୍ଚଳ ବନ୍ୟା ଜଳ ମାଡିଯିବାରୁ ପ୍ରଭାବିତ ହୋଇଛି । ପୌରପାଳିକାର (୯ ପୃଷ୍ଠାରେ)

### ଗରିମା ଦିବସ ୨୦୨୬

## ଯେଉଁ ହାତ ସ୍ୱଚ୍ଛତା ଦିଏ, ତା'ର ଗାରିମା ରକ୍ଷା ଆମ ଦାୟିତ୍ୱ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨।୮ (ସବ୍ୟୁ) : ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି ।

ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଗରିମା ଦିବସ ଅବସରରେ ଆଜି ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାର ବିଷୟବସ୍ତୁ ରହିଛି, ମିଶନ ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ । ଏହି କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଦିବସଟି ସଫେଇ କର୍ମୀଙ୍କୁ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଉପସ୍ଥିତ ବିଶେଷଜ୍ଞ, ଅଧିକାରୀ ଓ ପରିମଳ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୧୪ ଅଗଷ୍ଟ ୧୫ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା । ମୋଦୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି । ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍ଥାନର ପ୍ରତୀକ ସାଜିଲେ ଏବଂ ଦେଶବାସୀଙ୍କୁ ସନ୍ଦେଶ ଦେଲେ 'ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ' ।

ଉପସ୍ଥିତ ବିଶେଷଜ୍ଞ (୯ ପୃଷ୍ଠାରେ)

## ବିସିଆଇ ଅଧ୍ୟକ୍ଷଙ୍କ ଇସ୍ତଫା ଦାବି

ନୂଆଦିଲ୍ଲୀ, ୨୨।୮ : ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ର ସହଅଧ୍ୟକ୍ଷ ତଥା ବରିଷ୍ଠ ଓକିଲ ୱାଇଆର୍ ସଦାଶିବ ରେଡ୍ଡୀ ବିସିଆଇ ଅଧ୍ୟକ୍ଷ ମନନ୍ ମିଶ୍ରଙ୍କ ଇସ୍ତଫା ଦାବି କରିଛନ୍ତି । ୧୫ ଦିନ ମଧ୍ୟରେ ଶ୍ରୀ ମିଶ୍ର ଇସ୍ତଫା ଦେବା ସହ ବିସିଆଇର ସ୍ୱତନ୍ତ୍ର ବୈଠକ ଡାକିବାକୁ କହିଛନ୍ତି । ତାଙ୍କ ନାମରେ ଆର୍ଥିକ ଅନିୟମିତତା ଓ ଅନ୍ୟ ଅଭିଯୋଗ ରହିଛି ।

ଅଭିଯୋଗ ଅନୁଯାୟୀ ଶ୍ରୀ ମିଶ୍ରଙ୍କ ବିରୋଧରେ ୧୫୦ କୋଟି ଟଙ୍କାର ପାଣ୍ଠି କଥିତ ଅନ୍ୟତ୍ର ସ୍ଥାନାନ୍ତର, ପରିବାର ଭିତ୍ତିରେ ନିଯୁକ୍ତି ଓ ନାଲ୍‌ସର ଛାତ୍ରଙ୍କ ବିରୋଧରେ ବେଆଇନ ନିର୍ଦ୍ଦେଶ ପ୍ରସଙ୍ଗ ରହିଛି । ବିସିଆଇ ଓ ବିସିଆଇ ଟ୍ରଷ୍ଟ ପର୍ଲ ଫାର୍ଷ୍ଟର ଆକାଉଣ୍ଟର ବିଶେଷ ଅଡିଟ୍ ଦାବି କରିଛନ୍ତି । ଶ୍ରୀ ରେଡ୍ଡୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ମିଶ୍ରଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ନୁହେଁ, ବିସିଆଇର ଜଣେ ନିର୍ବାଚିତ ସଦସ୍ୟ ଓ ତିନି ଦଶନ୍ଧି ଧରି ଏହି ବୃତ୍ତିରେ ଥିବା ସଦସ୍ୟ ଭାବେ ଲେଖୁଛନ୍ତି । ନୀରବ ରହିବା ଏହି ଦେଶର ଓକିଲମାନଙ୍କ ଦ୍ୱାରା ମୋ ଉପରେ ପ୍ରଦତ୍ତ ବିଶ୍ୱାସକୁ ଅବମାନନା କରିବା ଭଳି ହେବ । ବିସିଆଇ କୌଣସି ବ୍ୟକ୍ତିଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ବର୍ଂ ଆଡ୍‌ଭୋକେଟ ଆଇନ ୧୯୬୧ ଅନୁଯାୟୀ ଏକ ସାମ୍ବିଧାନିକ ସଂସ୍ଥା ଲକ୍ଷ ଲକ୍ଷ ଓକିଲଙ୍କ (୯ ପୃଷ୍ଠାରେ)

## ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାରେ ହାପିଜ୍‌ଙ୍କୁ ଏନ୍‌ଆଇଏର ସମନ

ନୂଆଦିଲ୍ଲୀ, ୨୨।୮ : ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାରେ ପାକିସ୍ତାନ ସ୍ଥିତ ଆତଙ୍କୀ ସଂଗଠନ ଲସ୍କର ଇ ତୋଏବାର ପ୍ରତିଷ୍ଠାତା ହାପିଜ୍ ସୟିଦ୍‌କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସମନ କରିବ । ଏନ୍‌ଆଇଏର ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ସୟିଦ୍‌ଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଜାରି ହେବାପରେ କୁଟନୈତିକ ସ୍ତରରେ ଲାହୋରରେ ଥିବା ହାପିଜ୍‌କୁ କୋର୍ଟ ସମନ ପଠାଇବା ପ୍ରକ୍ରିୟା ଆରମ୍ଭ କରିଛି । ୨୦୨୫ ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣରେ ତା'ର ସମ୍ପୃକ୍ତି ଥିଲା ।

ଜାମ୍ମୁ ଏନ୍‌ଆଇଏର ଏକ ସ୍ୱତନ୍ତ୍ର କୋର୍ଟ ଏହି ସମନ କରିବା ସହ ବୈଦେଶିକ ମନ୍ତ୍ରଣାଳୟ ଜରିଆରେ ଏହାକୁ କାର୍ଯ୍ୟକାରୀ କରିବାକୁ କହିଛି । କୋର୍ଟ ପକ୍ଷରୁ ଜାମିନ ବିହୀନ ୱାରେଣ୍ଟ ଜାରି କରାଯାଇଛି । ପହଲଗାମ ଆକ୍ରମଣ ଘଟଣାରେ ୨୫ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା । ଯଦି ସୟିଦ୍ କୋର୍ଟରେ ହାଜର ନହୁଅନ୍ତି, ତେବେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୩୫୬ ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ନିଆଯିବ । ଏହି ବ୍ୟବସ୍ଥାରେ କୋର୍ଟ ପକ୍ଷରୁ ତଦନ୍ତ କରାଯିବ ଓ ରାୟ ମଧ୍ୟ ଦିଆଯିବ । (୯ ପୃଷ୍ଠାରେ)

## ମିତ୍ରପୁର ବ୍ଲୁଲେକ୍ ଅଥଳ ଜଳରେ ବୁଡ଼ିଗଲେ ୨ ଛାତ୍ର





ନୀଳଗିରି, ୨୨/୮ (ସବ୍ୟୁ) : ଲଗାତର ଭାବେ କିଛି ବର୍ଷ ଧରି ମିତ୍ରପୁର ସ୍ଥିତ ବ୍ଲୁଲେକ୍‌ରେ ଅନେକ ଅମୂଲ୍ୟ ଜୀବନ ଯାଉଥିବା ବେଳେ ଶନିବାର ଦିନ ଗାଧୋଇବାକୁ ଆସି ମିତ୍ରପୁର ବ୍ଲୁଲେକ୍ ଅଥଳ ଜଳରେ ଦୁଇ ଜଣ କଲେଜ ଛାତ୍ର ନିଖୋଜ ହୋଇଯାଇଛନ୍ତି । ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ଯୁକ୍ତ ୨ଦ୍ୱିତୀୟ ବର୍ଷର ତିନି ଜଣ ସାଙ୍ଗ ଏକ ବାଇକରେ ମିତ୍ରପୁର ବ୍ଲୁଲେକକୁ ଗାଧୋଇବା ପାଇଁ ଆସିଥିଲେ । ଦୁଇଜଣ ସାଙ୍ଗ (୯ ପୃଷ୍ଠାରେ)

## ପଦରାଜ ଉମାକାନ୍ତ ନାୟକଙ୍କୁ ମିଳିବ ଜାତୀୟ ଶିକ୍ଷକ ପୁରସ୍କାର



ଭୁବନେଶ୍ୱର, ୨୨।୮ (ସବ୍ୟୁ) : ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଶିକ୍ଷାଦାନ ଶୈଳୀ ଏବଂ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦରାଜ ଉମାକାନ୍ତ ନାୟକ ୨୦୨୬ ମସିହାର ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଶ୍ରୀ ନାୟକ ୨୦୦୪ ମସିହା ଫେବୃଆରୀ ୨୦ ତାରିଖରେ ବାରମୁଣ୍ଡଳୀସ୍ଥିତ ମରୀଚପୁର ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଜର ଶିକ୍ଷାଦାନ ଜୀବନ ଆରମ୍ଭ କରିଥିଲେ । ଅଭିଜ୍ଞତା ଭିତ୍ତିକ ଓ ସୃଜନଶୀଳ ଶିକ୍ଷାଦାନ ମାଧ୍ୟମରେ ଶ୍ରେଣୀଗୃହ ଶିକ୍ଷାଦାନର ମାନ ବୃଦ୍ଧି କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେ ୨ ଟି ଅନ୍ତର୍ଜାତୀୟ ଓ ୪ ଟି ଜାତୀୟ ସମ୍ମିଳନୀରେ ଶିକ୍ଷାଦାନ ପଦ୍ଧତି ସମ୍ପର୍କିତ ଗବେଷଣା ପତ୍ର ଉପସ୍ଥାପନ କରିଛନ୍ତି ।

ରାଜ୍ୟ ବୋର୍ଡ ବିଜ୍ଞାନ ପାଠ୍ୟପୁସ୍ତକକୁ ଆଧାର (୯ ପୃଷ୍ଠାରେ)

### ଏମ୍‌ଏମ୍‌ଡିଆର ସଂଶୋଧିତ ଆଇନ୍‌କୁ କଂଗ୍ରେସର ବିରୋଧ

## ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ରାଜ୍ୟପାଳ, ବାଚସ୍ପତିଙ୍କୁ ଭେଟିଲେ



ଭୁବନେଶ୍ୱର, ୨୨।୮ (ସବ୍ୟୁ) : ଖଣି, ଖଣିଜ ବିକାଶ ଏବଂ ନିୟନ୍ତ୍ରଣ (ଏମ୍‌ଏମ୍‌ଡିଆର) ସଂଶୋଧିକ ଆଇନ୍‌କୁ ନେଇ ଏବେ ରାଜ୍ୟରେ ପ୍ରତିବାଦ ବଢ଼ିବାରେ ଲାଗିଛି । ଉଭୟ କଂଗ୍ରେସ ଓ ବିଜେଡି ଏହି ଆଇନ୍‌କୁ ବିରୋଧ କରିଛନ୍ତି । କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ଆଜି କଂଗ୍ରେସ ବିଧାୟକମାନେ ରାଜ୍ୟପାଳ ଓ ବାଚସ୍ପତିଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ବିଧାନସଭାର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି । ଅପରପକ୍ଷରେ ବିଜେଡି ମଧ୍ୟ ପ୍ରଥମରୁ ଏହାକୁ ବିରୋଧ କରି ରାଜ୍ୟବ୍ୟାପୀ ପ୍ରତିବାଦ କରିବ ବୋଲି ନିଷ୍ପତ୍ତି ନେଇଛି ।

କଂଗ୍ରେସ ବିଧାୟକମାନେ ଆଜି ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି । ଏହାପରେ ବାଚସ୍ପତିଙ୍କୁ ଭେଟି ମଧ୍ୟ ଏକ ସ୍ମାରକପତ୍ର ଦେଇ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି । ଏହି ଆଇନ୍‌କୁ ରଦ୍ଦ କରିବା ପାଇଁ ରାଜ୍ୟବ୍ୟାପୀ ଆନ୍ଦୋଳନ ଲାଗି କଂଗ୍ରେସ ପ୍ରସ୍ତୁତ ଚଳାଇଛି । ଶ୍ରୀ କାଡାମ କହିଛନ୍ତି ଯେ ଓଡ଼ିଶାର ଖଣିଜ ସମ୍ପଦ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ । ଏହି ଆଇନ୍ ସଂଶୋଧନବେଳେ ରାଜ୍ୟର ବିଜେପି ସାଂସଦମାନେ ଲୋକସଭାରେ ଚୁପ୍ ରହିଥିଲେ । ଆସନ୍ତା ୨୫ ତାରିଖରେ ପ୍ରତି ଜିଲ୍ଲାରେ ପ୍ରତିରୋଧ ଦିବସ ପାଳନ କରାଯିବ । ପୂର୍ବରୁ ବିଜେଡି ସଭାପତି ତଥା ବିରେଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି । ବିଜେଡିର (୯ ପୃଷ୍ଠାରେ)

### ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବିରୋଧୀ : ବିଜେପି

## ଦେଢ କୋଟିରୁ ଉର୍ଦ୍ଧ୍ୱ ଠକେଇ, ଦୁଇ ଭାଇ ଗିରଫ

ଭୁବନେଶ୍ୱର, ୨୨।୮ (ସବ୍ୟୁ) : ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇ ଭାଇ ହେଲେ ରାକେଶ କୁମାର ଗୌଡ (୩୦) ଓ ଲୁକେଶ କୁମାର ଗୌଡ ।

ରାକେଶ କୁମାର ଗୌଡ ମାଗମା ରିଭୋଲ୍ୟୁଏସନ୍ ନାମରେ ଫାଇନାନ୍ସ ଇଭେଷ୍ଟମେଣ୍ଟ ଇନ୍‌ପୋର୍ଟ-ଏକ୍ସପୋର୍ଟ ଓ ଅନଲାଇନ୍ ଟ୍ରେଡିଂ ବ୍ୟବସାୟ କରୁଥିବା ଏତଲାକାରୀ ଜ୍ୟୋତିରଞ୍ଜନ ସାହୁଙ୍କୁ କହିଥିଲେ । ୨୦୨୪ ମସିହାରୁ ରାକେଶ ଅଭିଯୋଗକାରୀଙ୍କ ସାନ ଭାଇ ସୁବାସ ରଞ୍ଜନ ସାହୁଙ୍କ ସହ ଘନିଷ୍ଟ ସମ୍ପର୍କ ରଖି ତାଙ୍କୁ ନିଜ କମ୍ପାନୀରେ ଟଙ୍କା ବିନିଯୋଗ ପ୍ରଲୋଭନ ଦେଖାଇଥିଲେ । ଟଙ୍କା ବିନିଯୋଗ କଲେ ମାସିକ ୧୦ ରୁ ୧୫ % ଲାଭ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ରାକେଶଙ୍କ ବାପା ନିରଞ୍ଜନ ଗୌଡ ଓ ଭାଇ ଲୁକେଶ କୁମାର ଗୌଡ ମଧ୍ୟ ଅଭିଯୋଗକାରୀଙ୍କ ପରିବାରକୁ ଭରସା ଦେଇ ଟଙ୍କା ବିନିଯୋଗ କରିବାକୁ କହିଥିଲେ ।

ସେମାନଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ଓ ତାଙ୍କ ଭାଇ ବ୍ୟାଙ୍କ ଋଣ ଏବଂ ଧାର କରି ରାକେଶକୁ ଟଙ୍କା ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଅଭିଯୋକାରୀଙ୍କ ଖାତାରୁ ୨୯ ଲକ୍ଷ ୯୩ ହଜାର ଟଙ୍କା ଏବଂ ତାଙ୍କ ଭାଇଙ୍କ ଖାତାରୁ ୧୩ ଲକ୍ଷ ୬୫ ହଜାର ୫୫୦ ଟଙ୍କା ବ୍ୟାଙ୍କ ମାଧ୍ୟମରେ ରାକେଶଙ୍କ ଖାତାକୁ ପଠାଇଥିଲେ । ଅନ୍‌ଲାଇନ୍‌ରେ ମୋଟ ୪୩ ଲକ୍ଷ ୫୬ ହଜାର ୫୫୦ ଟଙ୍କା ଦେଇଥିବାବେଳେ ନଗଦ ୧ କୋଟି ୨ଲକ୍ଷ ୯୩ ହଜାର ୪୫୦ ଟଙ୍କା ଦେଇଥିବା ଅଭିଯୋଗରେ (୯ ପୃଷ୍ଠାରେ)

## ଇତିହାସ

୧୮୭୫- ସ୍ୱତନ୍ତ୍ରତା ସେନାନୀ ଏବଂ ଚମ୍ପାରଣ ସତ୍ୟାଗ୍ରହର ପ୍ରମୁଖ ଲୋକଙ୍କ ମଧ୍ୟରେ ଜଣେ ରାଜକୁମାର ଶୁକ୍ଳଙ୍କ ଜନ୍ମ ।

୧୯୧୮- ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ମରାଠି କବି ଗୋବିନ୍ଦ ବିନାୟକ କରନ୍ଦିକରଙ୍କ ଜନ୍ମ ।

୧୯୪୭- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶର ଉପରାଷ୍ଟ୍ରପତି ରୂପେ ନିଯୁକ୍ତ

୧୯୭୫- ପ୍ରସିଦ୍ଧ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ବିନାୟକରାଓ ପଟବର୍ଦ୍ଧନଙ୍କ ଦେହାନ୍ତ ।

୧୯୮୬- ବମ୍ବେର ଶମ୍ଭୁ ଆଭାବାନେ ସବୁଠୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଟାଇପିଙ୍ଗ୍‌ର ମାରାଥନ୍ ଜିତି ବିଶ୍ୱ ରେକର୍ଡର ଅଧିକାରୀ ହେଲେ ।

୧୯୯୪- ପ୍ରସିଦ୍ଧ ଭାରତୀୟ ମହିଳା ସ୍ୱିମର୍ ଆରତୀ ଶାହଙ୍କ ଦେହାନ୍ତ ।

୧୯୯୫- ବ୍ୟବସାୟିକ ରୂପେ ଦେଶର ପ୍ରଥମ ସେଲୁଲାର୍ ଫୋନ୍ କଲିକତାରେ ଜାରି କରାଗଲା ।

୨୦୦୭-ୟୁନେସ୍କୋର ବିଶ୍ୱ ସ୍ମୃତି ରେଜିଷ୍ଟର୍‌ରେ ଋଗ୍‌ବେଦର ୩୦ଟି ପାଣ୍ଡୁଲିପି ସାମିଲ ।

୨୦୧୧- ଚୀନ୍‌ର ବିଜ୍ଞାନ ଏକାଡେମୀର ବୈଜ୍ଞାନିକ ବ୍ରହ୍ମପୁତ୍ର ଓ ସିନ୍ଧୁ ନଦୀର ଉଦ୍‌ଗମ ସ୍ଥଳର ସନ୍ଧାନ କଲେ ।

## ସୁଗନ୍ଧଯୁକ୍ତ ଅମ୍ଳଜାନ

ମହାରାଷ୍ଟ୍ରର ନାଗପୁରସ୍ଥିତ ଅନନ୍ତା ସୁପର ସ୍ପେଶିଆଲିଟି ହସପିଟାଲରେ ରୋଗୀଙ୍କ ପାଇଁ ଏକ ଅନନ୍ୟ 'ଅକ୍ସିବାର୍' ସେବା ଆରମ୍ଭ କରାଯାଇଛି । ଯେଉଁଠାରେ ଲୋକମାନେ ସୁଗନ୍ଧିତ ଓ ବିଭିନ୍ନ ଫ୍ଲେଭରଯୁକ୍ତ ଅକ୍ସିଜେନ ନେବାର ସୁବିଧା ପାଉଛନ୍ତି । ଏହି ସେସନ୍ ସମୟରେ ଚାରୋଟି ଭିନ୍ନ ଭିନ୍ନ ଫ୍ଲେଭରର ଅକ୍ସିଜେନ ସହ ଡିପ୍ ବ୍ରିଦିଂ, ଅରୋମାଥେରାପି, ନୂଆ ପ୍ରଙ୍ଗ୍ ଏବଂ ଗ୍ରୀନ୍ ଟି ମଧ୍ୟ ପ୍ରଦାନ କରାଯାଉଛି । ଯାହା ମାନସିକ ଅବସାଦ ଓ କ୍ଲାନ୍ତି ଦୂର କରି ଶରୀରକୁ ସତେଜ କରିବାରେ ସାହାଯ୍ୟ କରେବୋଲି ଦାବି କରାଯାଉଛି । ଏହି ସେବାର ଭିଡିଓ ଇନଷ୍ଟାଗ୍ରାମରେ ଭାଇରାଲ ହେବା ପରେ ଏହା ଖୁବ ଭାଇରାଲ ହେବାରେ ଲାଗିଛି ।




## ଅଜଗରର କ୍ୟାନ୍ସର ଚିକିତ୍ସା



ଇଂଲଣ୍ଡର ଚେଷ୍ଟର ଚିଡ଼ିଆଖାନାରେ ଥିବା ୨୩ ବର୍ଷୀୟା 'ଜୋଡି ଫୋଷ୍ଟର' ନାମକ ଏକ ୧୫ ଫୁଟ ଲମ୍ବ ଓ ୫୦ କିଲୋ ଓଜନର ଅଜଗର ସାପ କ୍ୟାନ୍ସରରୁ ରକ୍ଷା ପାଇବାରେ ସଫଳ ହୋଇଛି । ପ୍ରଥମେ ତା' ଶରୀରରେ 'ଫାଇବ୍ରୋସାର୍କୋମା' ନାମକ କ୍ୟାନ୍ସର ବୋଲି ଜଣାପଡ଼ିବା ପରେ ସର୍ଜରୀ କରାଯାଇଥିଲା । ମାତ୍ର କିଛି ଦିନ ପରେ କ୍ୟାନ୍ସର ପୁଣି ଫେରିବାରୁ ଏବଂ ହାଡ଼ ପର୍ଯ୍ୟନ୍ତ ବ୍ୟାପିଯିବାରୁ ଡାକ୍ତରମାନେ ସର୍ଜରୀ ସହ 'ଇଲେକ୍ଟ୍ରୋକିମୋଥେରାପି' କରିଥିଲେ । ସାପ ଶରୀରରେ ପ୍ରଥମ ଥର ପାଇଁ କରାଯାଇଥିବା ଏହି ବିରଳ ଚିକିତ୍ସା ପ୍ରକ୍ରିୟାରେ 'ବ୍ଲୋମାଇସିନ୍' ଔଷଧ ଦେବା ସହ କ୍ୟାନ୍ସର ପ୍ରଭାବିତ ସ୍ଥାନରେ ଇଲେକ୍ଟ୍ରିକ୍ ପଲ୍ସ ଦିଆଯାଇଥିଲା । ଯାହାଫଳରେ ପ୍ରାୟ ୯୦ ମିନିଟର ଏହି ସଫଳ ଚିକିତ୍ସା ପରେ ଅଜଗରଟିର ଜୀବନ ବଞ୍ଚିପାରିଛି ଏବଂ ସେ ଏବେ ସାଧାରଣ ଭାବେ ଖାଦ୍ୟ ଗ୍ରହଣ କରୁଛି ।

## ସୋସିଆଲ କୋଟ୍ସ



ଆକାଂକ୍ଷା ଗୋଟିଏ ସାପ ସଦୃଶ । ଗୌରବଙ୍କୁ ସେ ବ୍ୟବହାର କରୁଛନ୍ତି । କେବଳ ତାଙ୍କ ନାଁ ବ୍ୟବହାର କରି ନିଜର ବ୍ରାଣ୍ଡ୍ ବଢାଉଛନ୍ତି ।

ଓରି, ସୋସିଆଲ ଇନ୍‌ଫ୍ଲୁଏନ୍ସର



ଗତ ୧୩ ବର୍ଷ ଭିତରେ ମୋର ୨୫୦ କୋଟିର କ୍ଷତି ହୋଇଛି । ଯେଉଁମାନଙ୍କର ପଇସା ବାକି ଅଛି ସେମାନଙ୍କର ପଇସା ଘରେ ପହଞ୍ଚାଇ ଦେବି ।

ରାଜପାଲ ଯାଦବ, ଅଭିନେତା



ଆଜି କାଲି ଏହା ଏକ ସାଧାରଣ ଘଟଣାରେ ପରିଣତ ହୋଇଗଲାଣି । ଯିଏ ପାରୁଛି ସିଏ ସୋସିଆଲ ମିଡିଆରେ ନାରୀମାନଙ୍କୁ ଗାଳି ଦେବାରେ ଲାଗିଛନ୍ତି । ଯାହା ଖୁବ ବ୍ୟଥିତ କରୁଛି ।

ଶ୍ୱେତା ତିୱାରୀ, ଅଭିନେତ୍ରୀ

## କ୍ୟାମ୍ପରେ ଶିଖୁଛନ୍ତି ଜୀବନର ମହତ୍ତ୍ୱ

ଚୀନ୍‌ରେ ଆଜିକାଲି ଧନୀ ପରିବାରର ପିଲାମାନଙ୍କୁ ଶ୍ରମ ଓ ଚାଷକାର୍ଯ୍ୟ ଶିଖାଇବା ପାଇଁ ଏକ ସ୍ୱତନ୍ତ୍ର 'ହାର୍ଡସିପ୍ ସମର କ୍ୟାମ୍ପ'ର ଆୟୋଜନ କରାଯାଉଛି । ଏହି କ୍ୟାମ୍ପ ପାଇଁ ଅଭିଭାବକମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି, ଯେଉଁଠାରେ ପିଲାମାନେ ଚାଷକାର୍ଯ୍ୟ, ଘୁଷୁରି ପାଳନ ଏବଂ ଗଛର ଛାଲ ଛଡ଼ାଇବା ଭଳି କଠିନ କାମ ଶିଖୁଛନ୍ତି । ଏହି କ୍ୟାମ୍ପର ୧୦ ଦିନିଆ ଫି' ୪,୦୦୦ ୟୁଆନ୍ (ପ୍ରାୟ ୪୮ ହଜାର) ରହିଛି । କ୍ୟାମ୍ପରେ ପହଞ୍ଚିବା ପରେ ପିଲାମାନଙ୍କର ମୋବାଇଲ୍ ଫୋନ୍ ଜମା ରଖାଯାଏ ଏବଂ ସେମାନଙ୍କ କାର୍ଯ୍ୟ ଅନୁସାରେ ହିଁ ସେମାନଙ୍କୁ ଜିନିଷପତ୍ର ଯୋଗାଇ ଦିଆଯାଏ । କାମ ନକଲେ ପିଲାମାନଙ୍କୁ ଖାଇବାକୁ କେବଳ ସିଝା ଆଳୁ ମିଳିଥାଏ । କ୍ୟାମ୍ପ ଆୟୋଜକଙ୍କ କହିବା ଅନୁଯାୟୀ, ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ପରିଶ୍ରମୀ କରି ଗଢ଼ିତୋଳିବା ଏବଂ କଠିନ ଶ୍ରମ ଓ ଚାଷ ମାଧ୍ୟମରେ ରୋଜଗାର କରିବାର ପ୍ରକୃତ ମୂଲ୍ୟ ବୁଝାଇବା । ଅନେକ ସମୟରେ ଭିଡିଓରେ ପିଲାମାନେ କାନ୍ଦି କାନ୍ଦି ଘରକୁ ଫେରିବାକୁ ନିବେଦନ କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି । କିଛି ଅଭିଭାବକଙ୍କ ମତରେ, ପିଲାମାନଙ୍କୁ ସହରର ଆରାମଦାୟକ ଓ ବିଳାସପୂର୍ଣ୍ଣ ଜୀବନଶୈଳୀରୁ ବାହାର କରିବା ଅତ୍ୟନ୍ତ ଜରୁରୀ ।



## ନଡ଼ିଆ ଚିକେନ



**ସାମଗ୍ରୀ-** ଚିକେନ, କଟା ପିଆଜ, ରସୁଣ, ଅଦା, ଶୁଖିଲା ଲଙ୍କା, ଟମାଟୋ, ଭୃସଙ୍ଗ ପତ୍ର, ଖଣ୍ଡ ନଡ଼ିଆ, ଗୋଟା ଧନିଆ, ଗୋଟା ଜିରା, ପାନମଧୁରୀ, ଗୁଜୁରାତି, ଅଳେଇଚ, ଲବଙ୍ଗ,ଗୋଲମରିଚ, ଗୋଟା ଗରମ ମସଲା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ମିଟ୍ ମସଲା, କାଶ୍ମିରୀ ଚିଲି, କସୁରୀ ମେଥି, ତେନ୍ତୁଳି ରସ, ଚିନି, ଗରମ ମସଲା ଗୁଣ୍ଡ, ଧନିଆ ପତ୍ର ।

**ପ୍ରଣାଳୀ-** ଚିକେନକୁ ଧୋଇ ଲୁଣ ଓ ହଳଦି ପକାଇ ଗୋଳାଇ ରଖନ୍ତୁ । ପିଆଜକୁ କାଟି ରଖନ୍ତୁ । ଏହାପରେ ଟମାଟୋ, ରସୁଣ, ଅଦା, ଶୁଖିଲା ଲଙ୍କାକୁ ବାଟି ନିଅନ୍ତୁ । ଏହାପରେ ଭୃସଙ୍ଗ ପତ୍ର, ଖଣ୍ଡ ନଡ଼ିଆ, ଗୋଟା ଧନିଆ, ଗୋଟା ଜିରା, ପାନମଧୁରୀ, ଗୁଜୁରାତି, ଅଳେଇଚ, ଲବଙ୍ଗ,ଗୋଲମରିଚକୁ ଅଳ୍ପ ଭାଜି ନିଅନ୍ତୁ । ଏହି ଭଜା ମସଲାକୁ ଗୁଣ୍ଡ କରି ରଖନ୍ତୁ । ଏହାପରେ ପ୍ୟାନରେ ତେଲ ଦେଇ ଏଥିରେ ଗୋଟା ଗରମ ମସଲା ଓ ଭୃସଙ୍ଗ ପତ୍ର ପକାନ୍ତୁ । ଏହାପରେ ପିଆଜକୁ ଭାଜି ସେଥିରେ ବଟା ଅଦା ରସୁଣ ମସଲା ଦେଇ କଷନ୍ତୁ । ଏହାପରେ ଏଥିରେ ଚିକେନକୁ ପକାନ୍ତୁ । ଏହାପରେ ଏଥିରେ ଗ୍ରାଇଣ୍ଡ କରାଯାଇଥିବା ଗୁଣ୍ଡ ମସଲା ଓ ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ମିଟ୍ ମସଲା, କାଶ୍ମିରୀ ଚିଲି ଦେଇ କଷନ୍ତୁ । ମସଲା ଭଲଭାବେ କଷି ହେବା ସହ ଚିକେନ ଅଧା ସିଝି ଆସିଲେ ଏଥିରେ ପାଣି ଦେଇ ଦିଅନ୍ତୁ । ପାଣି ଅଳ୍ପ ଫୁଟିବା ପରେ ଏଥିରେ ଚିନି ଓ ତେନ୍ତୁଳି ରସ ଅଳ୍ପ ଦିଅନ୍ତୁ । ଶେଷରେ ଏଥିରେ ଧନିଆ ପତ୍ର, କସୁରୀ ମେଥି ଓ ଗରମ ମସଲା ପକାଇ ପ୍ରସ୍ତୁତ କରନ୍ତୁ ନଡ଼ିଆ ଚିକେନ ଏହାକୁ ଭାତ ସହ ପରଷନ୍ତୁ ।

## ବର୍ଜ୍ୟ କାଚ ବୋତଲରୁ ଘର

ବ୍ରାଜିଲର ଇଟାମାରାକା ଦ୍ୱୀପରେ ୫୫ ବର୍ଷୀୟା ପରିବେଶବିତ୍ ଏଡନା ଡାନ୍ତାସ ଓ ତାଙ୍କ ଝିଅ ମାରିଆ ମିଶି କାଚ ବୋତଲ ଏବଂ ବର୍ଜ୍ୟବସ୍ତୁ ବ୍ୟବହାର କରି ଏକ ଅନନ୍ୟ ୭ କୋଠରୀ ବିଶିଷ୍ଟ ଘର ତଆରି କରିଛନ୍ତି । ପ୍ରଥମେ ଉଭୟ ପ୍ରାୟ ଦୁଇ ବର୍ଷ ଧରି ୧୩ ହଜାରରୁ ଅଧିକ ଫିଙ୍ଗାଯାଇଥିବା ବୋତଲ ସଂଗ୍ରହ କରିଥିଲେ । ଯାହାପରେ ସେଥିରୁ ୮ ହଜାର କାଚ ବୋତଲରେ ସେମାନେ ଘରର ଭିତି ଓ କାନ୍ଥ, କାଠର ପୁରୁଣା ପ୍ୟାଲେଟ୍‌ରୁ ଘରର ଅନ୍ୟାନ୍ୟ ପ୍ରସ୍ତୁତ କରିଛନ୍ତି । ପ୍ରଥମେ ମାରିଆଙ୍କ ସିଲେଇ କର୍ମଶାଳା ପାଇଁ ୨୧୫ ବର୍ଗଫୁଟର ଗୋଟିଏ କୋଠରୀ ତିଆରି କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଏକ ପୂର୍ଣ୍ଣାଙ୍ଗ ଘରର ରୂପ ଦିଆଯାଇଛି । ଯାହା ସମୁଦ୍ରକୂଳରେ ପଡ଼ିରହୁଥିବା ବୋତଲଗୁଡ଼ିକର ପୁନଃବ୍ୟବହାର କରି ପରିବେଶ ସୁରକ୍ଷା ପାଇଁ ଏକ ନୂଆ ବାର୍ତ୍ତା ଦେଉଛି । ଘରଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବାର ଦେଖିବାକୁ ମିଳିଛି ।



## କଙ୍ଗନାଙ୍କ କଡ଼ା ଜବାବ

ସିନେ-ତାରକା ଶର୍ମିଳା ଟାଗୋର ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'କୁ ନେଇ ଦେଇଥିବା ଏକ ବିବାଦୀୟ ବୟାନ ପରେ ଏବେ ବଲିଉଡ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାଓତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଶର୍ମିଳା ଟାଗୋର ଏକ ସାକ୍ଷାତକାରରେ କହିଥିଲେ ଯେ, 'ବନ୍ଦେ ମାତରମ୍' ସଙ୍ଗୀତରେ କାଳୀ ଓ ଦୁର୍ଗାଙ୍କ ଭଳି ଅନେକ ଦେବଦେବୀଙ୍କ ଉଲ୍ଲେଖ ଥିବାରୁ ଏହା ଏକ-ଈଶ୍ୱରବାଦୀ ଆସ୍ଥା ରଖିଥିବା ଲୋକଙ୍କ ପାଇଁ ସହଜ ନୁହେଁ । ସେଣ୍ଟ ସମସ୍ତଙ୍କୁ ଆପଣେଇବା ପାଇଁ ଏହାର ପ୍ରଥମ ଦୁଇଟି ଅନ୍ତରା ହିଁ ଗ୍ରହଣଯୋଗ୍ୟ । ଏହି ବକ୍ତବ୍ୟର କଡ଼ା ଜବାବ ଦେଇ କଙ୍ଗନା ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, କଳାକାର ଓ କବିମାନେ ଭାବନା ପ୍ରକାଶ କରିବା ପାଇଁ ବିଭିନ୍ନ ରୂପକ ବ୍ୟବହାର କରିଥାନ୍ତି । ଯେପରି ସ୍ୱାମୀ ବିବେକାନନ୍ଦ ଯୁବସମାଜକୁ ଲୁହାରେ ନିର୍ମିତ ବୋଲି ପ୍ରକାଶ କରିଥିଲେ । ସେ ଶର୍ମିଳାଙ୍କୁ ଏହି ଫାଙ୍କା 'ହିନ୍ଦୁ-ମୁସଲିମ୍' ଚିନ୍ତାଧାରାରୁ ବାହାରିବାକୁ ଅନୁରୋଧ କରିବା ସହ ଜଣେ କଳାକାର ହୋଇ ସେ କିପରି ସାହିତ୍ୟକୁ ଏତେ ସୀମିତ ଦୃଷ୍ଟିକୋଣରୁ ଦେଖୁଛନ୍ତି ବୋଲି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ।



## ମେଷ



**ମେଷ:** ଅର୍ଥ ସମସ୍ୟା, ମାନସିକ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଯାତ୍ରାରେ ସମସ୍ୟା, ଦେବକାର୍ଯ୍ୟରେ ଆଗ୍ରହ, ଶାରୀରିକ ସୁସ୍ଥତା । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ସଫଳ, ଶାରୀରିକ ସୁସ୍ଥ, ଅର୍ଥ ଲାଭ, ଶୁଭ ସମାଚାର, ଅଯଥା ଖର୍ଚ୍ଚାନ୍ତ, ଭ୍ରମଣ ଯୋଗ, ନୂତନ ଆୟ, ଦ୍ରବ୍ୟ ଲାଭ, ପାରିବାରିକ ସୁଖ, ସମ୍ପତ୍ତି ଲାଭ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ ଶାନ୍ତି, ବନ୍ଧୁ ସମସ୍ୟା, ଅଯଥା ଚିନ୍ତା, କାର୍ଯ୍ୟରେ ଅସନ୍ତୋଷ, ଆଶାରେ ବାଧା, ଶୁଭ ଖବର, ଗୃହେ ଉତ୍ସବ, ଶାରୀରିକ ସୁସ୍ଥ, ସନ୍ତାନ ସୁଖ, ବିଦ୍ୟାରେ ସଫଳ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ଭ୍ରମଣ ଯୋଗ, ସମ୍ମାନ ବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତି ଲାଭ, ଉଚ୍ଚଆଶାରେ ବିଳମ୍ବ, ଦାମ୍ପତ୍ୟ ସୁଖ, ଯାତ୍ରାରେ ସଫଳତା, ଶତ୍ରୁ ପରାଜିତ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ୍, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ସମ୍ମାନ ପ୍ରାପ୍ତି, ସମ୍ପର୍କରେ ଲାଭ, ଦୂର ଯାତ୍ରା, ଉତ୍ସବ ପ୍ରତି ଆଗ୍ରହ, ଅତିଥି ଚର୍ଚ୍ଚା, ଦ୍ରବ୍ୟ ଲାଭ, କର୍ମକ୍ଷେତ୍ରରେ ସମସ୍ୟା, ଶାରୀରିକ ସୁସ୍ଥ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶାରୀରିକ ସୁସ୍ଥ, ଉତ୍ସବ ପ୍ରତି ଆଗ୍ରହ, ଶୁଭ ଖବର, ପାରିବାରିକ କଳହ, ସମ୍ପତ୍ତି ବିବାଦ, ବ୍ୟବସାୟରେ ଶତ୍ରୁତା, ଅର୍ଥ ସମସ୍ୟା । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା:** ଚୋରି ଭୟ, ମାନସିକ ଅବସାଦ, ଦୂର ଯାତ୍ରା, ପାରିବାରିକ ଖୁସି, ଅର୍ଥ ଖର୍ଚ୍ଚ, ଦେବକାର୍ଯ୍ୟ ରହିବ, ଯାତ୍ରାରେ ସତର୍କ, ସନ୍ତାନ ସମସ୍ୟା, ବନ୍ଧୁ ଦର୍ଶନ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ବିଛା:** ଦ୍ରବ୍ୟ ଲାଭ, ଶୁଭ ଖବର, ବ୍ୟବସାୟରେ ଲାଭ, ଭୂସମ୍ପତ୍ତି ଲାଭ, ବିବାଦୀୟ କାର୍ଯ୍ୟରେ ବିଜୟ, ମାନସିକ ଶାନ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ସୁଖ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲ୍ଡେନ, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ବନ୍ଧୁ ସହଯୋଗ, ଦୂର ଯାତ୍ରା, ପାରିବାରିକ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଚିନ୍ତା, ଅର୍ଥ ସମସ୍ୟା, ସମ୍ପର୍କ ବୃଦ୍ଧି, ସମ୍ମାନ ପ୍ରାପ୍ତି, ବିଦ୍ୟାରେ ଅସଫଳ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପିତାମାତାଙ୍କ ସେବା ।

**ମକର:** ପିଲାଙ୍କ କଷ୍ଟ, ଅର୍ଥ ସମସ୍ୟା, ଶାରୀରିକ କଷ୍ଟ, ମାନସିକ ଶାନ୍ତି, ବନ୍ଧୁ ସହଯୋଗ, ସମ୍ପତ୍ତି ବିବାଦ, ଦ୍ରବ୍ୟ ଲାଭ, ବ୍ୟକ୍ତି ସହାୟତା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୩, ଆରାଧନା- ଲକ୍ଷ୍ମୀନୃସିଂହ ।

**କୁମ୍ଭ:** କଳହ ଯୋଗ, ଦୂର ଯାତ୍ରା, ଅର୍ଥ ଖର୍ଚ୍ଚ, ଅଯଥା ଅଶାନ୍ତି, ବନ୍ଧୁ ଲାଭ, ଦେବକାର୍ଯ୍ୟରେ ଶାନ୍ତି, ଶୁଭ ସମ୍ବାଦ, ଉଚ୍ଚ ଆଶାରେ ବାଧା, ମାନସିକ ଆଘାତ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ ।

**ମୀନ:** ଶାନ୍ତିପ୍ରଦ, ଆଶା ସଫଳ, ବନ୍ଧୁ ଲାଭ, ଦ୍ରବ୍ୟ ପ୍ରାପ୍ତି, ଗୃହେ ଉତ୍ସବ, ଦୂର ଯାତ୍ରା, ସନ୍ତାନ ଖୁସି, ପାରିବାରିକ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ । ଉତ୍ତରଭାଦ୍ରପଦ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

ଶ୍ରାବଣ ଶୁକ୍ଳପକ୍ଷ ଏକାଦଶୀ
୨୩.୮.୨୦୨୬, ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮






କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲ୍‌ଭର ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏଏଫ୍‌ଆଇର ଚେୟାରମ୍ୟାନ୍ ଲଳିତ କୁମାର ଭାନୋଟ୍, କ୍ରୀଡା ନିର୍ଦ୍ଦେଶକ ୟେଦୁଲା ବିଜୟ, ଏଏଫ୍‌ଆଇ କୋଷାଧ୍ୟକ୍ଷ ବି ଷ୍ଟାନଲେ ଜୋନ୍ସ, କାର୍ଯ୍ୟକାରୀ ସଭାପତି ଜି. ଶ୍ରୀନିବାସଙ୍କ ଉପସ୍ଥିତିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ।

# ବାରଣାସୀରେ 'ଓଡ଼ିଶା ପରବ' ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ବାରଣାସୀରେ ଶନିବାରଠାରୁ ତିନି ଦିନିଆ 'ଓଡ଼ିଶା ପରବ' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଦୀନଦୟାଲ ହସ୍ତକଳା ସଙ୍କୁଳ (ଟ୍ରେଡ୍ ଫାସିଲିଟେସନ୍ ସେଣ୍ଟର ଏବଂ କ୍ରାଫ୍ଟସ ମ୍ୟୁଜିୟମ)ଠାରେ ଅନୁଷ୍ଠିତ ଏହି ମହୋତ୍ସବରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ ହସ୍ତଶିଳ୍ପ ଏବଂ ସ୍ୱାଦିଷ୍ଟ ବ୍ୟଞ୍ଜନର ସମ୍ଭାର ପ୍ରଦର୍ଶିତ ହେଉଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କେ. ଭି. ସିଂହଦେଓ ଏବଂ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଶ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ପର୍ଯ୍ୟଟନ ମନ୍ତ୍ରୀ ଜୟବୀର ସିଂହ, ଶ୍ରମ ମନ୍ତ୍ରୀ ଅନିଲ ରାଜଭର, ବିଧାୟକ ଡଃ ଅବଧେଶ ସିଂହଙ୍କ ସମେତ ଦୁଇ ରାଜ୍ୟର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ଓ ପର୍ଯ୍ୟଟନର ବିକାଶ ପାଇଁ ଏହା ଏକ ପ୍ରମୁଖ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରଦର୍ଶନୀରେ ୨୨ଟି ହସ୍ତଶିଳ୍ପ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ମିଶନ ଶକ୍ତି, ଓଆରଏମଏଏସ ଏବଂ ଓଟିଡିସି ପ୍ରମୁଖ ସହଯୋଗ କରୁଛନ୍ତି। ସାଂସ୍କୃତିକ ସନ୍ଧ୍ୟାରେ ଉତ୍ତର ପ୍ରଦେଶର ... ଏବଂ ୧୦ଟି ଓଡ଼ିଆ ଖାଦ୍ୟ ଷ୍ଟଲ୍ ସ୍ଥାନ ପାଇଛି। ହସ୍ତଶିଳ୍ପ ଓ ଜୀବନ୍ତ ପ୍ରଦର୍ଶନ: ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ତାରକସି, ଢୋକ୍ରା ଶିଳ୍ପ, କୋଟପାଡ଼ ବସ୍ତ୍ର ଏବଂ ସମ୍ବଲପୁରୀ ହସ୍ତତନ୍ତର ଜୀବନ୍ତ ପ୍ରଦର୍ଶନ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ପାରମ୍ପରିକ ଓଡ଼ିଆ ଖାଦ୍ୟ, ଦହିବରା ଆଳୁଦମ୍, ପିଠା, ମିଠା, ମାଣ୍ଡିଆ ଜାତୀୟ ଖାଦ୍ୟ ଏବଂ କୋରାପୁଟ କଫିର ସ୍ୱାଦ ନେବାକୁ ଲୋକଙ୍କ ଭିଡ଼ ଜମୁଛି। ଓଡ଼ିଶୀ, ଗୋଟିପୁଅ ଏବଂ ସମ୍ବଲପୁରୀ ନୃତ୍ୟ ସହ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯାଉଛି। ପୁରୀ, କୋଣାର୍କ, ବୌଦ୍ଧ ପରିପଥ (ରତ୍ନଗିରି, ଉଦୟଗିରି, ଲଳିତଗିରି) ଏବଂ ଚିଲିକା, ଭିତରକନିକା ଓ ଶିମିଳିପାଳ ଭଳି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ପ୍ରଚାର କରାଯାଉଛି। ଆସନ୍ତା ୨୪ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ସଂସ୍କୃତି, ବ୍ୟଞ୍ଜନ ଓ ହସ୍ତଶିଳ୍ପର ଅନୁଭୂତି ନେବା ପାଇଁ ସମସ୍ତ ସାଧାରଣ ନାଗରିକ ଓ ଦର୍ଶକଙ୍କ ପାଇଁ ପ୍ରବେଶ ମାଗଣା ରଖାଯାଇଛି।



## ହୋଟେଲରେ ବାସି ଖାଦ୍ୟ ଖାଇ ଯୁବକ ଗୁରୁତର

ବାଲେଶ୍ୱର, (ସବ୍ୟୁ): ହୋଟେଲରେ ବାସି ଖାଦ୍ୟ ଖାଇ ଯୁବକ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ଏହିଅଭାଯୋଗ ବାଲେଶ୍ୱର ନୀଳଗିରି ଅଞ୍ଚଳରୁ ଆସିଛି । ଅସୁସ୍ଥ ଯୁବକଙ୍କୁ ତୁରନ୍ତ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ, ୪ ଜଣ ବନ୍ଧୁ ମିଶି ନୀଳଗିରିର ଏକ ହୋଟେଲକୁ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲେ । ସେଠାରେ ଖାଦ୍ୟ ଖାଇବା ପରେ ଶ ଜଣେ ଯୁବକ ହଠାତ ଅସୁସ୍ଥ ହୋଇପଡ଼ିଥିଲେ । ଅନ୍ୟବନ୍ଧୁମାନେ ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲକୁ ନେଇ ଭର୍ତ୍ତି କରିଥିଲେ ।ତେବେ ଚିକିତ୍ସା ପରେ ବର୍ତ୍ତମାନ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।

# ୯ ଲକ୍ଷ ସାଇବର ଠକେଇ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୯ ଲକ୍ଷ ଟଙ୍କା ସାଇବର ଠକେଇ ଅଭିଯୋଗରେ ସାଇବର ଥାନା ପୋଲିସ ଜଣେ ମୁଲ ବ୍ୟାଙ୍କ ଆକାଉଣ୍ଟଧାରୀ ଶ୍ରମିକ ରାଜେନ୍ଦ୍ର ସିଂକୁ ମୟୂରଭଞ୍ଜରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ରାଜେନ୍ଦ୍ରକୁ ହାଣ୍ଡିଆ ପିଆଇବା ପରେ ୬ ହଜାର ଟଙ୍କା ଦେଇ ତା' ନାରେ ୬ ଟି ଆକାଉଣ୍ଟ ଖୋଲିଥିଲେ ସାଇବର ଠକ । ସେହି ୬ ଟି ଆକାଉଣ୍ଟରେ ୧୫ ଲକ୍ଷ ସାଇବର ଠକେଇ ଟଙ୍କା କାରବାର ହୋଇଥିବା ପୋଲିସ କହିଛି ।୨୦୧୩ ମସିହାରେ ବ୍ୟାଙ୍କ ଚାକିରୀରୁ ଅବସର ନେଇଥିବା ଅଭିଯୋଗକାରୀଙ୍କ ଆକାଉଣ୍ଟକୁ ସାଇବର ଠକ ୯ ଲକ୍ଷ ଟଙ୍କା ଲୁଟି ନେଇଥିବା ସେ ସାଇବର ଥାନାରେ ଅଭିଯୋଗ କରିଥିଲେ । ସାଇବର ଠକ ଅଭିଯୋକାରୀକୁ ଇଣ୍ଡିଆନ ବ୍ୟାଙ୍କ ଅଫିସର ପରିଚୟ ଦେଇ ତାଙ୍କୁ କ୍ରେଡିଟ୍ କାର୍ଡ କରାଇଦେବା ପାଇଁ ଅନ୍‌ଲାଇନରେ ପ୍ରତିଶ୍ରୁତି ଦେଇଥିଲେ । ସେ ଇଣ୍ଡିଆନ ବ୍ୟାଙ୍କ ରୁ ଅବସର ନେଇଥିବାରୁ ଠକଙ୍କ କଥାକୁ ବିଶ୍ୱାସ କରିଥିଲେ । ହ୍ୱାଟସାପ୍‌ରେ ଲିଙ୍କ ପଠାଇ ଓପନ୍ କରିବାକୁ କହିଥିଲେ । ଲିଙ୍କ୍ ପଠାଇବାର କାରଣ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ଜାଣିଲେ କ୍ରେଡିଟ୍ କାର୍ଡ କରିବା ପାଇଁ ସୁବିଧା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସାଇବର ଥାନାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ମୁଲ ବ୍ୟାଙ୍କ ଆକାଉଣ୍ଟ ହୋଲଡର ରାଜେନ୍ଦ୍ର ସିଂକୁ ମୟୂରଭଞ୍ଜରୁ ଗିରଫ କରିବା ପରେ ବହୁ ରହସ୍ୟଜନକ ତଥ୍ୟ ପୋଲିସ ହାତରେ ଲାଗିଛି । ବାଲେଶ୍ୱରର ଲିପୁ ବୋଲି ଜଣେ ଯୁବକ ରାଜେନ୍ଦ୍ର ସିଂକୁ ହାଣ୍ଡିଆ ଓ ୬ ହଜାର ଟଙ୍କା ଦେଇ ତା' ନାଁରେ ୬ ଟି ଆକାଉଣ୍ଟ ଖୋଲି ସେଥିରେ ସାଇବର ଠକେଇ ଟଙ୍କା କାରବାର କରିଥିବା ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି । ରାଜେନ୍ଦ୍ରଙ୍କୁ ପ୍ରଭାବିତ କରିଥିବା ଆନ୍ତଃରାଜ୍ୟ ସାଇବର ଠକେଇ ର୍ୟାକେଟ୍ ଓଡିଶା ,ଆସାମ, ଦିଲ୍ଲୀ ଓ ଗୁଜୁରାଟ ପ୍ରଭୃତି ରାଜ୍ୟରୁ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି । ଏମାନେ ଦେବଗଡ, ଭୁବନେଶ୍ୱର, ମୟୂରଭଞ୍ଜ,ବାଲେଶ୍ୱର ପ୍ରଭୃତି ଜିଲ୍ଲାର ଆକାଉଣ୍ଟ ହୋଲ୍ଡରଙ୍କ ବ୍ୟାଙ୍କ ଖାତାରେ ସାଇବର ଠକେଇ ଟଙ୍କା କାରବାର କରୁଥିବା ତଦନ୍ତ ବେଳେ ଜଣାପଡିଛି । ରାଜେନ୍ଦ୍ର ସିଂଙ୍କୁ ସାଇବର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇଦିଆଯାଇଛି ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ପେନ୍‌ସନର୍ସ ଓ ରିଟାରିଜ୍ ଆସୋସିଏସନ୍ ପକ୍ଷରୁ "ସାହାଯ୍ୟ-ହୋପ୍ ଅଫ୍ ଲାଇଫ୍" ଅନାଥ ଆଶ୍ରମକୁ ୱାସିଂ ମେସିନ୍ ପ୍ରଦାନ

କଟକ, (ସବ୍ୟୁ) : ବ୍ୟାଙ୍କ ଅଫ୍ ଇଣ୍ଡିଆ ପେନ୍‌ସନର୍ସ ଓ ରିଟାରିଜ୍ ଆସୋସିଏସନ୍ ପକ୍ଷରୁ କଟକ ୪୨ ମୌଜାସ୍ଥିତ "ସାହାଯ୍ୟ-ହୋପ୍ ଅଫ୍ ଲାଇଫ୍"ର ଅନାଥ ଓ ଅଭାବୀ ଅନ୍ତେବାସୀମାନଙ୍କର ବ୍ୟବହାର ପାଇଁ ଏକ ୱାସିଂ ମେସିନ୍ ପ୍ରଦାନ କରାଯାଇଛି । ଏହି ଅବସରରେ ଆସୋସିଏସନ୍‌ର ସଭାପତି କମ୍ରେଡ୍ ଏ.କେ ମୋତାୟଦ୍ , ସାଧାରଣ ସମ୍ପାଦକ କମ୍ରେଡ୍ ମନୋରଞ୍ଜନ ଦାସ, ସଙ୍ଗଠନ ସମ୍ପାଦକ କମ୍ରେଡ୍ ସତ୍ୟ ରଞ୍ଜନ ଦାଶ, କୋଷାଧ୍ୟକ୍ଷ କମ୍ରେଡ୍ ଡି.କେ କାନୁନ୍‌ଗୋ ଏବଂ କାର୍ଯ୍ୟକାରୀ ସଦସ୍ୟ କମ୍ରେଡ୍ ଆର୍.ସି ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ ଅଲ୍‌ଟିମେଟ୍ ମେଡିକେୟାରରେ ଗୁରୁତର ନବଜାତ ଶିଶୁର ସଫଳ ଚିକିତ୍ସା

ଭୁବନେଶ୍ୱର, (ସବ୍ୟୁ): ନବଜାତ ଶିଶୁଙ୍କ ଜଟିଳ ଚିକିତ୍ସା କ୍ଷେତ୍ରରେ ଏକ ବିରଳ ସଫଳତା ହାସଲ କରିଛନ୍ତି ସମ୍ ଅଲଟିମେଟ୍ ମେଡିକେୟାରର ଡାକ୍ତରୀ ଟିମ୍। ଗୁରୁତର ହୃତ୍‌ପିଣ୍ଡ ବିଫଳତା, ମ୍ୟୋକାର୍ଡାଇଟିସ୍, କାର୍ଡିଓଜେନିକ୍ ଶକ୍, ତୀବ୍ର ଯକୃତ ବିଫଳତା ଏବଂ ହିମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ (ଏଚ୍‌ଏଲ୍‌ଏଚ୍) ସହ ଜଡ଼ିତ ଅତ୍ୟଧିକ ପ୍ରଦାହଜନିତ ପ୍ରତିକ୍ରିୟାରେ ପୀଡ଼ିତ ଜଣେ ନବଜାତ ଶିଶୁକୁ ଚିକିତ୍ସା କରି ସୁସ୍ଥ କରିବାରେ ସମ୍ମ୍ ଡାକ୍ତରମାନେ ସଫଳ ହୋଇଛନ୍ତି। ଜନ୍ମ ସମୟରେ ସଂପୂର୍ଣ୍ଣ ସୁସ୍ଥ ଦେଖାଯାଉଥିବା ଏହି ଶିଶୁ କନ୍ୟାଟି କ୍ଷେତ୍ରରେ ମାତ୍ର ୧୩ ଦିନରେ ଅତ୍ୟଧିକ କାନ୍ଦିବା, ଅସ୍ଥିରତା ଏବଂ ସ୍ତନପାନ ନ କରିପାରିବା ଭଳି ଲକ୍ଷଣ ଦେଖାଇଥିଲା। ତେଣୁ ତା'ର ଉନ୍ନତ ଚିକିତ୍ସା ପାଇଁ ସମ୍ ଅଲଟିମେଟ୍ ମେଡିକେୟାରକୁ ଅଣାଯାଇଥିଲା।

ହସ୍ପିଟାଲରେ ଭର୍ତ୍ତି ସମୟରେ ଶିଶୁଟି ଗୁରୁତର ହୃଦ୍‌ଜନିତ ସଙ୍କଟରେ ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ତା'ର କାର୍ଡିଓଜେନିକ୍ ଶକ୍ ହେବାରୁ ଭେଣ୍ଟିଲେଟର ଏବଂ ହୃଦ୍‌କାର୍ଯ୍ୟକୁ ସମର୍ଥନ ଦେବା ପାଇଁ ଉନ୍ନତ ଧରଣର ଚିକିତ୍ସା ଆବଶ୍ୟକ ହୋଇଥିଲା। ପରୀକ୍ଷା ନିରୀକ୍ଷା ପରେ ଶିଶୁଟିର ହୃଦୟ ଉପରେ ଥିବା ଅତ୍ୟଧିକ ଚାପର ସ୍ପଷ୍ଟ ପ୍ରମାଣ ମିଳିଥିଲା। ହୃଦ୍‌ଜନିତ ଚାପର ଏକ ପ୍ରମୁଖ ସୂଚକ ଏନ୍‌ପି-ପ୍ରୋବିଏନ୍‌ପି ସ୍ତର ସାଧାରଣତଃ ପ୍ରାୟ ୧୨୫ ଥିବା ବେଳେ ୩୫,୦୦୦ରୁ ଅଧିକ ହୋଇଯାଇଥିଲା। ସେହିପରି ଗୁରୁତର ପ୍ରଦାହର ସୂଚକ ସିରମ୍ ଫେରିଟିନ୍ ସ୍ତର ସାଧାରଣତଃ ପ୍ରାୟ ୧୫୦ ଏନ୍‌ଜି/ଏମ୍‌ଏଲ୍ ଥିବା ବେଳେ ୧,୦୦,୦୦୦ ଏନ୍‌ଜି/ଏମ୍‌ଏଲ୍ ଅଧିକ ଦେଖାଦେଇଥିଲା।

ଚିକିତ୍ସକମାନଙ୍କ ଅନୁସାରେ, ଏହା ଏକ "ବିରଳରୁ ବିରଳତମ" ନବଜାତ ମାମଲା, ଯେଉଁଥିରେ ଅଳ୍ପ ସମୟ ମଧ୍ୟରେ ଶିଶୁର ଏକାଧିକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହୋଇଥିଲା। ଶିଶୁଟିକୁ ମେକାନିକାଲ୍ ଭେଣ୍ଟିଲେସନ୍, ହୃଦ୍‌କାର୍ଯ୍ୟ ସମର୍ଥନ ପାଇଁ ଔଷଧ, ମ୍ୟୋକାର୍ଡାଇଟିସ୍‌ର ଚିକିତ୍ସା ଏବଂ ଗୁରୁତର ପ୍ରଦାହଜନିତ ପ୍ରତିକ୍ରିୟାର ନିୟନ୍ତ୍ରଣ ଭଳି ବିଭିନ୍ନ ଚିକିତ୍ସା ଦିଆଯାଇଥିଲା। ବହୁବିଭାଗୀୟ ଚିକିତ୍ସା ଏବଂ ନିରନ୍ତର ନିରୀକ୍ଷଣ ପରେ ଶିଶୁଟିର ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର ଆସିଥିଲା। ଏହା ପରେ ଧୀରେ ଧୀରେ ଶିଶୁଟି ସୁସ୍ଥ ହେବା ପରେ ଭେଣ୍ଟିଲେଟରରୁ ବାହାର କରାଯାଇଥିଲା ଏବଂ ଧୀରେ ଧୀରେ ସେ ମୁଖ୍ୟ ଖାଦ୍ୟ ଗ୍ରହଣ କରିବାକୁ ସକ୍ଷମ ହୋଇଥିଲା। ବର୍ତ୍ତମାନ ଶିଶୁଟି କୌଣସି ସହାୟତା ବିନା ସ୍ୱାଭାବିକ ଭାବେ ଶ୍ୱାସପ୍ରଶ୍ୱାସ ଗ୍ରହଣ କରୁଛି ଏବଂ ତା'ର ସ୍ୱାସ୍ଥ୍ୟ ସ୍ଥିର ରହିଛି।



## ହାଇୱା ଧକ୍କାରେ ଯୁବକ ମୃତ

ଆଠଗଡ ,(ସବ୍ୟୁ): ଶନିବାର ସକାଳେ ପୁରୁଣା କଟକ ସମ୍ବଲପୁର ରାସ୍ତାରେ ଏକ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକ ହେଉଛନ୍ତି ବଡମ୍ବା ଥାନା ଅନ୍ତର୍ଗତ କରଡିବନ୍ଧ ଗ୍ରାମ ର ନିତ୍ୟାନନ୍ଦ ବାରିକଙ୍କ ପୁଅ ପୀତବାସ ବାରିକ (୪୨) ।ସେ ଜଗତପୁର ଅଞ୍ଚଳର ଏକ ଘରୋଇ ସଂସ୍ଥା ରେ କାର୍ଯ୍ୟରତ ଥିବା ବେଳେ ଶନିବାରି ସକାଳୁ କର୍ମ କ୍ଷେତ୍ରକୁ ନିଜର ବାଇକ ଯୋଗେ ଯାଉଥିଲେ । ତେବେ ପୁରୁଣା କଟକ ସମ୍ବଲପୁର ରାସ୍ତା ଆଙ୍କୁଲା ପେଟ୍ରୋଲ ପମ୍ପ ନିକଟରେ ସାମ୍ନା ପଟୁ ତାଙ୍କୁ ଗୋଟିଏ ହାଇୱା ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ ଏ ବାବଦରେ ପୋଲିସ କୁ ଖବର ଦେବା ସହିତ ପୀତବାସ ଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଠଗଡ ପୋଲିସ ଦୁର୍ଘଟଣା ଜନିତ ମାମଲା ୩୪୫ /୨୬ ଅନୁସାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନାଦେଇଛନ୍ତି ।

## ଭୁବନେଶ୍ୱର ଫେରି ବାଚସ୍ପତିଙ୍କୁ ଭେଟିଲେ ଭାରତର ପ୍ରଥମ ମହିଳା ମାଉଣ୍ଟ ୟୁନମ ଦଳ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଫେରିଛନ୍ତି ଭାରତର ପ୍ରଥମ ମହିଳା ପର୍ବତାରୋହୀ ଦଳ। ହିମାଚଳ ପ୍ରଦେଶର ମାଉଣ୍ଟ ୟୁନମ ଶିଖରକୁ ସଫଳତା ସହ ଆରୋହଣ କରି ଗତକାଲି ରାତିରେ ଫେରିଥିବା ୧୧ଜଣିଆ ମହିଳା ଦଳ ଆଜି ସକାଳେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କୁ ଭେଟିଛନ୍ତି। ଅଗଷ୍ଟ ୭ ତାରିଖରେ ମାଉଣ୍ଟ ୟୁନମ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଦଳ ବାଚସ୍ପତିଙ୍କ ଠାରୁ ଗ୍ରହଣ କରିଥିବା ତ୍ରିରଙ୍ଗା ସଂଯୁକ୍ତ ଆଇସ୍ ଆକ୍ସକୁ ସସମ୍ମାନର ସହ ହସ୍ତାନ୍ତର କରିଛନ୍ତି। ଅଭିଯାନ ସମୟରେ ଦଳ ପ୍ରତିକୂଳ ପାଗ, ଅମ୍ଳଜାନର ଅଭାବ, ଶିଖରର ତୀକ୍ଷ୍ଣତା ଆଦି ବିଭିନ୍ନ ଆହ୍ୱାନପୂର୍ଣ୍ଣ ପରିବେଶରେ ୨୦,୧୦୦ ଫୁଟ୍ ଆରୋହଣ କରି ସ୍ୱାଧୀନତା ଦିବସରେ ମାଉଣ୍ଟ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉତ୍ତୋଳନ କରିଥିଲା। ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ଦଳନେତ୍ରୀ ଅନିତା ସ୍ୱାଇଁ, ସୋନାଲି ଭୋଇ, ପ୍ରୀତି ପୋଢ, ଲିଲି ସାହୁ ଏବଂ ଶ୍ରୀୟାଶକ୍ତି ପାତ୍ରୋ ଶିଖରକୁ ପହଞ୍ଚି ପାରିଥିଲା ବେଳେ ଅନ୍ୟ ସଦସ୍ୟାମାନେ ନିକଟତର ହୋଇପାରିଥିଲେ ମଧ୍ୟ ଅସୁସ୍ଥତା ପାଇଁ ଫେରିବାକୁ ବାଧ୍ୟ ହୋଇଥିଲେ। ଆସୋସିଏସନ ଫର୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ୍ ଆକ୍ଟିଭିଟିଜ୍ ଏବଂ ଓଡ଼ିଶାର ଅଗ୍ରଣୀ ବିଜ୍ଞାପନ, ଡିଜିଟାଲ ଓ ଇଭେଣ୍ଟମ୍ୟାନେଜମେଣ୍ଟ ସଂସ୍ଥା ସଙ୍କେତ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଅଭିଯାନକୁ ସଫଳ କରିବାରେ ପ୍ରଶିକ୍ଷକ ତାରାକାନ୍ତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସୋମନାଥ ରେଡ୍ଡୀ ନିରନ୍ତର ସହାୟତା କରିଥିଲେ। ୮୦ତମ ସ୍ୱାଧୀନତା ଦିବସରେ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉତ୍ତୋଳନ କରି ମହିଳାମାନେ ଏହି ଐତିହାସିକ ସଫଳତା ଓଡ଼ିଶା ପାଇଁ ଆଣିଛି ଗର୍ବ ଓ ଗୌରବ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢୀ ଦଳର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସାହସ ଓ ଦୃଢସଙ୍କଳ୍ପର ପ୍ରଶଂସା କରିଛନ୍ତି। ଏହି ଅଭିଯାନର ସଫଳତା ଆଗାମୀ ଦିନରେ ଓଡ଼ିଶାର ମହିଳାମାନଙ୍କୁ ଏହିଭଳି ଦୁଃସାହସିକ କ୍ରୀଡା ପ୍ରତି ପ୍ରେରିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପରେ ପରେ ସଙ୍କେତ କମ୍ୟୁନିକେସନ୍ସ ପକ୍ଷରୁ ଏହାର ଭୁବନେଶ୍ୱର କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ ୧୧ ଜଣ ମହିଳା ୟୁନମ ପର୍ବାତାରୋହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଦସ୍ୟାମାନେ ମାଉଣ୍ଟ ଶିଖର ଯାତ୍ରାର ଭାବବିହ୍ୱଳ ଅନୁଭୂତି ସମସ୍ତଙ୍କ ସହ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ 'ଆଶା' ଫାଉଣ୍ଡେସନର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଷ ଚନ୍ଦ୍ର ଜେନା, ଉପସଭାପତି ହରେଶ କୁମାର ମିଶ୍ର ଏବଂ ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



# ନିଆଁ ଲାଗି ଜଳିଗଲା ୫ ଦୋକାନ

ଭୁବନେଶ୍ୱର, (ସବ୍ୟୁ) :ୟୁନିଟ୍ ୧ ମାର୍କେଟରେ ନିଆଁ ଲାଗି ୫ ଦୋକାନ ଜଳିଯାଇଛି । ଏହା ପୂର୍ବରୁ ନିଆଁ ଲାଗି ୪୦ ଟି ଦୋକାନ ପୋଡିଯାଇଥିଲା । ବର୍ଷକ ମଧ୍ୟରେୟୁନିଟ୍ ୧ ମାର୍କେଟରେ ୪ ଥର ସଟ୍ ସର୍କିଟରୁ ନିଆଁ ଲାଗିଲାଣି । ବାରମ୍ବାର ନିଆଁ ଲାଗିବା ଦ୍ୱାରା ଦୋକାନୀମାନେ ଭୟଭୀତ ହେଉଛନ୍ତି । ଶନିବାର ସଟ୍ ସର୍କିଟରୁ ନିଆଁ ଲାଗି ଦୁଇଟି ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ତିନୋଟି ଦୋକାନର ଅର୍ଦ୍ଧାଧିକ ଅଂଶ ପୋଡି ଯାଇଛି । ଖବର ପାଇ ଅଗ୍ନିଶମ ବାହିନୀର ଦୁଇଟି ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଠିକ୍ ସମୟରେ ଅଗ୍ନିଶମ ବାହିନୀ ଗାଡି ପହଞ୍ଚିନଥିଲେ ଅଧିକ ଦୋକାନ ପୋଡି ଯାଇଥାନ୍ତା । ସମ୍ପୂର୍ଣ୍ଣ ଜଳିଯାଇଥିବା ଦୁଇଟି ଦୋକାନ ମଧ୍ୟରେ ଗୋଟିଏ ଡାଲି -ଚାଉଳ ଦୋକାନ ଓ ଅନ୍ୟଟି ପୂଜା ସାମଗ୍ରୀ ଦୋକାନ । ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ନିଆଁରେ ପୋଡି ପାଉଁଶ ହୋଇଯାଇଛି । ବିଏମ୍‌ସି କହିବା ଅନୁଯାୟୀ ଖୁବ୍‌ଶୀଘ୍ର ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଯାହା ଫଳରେ ବାରମ୍ବାର ଅଗ୍ନିକାଣ୍ଡ ଘଟିବ ନାହିଁ ।



## ୧୦ ଦିନରେ ୨ ବିଦ୍ୟୁତ ଟ୍ରାନ୍ସଫରମର ଚୋରି

ଗଣିଆ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ଚୋର ଗ୍ୟାଙ୍ଗ ଲୋକଙ୍କ ଆଖିରେ ଧୂଳି ଦେଇ ୧୦ ଦିନ ମଧ୍ୟରେ ଦୁଇଟି ୧୦ କେଭି ବିଦ୍ୟୁତ ଟ୍ରାନ୍ସଫରମର ଚୋରି କରି ନେଇ ଯାଇଛନ୍ତି । ମିଳିଥିବା ୧୦ ଦିନ ତଳେ ଛାଡମୁଳ ଭଗା ମୁଣ୍ଡା ଗ୍ରାମରୁ ଗୋଟିଏ ୧୦କେଭି ବିଦ୍ୟୁତ ଟ୍ରାନ୍ସଫରମର ଚୋରି ହୋଇଥିବା ବେଳେ ଗୁରୁବାର ରାତିରେ ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟ ନିକଟ ବଙ୍ଗଳା ସାହିରୁ ଆଉ ଏକ ୧୦କେଭି ବିଦ୍ୟୁତ ଟ୍ରାନ୍ସଫରମର ଚୋରି ହୋଇଥିବା ଜଣା ପଡିଛି ।ଫଳରେ ଉଭୟ ଗ୍ରାମର କିଛି ଉପୋଭୋକ୍ତା ଅନ୍ଧାରରେ ରହିଥିବା ଅଭିଯୋଗ ହେଉଛି । ୧୦ରୁ ୧୫ଘର ଥିବା ସାହି ବା ଗ୍ରାମରେ ଛୋଟ ଛୋଟ ୧୦କେଭି ପାଓ୍ୱାର ର ବିଦ୍ୟୁତ ଟ୍ରାନ୍ସଫରମର ଲାଗିଥାଏ । ଏହି ଟ୍ରାନ୍ସଫରମର ଗୁଡିକ ମାତ୍ର ଚାରୋଟି ନଟବୋଲଡ଼ ଦ୍ୱାରା ରହୁଥିବାରୁ ଚୋରମାନେ ସହଜରେ ଚୋରି କରିବାରେ ସକ୍ଷମ ହେଉଛନ୍ତି । ଟ୍ରାନ୍ସଫରମର ଭିତରେ ଥିବା ତମ୍ବା କଏଲ କୁ ଚୋରି କରି ଅନ୍ୟତ୍ର ବିକ୍ରି କରୁଥିବା ଅନୁମାନ କରାଯାଉଛି । ସେହିପରି ଗତ କିଛି ମାସ ତଳେ ବେଠିଆସାହି, ଛାମୁଣ୍ଡିଆ ମଧୁପୁର ଗ୍ରାମରୁ ମଧ୍ୟ ଟ୍ରାନ୍ସଫରମର ଚୋରି ହୋଇଥିଲା । ଅନ୍ୟପକ୍ଷେ ଚଳିତ ବର୍ଷ ବନ୍ୟା ବେଳେ ଛାମୁଣ୍ଡିଆ ଛକ ନିକଟ ମହାନଦୀ କୂଳରୁ ଉଠା ଜଳସେଚନ ବିଭାଗର ଏକ ପାଣି ମୋଟର ଚୋରି ହୋଇଥିବା ଚାଷୀ ମାନଙ୍କ ଠାରୁ ଶୁଣିବାକୁ ମିଳୁଛି ।ଏତଦ ବ୍ୟତୀତ ଗତ ଶୀତ ଦିନେ ଲୋକଙ୍କ ବାଡ଼ି ଅଗଣାରୁ ପାଖାପାଖି ୮ ରୁ ୧୦ ଟି ଟୁଲୁପମ୍ପ କୁ ଚୋରମାନେ ଚୋରି କରି ନେଇ ଯାଇଥିଲେ । ଏଭଳି ବାରମ୍ବାର ଚୋରି ହେବା ଘଟଣା ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି ।

## କଟକରେ ଅପମିଶ୍ରିତ ଖାଦ୍ୟ କାରବାର

# ଓଜେସିର ଆନ୍ଦୋଳନ ଚେତାବନୀ

କଟକ, (ସ୍ୱପ୍ର): କଟକ ସହରରେ ଅପମିଶ୍ରିତ ଓ ନକଲି ଖାଦ୍ୟ ସାମଗ୍ରୀର ଖୋଲାଖୋଲି ବେପାର ଚାଲିଥିବାରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ବିପଦ ସୃଷ୍ଟି ହୋଇଛି । ଏହି ଅବସରରେ ଶନିବାର ସେଲଟର ଛକ ସ୍ଥିତ କାର୍ଯ୍ୟାଳୟରେ କଟକ ସହର ଜନତା କଂଗ୍ରେସ ପାର୍ଟି ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କ୍ଷୀର ଲିଟର ୬୦ ଟଙ୍କା ଥିବାବେଳେ କେମିକାଲ ଓ ମଇଦା ମିଶ୍ରିତ ନକଲି ପନିର କିଲୋ ୨୦୦ ଟଙ୍କାରେ ବିକ୍ରି ହେବା ସହ ସସ୍, ହଳଦୀ ଓ ମସଲାରେ କ୍ଷତିକାରକ ରସାୟନ ମିଶାଯାଉଛି । ଯାହା କ୍ୟାନସର ଓ କିଡନୀ ରୋଗର କାରଣ ପାଲଟୁଛି । ସିଡିଏମଓଙ୍କ ଅଧୀନରେ ବହୁ ଅଧିକାରୀ ଥାଇ ମଧ୍ୟ ସାଧୁ-ବ୍ୟବସାୟୀଙ୍କ ସହ ସଲାସୁତରା ଯୋଗୁଁ ନିୟମିତ ଚଢ଼ାଉ ହେଉନାହିଁ । ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ଦଣ୍ଡବିଧାନ କରାଯାଉନାହିଁ କି ଲ୍ୟାବଟେଷ୍ଟ ରିପୋର୍ଟ ସାର୍ବଜନୀନ କରାଯାଉନାହିଁ । ତୁରନ୍ତ ନିରବଚ୍ଛିନ୍ନ ଯାଞ୍ଚ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ଶ୍ରୀମତୀ ବେହେରା ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କମଧ୍ୟରେ ଉପସଭାପତି ନିକୁଞ୍ଜ ପଶାୟତ, କେଦାର ପୃଷ୍ଟି, ସେକ ଲିଆକତ ଉଦ୍ଦିନଅହମ୍ମଦ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ପ୍ରତାପ ପରିଡ଼ା, ସୁଷମା ଦାସ, ଅବଦୁଲନସିମ, ଚନ୍ଦନ ଦାସ ଓ ଦେବୀ ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



# ଏମ୍ସରେ ଚାକିରି କରାଇଦେବାକୁ କହି ୯ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏମ୍ସରେ ସାନିଟାରୀ ଆଟେଣ୍ଡାଣ୍ଟ ଚାକିରି କରାଇଦେବା ପ୍ରତିଶ୍ରୁତିରେ ୯ ଲକ୍ଷ ଟଙ୍କା ଠକିନେଇଥିବା ଠକ ଭାଗିରଥି ସେଠୀ (୩୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି ତମାଣ୍ଡୋ ଥାନା ପୋଲିସ । ଅଭିଯୋଗକାରୀ ରଞ୍ଜନ ଭୋଇ ପାତ୍ରପଡା, ଭଗବାନପୁର ଅଞ୍ଚଳରେ ରୁହନ୍ତି । ୨୦୨୪ ମସିହା ଅଗଷ୍ଟ ୮ ତାରିଖରେ ତମାଣ୍ଡୋ ଥାନା ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଭାଗିରଥି ସେଠୀ ଅଭିଯୋଗକାରିଙ୍କୁ ଏମ୍ସରେ ସାନିଟାରୀ ଆଟେଣ୍ଡାଣ୍ଟ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଲା । ଅଭିଯୁକ୍ତର କଥାକୁ ବିଶ୍ୱାସ କରି ଅଭିଯୋଗକାରି ତାକୁ ୯ ଲକ୍ଷ ଟଙ୍କାଦେଇଥିଲେ । ୪ ଲକ୍ଷ ୩୬ ହଜାର ଟଙ୍କା ଫୋନ ପେ ମାଧ୍ୟମରେ ଦେଇଥିବା ବେଳେ ଅବଶିଷ୍ଟ ୪ ଲକ୍ଷ ୬୪ ହଜାର ଟଙ୍କା ନଗଦ ଦେଇଥିଲେ । ଟଙ୍କା ନେବାର ପ୍ରାୟ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଚାକିରି କରାଇଦେଇନଥିଲା କିମ୍ବା ଟଙ୍କା ମଧ୍ୟ ତାଙ୍କୁ ଦେଇନଥିଲା । ଅଭିଯୁକ୍ତ ଭାଗିରଥି ସେଠୀ ଘରକୁ ଟଙ୍କା ମାଗିବାକୁ ଯିବାରୁ ଅଭିଯୋକାରିଙ୍କୁ ତାଙ୍କ ପରିବାର ସଦସ୍ୟ ଗାଳି ଗୁଲଜ କରିଥିବା ସେ ଅଭିଯୋଗ ଦର୍ଶାଇଛନ୍ତି । ସର୍ବସାଧାରଣରେ ଗାଳିଗୁଲଜ କରିବା ସହ ଟଙ୍କା ଫେରାଇବେ ନାହିଁ ବୋଲି ସିଧାସଳଖ ମନା କରିଦେଇଥିଲେ । ଉପାୟ ଶୂନ୍ୟ ହୋଇ ମନୋରଞ୍ଜନ ଭୋଇ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ସତ୍ୟାସତ ଜାଣିବା ପରେ ଭାଗିରଥି ସେଠୀକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି । ଏହି ମାମଲାରେ ତଦନ୍ତ ଜାରି ରହିଥିବାରୁ ଅନ୍ୟ ଅଭିଯୋଗ ଗିରଫ ହୋଇପାରିନ୍ତି ବୋଲି ସୂଚନା ରହିଛି । ଭାଗିରଥି ଘର କଟକ ଜିଲ୍ଲା ବାଙ୍କି ଥାନା ଅନ୍ତର୍ଗତ ପାଥପୁର ଗ୍ରାମରେ ହୋଇଥିବା ବେଳେ ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡା, ଭଗବାନ ପୁର ଅଞ୍ଚଳରେ ରୁହେ ବୋଲି ସୂଚନା ମିଳିଛି ।

## ଦରଦାମ ହୁ ହୁ ହୋଇ ବଢୁଛି
# ସରକାର ଶ୍ୱେତପତ୍ର ଜାରି କରନ୍ତୁ : ପଞ୍ଚାନନ

ଭୁବନେଶ୍ୱର, (ସବ୍ୟୁ) : ସାରା ଦେଶରେ ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି । ଦରଦାମ ଉପରେ ସରକାରଙ୍କର ଆଦୌ ନିୟନ୍ତ୍ରଣ ନାହିଁ । ଆଗକୁ ସରକାର ଦରଦାମ କିପରି ନିୟନ୍ତ୍ରଣ କରିବେ ସେ ନେଇ କୌଣସି ଯୋଜନା ମଧ୍ୟ ନାହିଁ । ଗରିବ ଓ ମଧ୍ୟବିତ୍ତଙ୍କ ଭାତ ଥାଳିରେ ଲାତ ମାରି ସରକାର ନିଘୋଡ଼ ନିଦରେ ଶୋଇଛନ୍ତି । ଆଗକୁ ସରକାର କିପରି ଦରଦାମ ନିୟନ୍ତ୍ରଣ କରିବେ ସେ ନେଇ ସରକାର ତୁରନ୍ତ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି । କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାନୁନଗୋ କହିଥିଲେ, କଂଗ୍ରେସ ସରକାର ଦେଶରେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଦୁଇଟି ବିପ୍ଳବ ଆଣି ସଫଳ ହୋଇଥିଲେ । ସବୁଜ ବିପ୍ଳବ ଜରିଆରେ ଦେଶକୁ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିଥିଲେ । ସେହିପରି ଶ୍ୱେତ ବିପ୍ଳବ ଜରିଆରେ ପ୍ରଚୁର ଦୁଗ୍ଧ ଜାତୀୟ ଉତ୍ପାଦ ଦେଶବାସୀଙ୍କ ପାଇଁ ବ୍ୟବସ୍ଥା କରାଇଥିଲେ । କିନ୍ତୁ ଗତ ୧୨ ବର୍ଷରେ ବିଜେପି ସରକାର କୌଣସି ଗୋଟିଏ କ୍ଷେତ୍ରରେ ବି ଦେଶକୁ ସ୍ୱାବଲମ୍ବୀ କରିପାରିନାହାନ୍ତି । ଏଣେ ସରକାର କହୁଛନ୍ତି ଇଥାନଲ-୨୦ ପାଇଁ ଦେଶରେ ଚିନିର ଅଭାବ ହେଉନାହିଁ । ତେବେ ଏତେବର୍ଷ ପରେ କାହିଁକି ଦେଶକୁ ଏତେ ପରିମାଣରେ ଚିନି ଆମଦାନି କରିବାକୁ ପଡୁଛି ବୋଲି ସେ ପ୍ରଶ୍ନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁ ଉପସ୍ଥିତ ଥିଲେ ।

## ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନ ପ୍ରସଙ୍ଗ
# ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ କଂଗ୍ରେସ ଓ ବିଜେଡି ନାଟକ କରୁଛନ୍ତି : ବିରଂଚି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ କିଛି ବିରୋଧୀ ଦଳର ନେତାଙ୍କଠାରୁ ଆରମ୍ଭ କରି ଅନ୍ୟ ରାଜନୈତିକ ଦଳର ନେତାମାନେ ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ଦେଇ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଏମ୍‌ଏମ୍‌ଡିଆର୍ ୧୯୫୭ ମସିହାରୁ ଯାହା ଚାଲିଆସିଛି, ସେଥିରେ କିଛି ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ସଂସଦରେ ବିଲ୍ ଆଗତ କରାଯାଇଥିଲା, ଯାହା ଅଗଷ୍ଟ ୧୨ ଏବଂ ୧୩ ତାରିଖ ଦିନ ପ୍ରଥମେ ଲୋକସଭା ଏବଂ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟସଭାରେ ଗୃହିତ ହେଇସାରିଛି ଏବଂ ରାଷ୍ଟ୍ରପତି ଦସ୍ତଖତ କରିବା ପରେ ବହୁଶୀଘ୍ର ତାହା ଆଇନ୍‌ରେ କାର୍ଯ୍ୟକାରୀ ହେବ। ଖଣି ହେଉଛି ଜାତୀୟ ସମ୍ପତି ଏହାର ସୁବିନିଯୋଗ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଲକ୍ଷ୍ୟ ରଖିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବା ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ। ସେହି ବିକଶିତ ଭାରତରେ ଖଣିଜ ସମ୍ପଦର ସଦୁପଯୋଗ ସହ ଭାଲ୍ୟୁ ଆଡେଡ୍ କରିବା ପାଇଁ ଏହି ଚମତ୍କାର ଆଇନ୍ ଅଣାଯାଇଛି। ପୂର୍ବରୁ ଖଣି କର ବ୍ୟବସ୍ଥାରେ ଯେଉଁ ବ୍ୟବସ୍ଥା ଥିଲା ତାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଏହି ଆଇନ ଅଣାଯାଇଛି। ଏହାଦ୍ୱାରା ଓଡ଼ିଶା ସମେତ ସମସ୍ତ ଖଣିଜ ସମ୍ପଦ ପୂର୍ଣ୍ଣ ରାଜ୍ୟ ଏବଂ ସର୍ବୋପରି ଦେଶ ଲାଭବାନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ




ସମ୍ପାଦକ ବିରଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିରୋଧୀ ଓଡ଼ିଶାକୁ ମିଳୁଥିବା ଲାଭ ବିଷୟରେ ନକହି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତକର ତଥ୍ୟ ଦେଉଛନ୍ତି। ଜିଏସ୍‌ଟି ଲାଗୁ ସମୟରେ ମଧ୍ୟ ବିରୋଧୀ ଏହି ପ୍ରକାର ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ। ୨୦୧୬ ମସିହାରେ ଓଡ଼ିଶା ଟ୍ୟାକ୍ସ ଆକାରରେ ପାଖାପାଖି ୧୫,୦୦୦ କୋଟି ଟଙ୍କା ପାଉଥିଲାବେଳେ ଜିଏସ୍‌ଟି ଲାଗୁ କାରଣରୁ ଚଳିତ ବର୍ଷ ୬୦,୯୨୮ କୋଟି ଟଙ୍କା ପାଇଛନ୍ତି। ଏବେ ଏମ୍‌ଏମ୍‌ଡିଆର ଆଇନ୍‌ରେ ହୋଇଥିବା ସଂଶୋଧନ ଉପରେ ମଧ୍ୟ ସେଭଳି ଅପପ୍ରଚାର କରୁଛନ୍ତି। ୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟିର ସରକାର ଆସିବା ପୂର୍ବରୁ ଖଣି ଟିକସ ବାବଦରେ ଓଡ଼ିଶା ସରକାରଙ୍କୁ ପାଖାପାଖି ୫,୦୦୦ କୋଟି ଟଙ୍କା ମିଳୁଥିଲା। କିନ୍ତୁ ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆଇନ୍ ସଂଶୋଧନ ହେବା ପରେ ଖଣି ନିଲାମ ଏବଂ ଅନ୍ୟାନ୍ୟ ସୂତ୍ରରୁ ଓଡ଼ିଶା ସରକାର ପାଖାପାଖି ୧୦ ଗୁଣା ଅର୍ଥାତ୍ ୫୦,୦୦୦ କୋଟି ଟଙ୍କା ରାଜସ୍ୱ ଆକାରରେ ପାଉଛନ୍ତି। ୨୦୧୪-୧୫ରେ ଯେତେବେଳେ ଏହି ଆଇନ୍‌ରେ ସଂଶୋଧନ ହୋଇଥିଲା, ସେତେବେଳେ ତତ୍କାଳୀନ ଓଡ଼ିଶା ସରକାର ଏହାକୁ ଘୋର ବିରୋଧ କରିଥଲେ। ଓଡ଼ିଶାର କ୍ଷତି ହେଇଯିବ ବୋଲି ପ୍ରଚାର କରିଥିଲେ। କିନ୍ତୁ ଫଳ ଓଡ଼ିଶା ସପକ୍ଷରେ ଗଲା। ଯେବେଠାରୁ କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଦେଶର ଦାୟିତ୍ୱ ନେଇଛନ୍ତି, ସେବେଠାରୁ କୌଣସି ରାଜ୍ୟର କ୍ଷତି ହେବାକୁ ସେ ଦେଇନାହାନ୍ତି। ବିଶେଷ କରି ପୂର୍ବ ଭାରତ ଏବଂ ଓଡ଼ିଶା ତାଙ୍କ ସମୟରେ ଆର୍ଥିକ ଦୃଷ୍ଟିରୁ ଏବଂ ଅନ୍ୟାନ୍ୟ ସବୁ କ୍ଷେତ୍ରରେ ସବୁଠାରୁ ଅଧିକ ଲାଭବାନ ହୋଇଛି।

ଶାହା କମିଶନର ରିପୋର୍ଟ ଅନୁଯାୟୀ ଖଣି ଦୁର୍ନୀତି ଯୋଗୁ ଓଡ଼ିଶା ଯେଉଁ ବ୍ୟାପକ କ୍ଷତିଗ୍ରସ୍ତ ହେଲା ସେଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱାଧୀନ ସରକାର କ'ଣ କରିଛନ୍ତି ତାର ଉତର ଦିଅନ୍ତୁ? ପୂର୍ବରୁ ବିଭିନ୍ନ ରାଜ୍ୟର ସରକାରମାନେ ଟିକସ ନାଁରେ ଅନେକ ପ୍ରକାର କର ଲଗାଉଥିଲେ। ଏହି କରରେ କୌଣସି ସମାନତା ନଥିଲା। ଦେଶରେ ଏହି କର ଉପରେ ଗୋଟିଏ ପ୍ରକାର ସମାନତା ଆଣିବା ପାଇଁ ମୋଦି ସରକାର ଏହି ଆଇନକୁ ସଂଶୋଧନ କରିଛନ୍ତି। ପୂର୍ବରୁ ରାଜ୍ୟମାନେ କର ବାବଦରେ ଯେଉଁ ପ୍ରକାର ସିଧାସଳଖ ୯୦ ପ୍ରତିଶତ ଖଣିଜ ସମ୍ପଦରୁ ପାଇପାରୁଥିଲେ, ଏବେ ମଧ୍ୟ ସେହି ପ୍ରକାର ପାଇପାରିବେ। ଅନ୍ୟାନ୍ୟ ହିସାବକୁ ଦେଖିଲେ ପାଖାପାଖି ୯୬ ପ୍ରତିଶତ ଅର୍ଥ ରାଜ୍ୟମାନେ ପାଇବେ। କେନ୍ଦ୍ର ମାତ୍ର ୪ ପ୍ରତିଶତ ଅର୍ଥ ଯାହା ଆଗରୁ ପାଉଥିଲା ସେଇ ପ୍ରତିଶତ ପାଇବ। ଏହି ଶୃଙ୍ଖଳିତ କର ବ୍ୟବସ୍ଥା ହେଲେ କିଛି ଲୋକଙ୍କର କାହିଁକି ଅସୁବିଧା ହେଉଛି ତାହା ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି।

ଖଣିଜ ପଦାର୍ଥ ଥିବା ଜମିର ବାର୍ଷିକ ମୂଲ୍ୟ ଉପରେ ୨୦ ପ୍ରତିଶତ ଟିକସ ଆଦାୟ ପାଇଁ ତତ୍କାଳୀନ ବିଜେଡି ସରକାର ୨୦୦୪ ମସିହାରେ ଓରିସେଡ୍ ଆକ୍ଟ ଆଣିଥିଲେ, ୨୦୦୫ ଡିସେମ୍ବର ମାସ ୫ ତାରିଖରେ ଓଡ଼ିଶା ହାଇକୋର୍ଟ ତାକୁ ରଦ୍ଦ କରିଦେଲେ, ସେମାନେ ତା' ପରବର୍ତ୍ତୀ ଅବସ୍ଥାରେ ପାଖାପାଖି ୧୮ ବର୍ଷ ଧରି କ୍ଷମତାରେ ରହିଲେ ଏବଂ କେବଳ କେସ୍‌କୁ ଗଡ଼େଇ ଚାଲିଲେ ମାତ୍ର ଜିତିବାକୁ ଉଦ୍ୟମ କଲେ ନାହିଁ। ଆଜି ମଧ୍ୟ ସେହି କେସ୍ ଚାଲିଛି। ସେ ସମୟରେ କେନ୍ଦ୍ରରେ କଂଗ୍ରେସର ସରକାର ଥିଲା ଏବଂ କେନ୍ଦ୍ର ସରକାରଙ୍କ ଏକ ପିଏସ୍‌ୟୁ ଏହି କେସ୍ କରିଥିଲା। ଆଜି ସେଇ କଂଗ୍ରେସ ସହ ମିଶି ବିଜେଡି ଯେଉଁ ପ୍ରକାର ନାଟକ କରୁଛି, ଯାହାକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ। ଏମ୍‌ଏମ୍‌ଡିଆର୍ ଆଇନ୍ ଦ୍ୱାରା ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବରଂ ଲାଭ ହେବ। ଓଡ଼ିଶାରେ ନିବେଶ ଆସିବ। ଖଣିକୁ ଆଧାର କରି ଗଢ଼ିଉଠୁଥିବା ବିଭିନ୍ନ ଶିଳ୍ପ ମଧ୍ୟ ଓଡ଼ିଶାରେ ବିକଶିତ ହେବ, ଯାହାର ଲାଭ ଓଡ଼ିଶାର ଯୁବକମାନେ ପାଇବେ ଓଡ଼ିଶା ସରକାର ମଧ୍ୟ ବିଭିନ୍ନ ପ୍ରକାର କର ଆକାରରେ ଲାଭବାନ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

# ପ୍ରାଥମିକ ବିଦ୍ୟାଳୟର ହଷ୍ଟେଲରେ ଭୂତଭୟ: ଘରକୁ ଫେରିଗଲେ ଛାତ୍ରୀ

ଯୋଡ଼ା, (ସବ୍ୟୁ): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଭୂୟାଁ ରୋଇଡା ପଞ୍ଚାୟତରେ ଥିବା ଭୂୟାଁ ରୋଇଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ନିବାସରେ ଭୂତ ଭୟ ଦେଖାଯାଇଛି । ଅନେକ ଅନ୍ତେବାସୀ ନାନା ରୋଗରେ ପୀଡ଼ିତ ହେବା ପରେ ଭୟର ବାତାବରଣ ଖେଳିଯାଇଥିଲା । ଫଳରେ ବହୁ ସଂଖ୍ୟାରେ ଅନ୍ତେବାସୀ ଭୟଭୀତ ହୋଇ ହଷ୍ଟେଲ ଛାଡ଼ି ଘରକୁ ପଳାଇଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟର ଛାତ୍ରୀନିବାସରେ କେତେଜଣ ଛାତ୍ରୀଙ୍କ ମୁଣ୍ଡ ବୁଲାଇବା, ଗୋଡ଼ ଟାଣିହେବା, ଜ୍ୱର ଆସିବା ପ୍ରଭୃତି ଲକ୍ଷଣ ଦେଖାଯାଇଥିଲା । ହଷ୍ଟେଲରେ ଭୂତ ଥିବା, ତାହାରି ପ୍ରଭାବରେ ଏଭଳି ହେଉଥିବା ଗୁଜବ ପ୍ରଚାର ହୋଇଥିଲା । ଅଭିଭାବକ ପିଲାଙ୍କଠାରୁ ଏ ସମ୍ପର୍କରେ ଖବର ପାଇ ଘରକୁ ନେଇଯାଇଥିଲେ । ପରେ ଉକ୍ତ ବିଦ୍ୟାଳୟରେ ଜଣେ ପରେ ଜଣେ କ୍ରମାଗତ ଭାବେ ଅସୁସ୍ଥହେବା ଦେଖାଯାଇଥିଲା । ଛାତ୍ରୀନିବାସରେ ଭୂତ ଭୟର ବାତାବରଣ ସୃଷ୍ଟି ହୋଇଯାଇଥିଲା । ଯୋଡ଼ା ବ୍ଲକ୍ର ଜୁରୁଡ଼ି, କାରା ପ୍ରଭୃତି ପଞ୍ଚାୟତର ଛାତ୍ରୀମାନେ ଭୟରେ ସ୍କୁଲ ଛାଡ଼ି ଦେଇଥିବା କୁହାଯାଉଛି । ଅନ୍ୟପକ୍ଷେ ସ୍କୁଲ ପରିବେଶ ଦେଖି ଜଣାପଡ଼ିଥିଲା ଯେ, ସ୍କୁଲଟି ଜଙ୍ଗଲ ପରିବେଶ ମଧ୍ୟରେ ଅବସ୍ଥିତ । ଘାସବୁଦା ଏବଂ ଆବର୍ଜନାରେ ଭର୍ତ୍ତି ହୋଇଛି । ଛାତ୍ରୀ ନିବାସରେ ପୂର୍ବରୁ ପ୍ରାୟ ୧୧୦ ଜଣ ଛାତ୍ରୀ ରହୁଥିବା ବେଳେ ବର୍ତ୍ତମାନ ୨୦ ରୁ ୨୨ ଜଣ ରହୁଛନ୍ତି ।

# ଆଇଆଇଟି ଭୁବନେଶ୍ୱରକୁ ରାଜଭାଷା ଉତ୍କର୍ଷ ପୁରସ୍କାର-୨୦୨୬



ଜଟଣୀ, (ସବ୍ୟୁ): ୨୦୨୫-୨୬ ଆର୍ଥିକ ବର୍ଷରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି ) ଭୁବନେଶ୍ୱରକୁ "ରାଜଭାଷା ଉତ୍କର୍ଷ ପୁରସ୍କାର-୨୦୨୬" ଅନ୍ତର୍ଗତ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ୨୧ ଅଗଷ୍ଟ ୨୦୨୬ରେ ନଗର ରାଜଭାଷା କାର୍ଯ୍ୟଭୟନ ସମିତି (ନରାକାସ) (କାର୍ଯ୍ୟାଳୟ-୨), ନରାକାସ (ଉଦ୍ୟୋଗ), ଏବଂ ନରାକାସ (ବ୍ୟାଙ୍କ), ଭୁବନେଶ୍ୱର ଦ୍ୱାରା ମିଳିତ ଭାବରେ ଆୟୋଜିତ "ପ୍ରଥମ ଆନ୍ତର୍ଜାତୀୟ ରାଜଭାଷା ବାର୍ଷିକ ସମ୍ମିଳନୀ, ଓଡ଼ିଶା-୨୦୨୬" ଅବସରରେ ଏହି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଏବଂ ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଡକ୍ଟର ଇନ୍ଦ୍ରେଶ ଯାଦବ ଓଡ଼ିଶାର ଡକ୍ଟର ହରି ବାବୁ କମ୍ଭମପଟିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

## କେଉଁ ବଡ଼ ବଡ଼ ନେତାଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ
# କେନ୍ଦ୍ରମନ୍ତ୍ରୀଙ୍କ କଲ ରେକର୍ଡ ଯାଞ୍ଚ କରାଯାଉ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମ ପ୍ରତିନିଧି ପ୍ରକାଶ ପାଶୱାନଙ୍କ ଅପରାଧିକ ଗତିବିଧିକୁ ନେଇ କଂଗ୍ରେସ ଭବନଠାରେ ଗଣମାଧ୍ୟମ ବିଭାଗ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଥିଲେ ଯେ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସୁଧୁରିବାର ନାଁ ନେଉନଥିବା ବେଳେ ପୁଣି ଏକ ଜଘନ୍ୟକାଣ୍ଡ ରାଉରକେଲାରେ ଘଟି ଯାଇଛି ।

ରାଜ୍ୟର କୌଣସି ବଡ଼ ନେତାଙ୍କୁ ହତ୍ୟା କରିବା ପାଇଁ ଓ ରାଜ୍ୟରେ ଏକ ବଡ଼ ଧରଣର ହତ୍ୟାକାଣ୍ଡ ରଚିବା ପାଇଁ ରାଉରକେଲା ସର୍କିଟ ହାଉସରୁ ହୋଇଥିଲା ବ୍ଲୁ ପ୍ରିଣ୍ଟ । ଏହି ବ୍ଲୁ ପ୍ରିଣ୍ଟ ଷଡଯନ୍ତ୍ର କିଏ କରିଥିଲା ତାକୁ ଖୁଲାସା କରାଯାଉ ବୋଲି କଂଗ୍ରେସ ଦାବି କରିଛି । ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀଙ୍କର ଖାସ ବ୍ୟକ୍ତି, ତାଙ୍କ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ରାଉରକେଲା




ମହାନଗର ନିଗମର ସାଂସଦ ପ୍ରତିନିଧି ପ୍ରକାଶ ପାଶ୍ୱାନଙ୍କ ଦ୍ୱାରା ଏହି ଷଡଯନ୍ତ୍ର ରଚାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଗତ ୧୪ ତାରିଖରେ ରଘୁନାଥପାଲି ପୋଲିସ କୌଣସି ସୂତ୍ରରୁ ଖବର ପାଇ ରାଉରକେଲା (ପାନପୋଷ) ସର୍କିଟ ହାଉସର ରୁମ ନମ୍ବର ୧୦୩ ରୁ ୩ ଜଣଙ୍କୁ (ବିକାଶ, ରାଜେଶ ଓ ସାଗର) ଙ୍କୁ ଗିରଫ କରିବା ସହିତ ୪ ଟି ବନ୍ଧୁକ ଏବଂ ୧୧ ଟି ଜୀବନ୍ତ ଗୁଳି ଜବତ କରିଥିବା ବେଳେ ଉକ୍ତ ଗ୍ୟାଙ୍ଗର ୫ ଜଣ ଅପରାଧୀ ଫେରାର ଅଛନ୍ତି । ଗିରଫ ୩ ଜଣଙ୍କ ମଧ୍ୟରୁ ରାଜେଶ ପୂର୍ବରୁ ବନ୍ଧୁକ କାରବାର ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା । ଅନ୍ୟ ଦୁଇଜଣ ବିକାଶ ଓ ସାଗରଙ୍କ ନାମରେ ପୂର୍ବରୁ ଅପରାଧିକ ମାମଲା ରହିଛି ।

ରାଉରକେଲାର ୧୦୧ ନମ୍ବର ରୁମ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମର ସାଂସଦ ପ୍ରତିନିଧି ପ୍ରକାଶ ପାଶ୍ୱାନ ନାଁରେ ବୁକିଂ ହୋଇ ଥିବା ସିବେ ସେ ୧୦୩ ଓ ୧୦୮ ରେ ରହୁଥିଲେ । ଏହି ପ୍ରଶ୍ନ ଉଠୁଛି, ସର୍କିଟ ହାଉସର ୧୦୩ ଓ ୧୦୮ ନମ୍ବର ରୁମ କାହା ନାଁରେ ବୁକିଂ ହୋଇଥିଲା । ଯାହା ସୁପାରିଶରେ ରୁମ ବୁକିଂ ହୋଇଥିଲା ତାଙ୍କ ସହିତ ଏହି ଅପରାଧୀଙ୍କ ସମ୍ପର୍କ କଣ । ଯଦି କୌଣସି ନେତା ମନ୍ତ୍ରୀଙ୍କ ସୁପାରିସ ନଥିଲା, ତେବେ କଣ ଉପଜିଲ୍ଲାପାଳ ନିଜେ ଅପରାଧୀଙ୍କୁ ରୁମ ଦେଇଥିଲେ ରହିବାକୁ, ଯଦି ଦେଇଥିଲେ କେଉଁ ସ୍ୱାର୍ଥରେ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ବନ୍ଧୁକ ଓ ଜୀବନ୍ତ ଗୁଳି କେଉଁଠୁ ଆସିଲା । ଏଥିରେ ରାଜ୍ୟ ବାହାର ମାଫିଆ ସଂପୃକ୍ତ ଅଛନ୍ତି ନା ନାହିଁ । ଏହି ଅପରାଧୀ ମାନଙ୍କ ସହିତ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ପ୍ରକାଶ ପାଶ୍ୱାନର ସମ୍ପର୍କ କଣ, ଏବଂ ଏମାନେ କେବେଠାରୁ ଏଭଳି ସମ୍ପର୍କରେ ଅଛନ୍ତି । ଉପଜିଲ୍ଲାପାଳ, ପ୍ରକାଶ ପାଶ୍ୱାନ, ମନ୍ତ୍ରୀ ଜୁଏଲ ଓରାମଙ୍କ ୬ ମାସର ମୋବାଇଲ କଲ ଯାଞ୍ଚ କରାଯାଉ । ପ୍ରକାଶ ପାଶ୍ୱାନକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ କାହିଁକି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରକାଶ ପାଶ୍ୱାନକୁ ଦଳରୁ ବାହାର କରି ସ୍ପଷ୍ଟ କରିଛନ୍ତି ଯେ, ସେ ଏକ ଅପରାଧୀ ବୋଲି, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଓ ଗୃହ ବିଭାଗ ତାଙ୍କୁ ଏ ପର୍ଯ୍ୟନ୍ତ ଆରେଷ୍ଟ କରିନି କାହିଁକି । ତେବେ ସରକାର କୋଉ ବଡ଼ ବଡ଼ ନେତାଙ୍କୁ ହତ୍ୟା କରିବାକୁ ଚାହୁଁଥିଲେ ବୋଲି କଂଗ୍ରସ ମୁଖପାତ୍ର ସୋନାଲି ସାହୁ ସାହୁ ପ୍ରଶ୍ନ କରିଛନ୍ତି ।

# ଚଢାଉ ପୂର୍ବରୁ ମାଫିଆ ଫେରାର, ମଦ ସହିତ ପୋଚ ନଷ୍ଟ

ଆଠଗଡ଼ ,(ସବ୍ୟୁ): ଅବକାରୀ ବିଭାଗ ପକ୍ଷରୁ ମଦ ପ୍ରସ୍ତୁତ ବନ୍ଦ କରିବା ପାଇଁ ଯେତେ ଚଢାଉ କଲେ ମଧ୍ୟ ନକଲି ଦେଶୀ ମଦ ପ୍ରସ୍ତୁତ କମିବାର ନାଁ ନେଉନାହିଁ । ଆଠଗଡ଼, ଖୁଣ୍ଟୁଣୀ , ତିଗିରିଆ ହେଉଛି ଦେଶୀ ମଦ ପ୍ରସ୍ତୁତର ପେଣ୍ଠସ୍ଥଳୀ । ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଚଢାଉ କଲେ ମଧ୍ୟ ମଦ ମାଫିଆମାନଙ୍କ ପ୍ରତି କିଛି ଫରକ ପଡେନାହିଁ । ଚଢାଉ ହେବାର କିଛି ଘଣ୍ଟା ପରେ ମଦ ମାଫିଆମାନେ ପୁନର୍ବାର ନକଲି ଦେଶୀ ମଦ ପ୍ରସ୍ତୁତ କରିଥାନ୍ତି । ଅବକାରୀ ବିଭାଗ ପକ୍ଷରୁ ଚଢାଉ ହେବାର କିଛି ସମୟ ପୂର୍ବରୁ ମଦ ମାଫିଆମାନେ କିପରି ଭାବରେ ଜାଣିପାରନ୍ତି ବୋଲି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ । ଅବକାରୀ ବିଭାଗ ପକ୍ଷରୁ କେବଳ ମାମଲା ରୁଜୁ କରି ଆସିଥାନ୍ତି । କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିଓ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପଅଧୀକ୍ଷକ ଶ୍ରୀ ସି ଏଚ ତିରୁପତି ଏବଂ ଆଠଗଡ ଅବକାରୀ ନିରୀକ୍ଷକ ଶ୍ରୀ ରବିନାରାୟଣ ପଧାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡ଼ାଲୁଅ, ଖଣ୍ଡୁଆଳି, ହାତୀ ତୋପ, ମଠନାଳ, ବାଉଁଶ ଟଙ୍ଗୋର, ସରସ୍ୱତୀପୁର, ବନିଆବନ୍ଧ ଓ କଂସର ସଂରକ୍ଷିତ ଜଙ୍ଗଲରେ ଆଠଗଡ, ବାଙ୍କୀ, ନରସିଂହପୁର, ଜିଲ୍ଲା ମୋବାଇଲୟୁନିଟ, କଟକ ସଦର ୧ ଅବକାରୀ ବିଭାଗ ଏବଂ ଖୁଣ୍ଟୁଣୀ ବନ ବିଭାଗ ସହିତ ଏକ ମିଳିତ ଚଡାଉ କରାଯାଇଥିଲା ।

## ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ୧୨୪ତମ ଜୟନ୍ତୀ
# ଓଡ଼ିଶାର ଇତିହାସ ଗବେଷଣାରେ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଓଡ଼ିଶା ପ୍ରତି ସର୍ବଶ୍ରେଷ୍ଠ ଅବଦାନ

ଭୁବନେଶ୍ୱର, (ସବ୍ୟୁ): ଇତିହାସକାର ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ କେବଳ ପାରଳାର ବରପୁତ୍ର ନୁହଁ, ବରଂ ସମଗ୍ର ଓଡ଼ିଶାର ସେ ଥିଲେ ପରଶମଣି। ଓଡ଼ିଶାର ଇତିହାସକୁ ପଥର ଶିଳାରୁ ଖୋଜି ଆଣି ବିସ୍ମୃତ ଓଡ଼ିଆମାନଙ୍କ ପାଖରେ ତାକୁ ପହଞ୍ଚାଇବାର ଯେଉଁ ଦୁଃସାହସ କରିପାରିଛନ୍ତି ତାହା ଓଡ଼ିଆ ଜାତି କେବେ ଭୁଲିପାରିବ ନାହିଁ। ବାସ୍ତବରେ ରାଜଗୁରୁ ନଥିଲେ ଓଡ଼ିଶାର ଅନେକ ଶିଳାଲେଖର ଉନ୍ମୋଚନ ହୋଇପାରନ୍ତା ନାହିଁ ବୋଲି ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ୧୨୪ତମ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. କାହ୍ନୁଚରଣ ପାଢ଼ୀ ମତବ୍ୟକ୍ତ କରିଛନ୍ତି। ପାରଳା ଗଜପତି ବିକାଶ ମଞ୍ଚର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅବସରପ୍ରାପ୍ତ ଅଧୀକ୍ଷକ ତଥା ସୁଲେଖିକା ଡ. ଭାଗ୍ୟଲିପି ମଲ୍ଲ ସତ୍ୟନାରାୟଣ ରାଜଗୁରୁଙ୍କ ଜୀବନର ଅନେକ ଅନାଲୋଚିତ ଦିଗକୁ ନିଜର ସୁନ୍ଦର ଅଭିଭାଷଣ ମାଧ୍ୟମରେ ଉପସ୍ଥାପନା କରିଥିଲେ।

ସମ୍ମାନିତ ବକ୍ତା ଭାବେ ଯୁବ ଲିପିତତ୍ତ୍ୱବିତ୍ ଇଂ ବିଷ୍ଣୁ ମୋହନ ଅଧିକାରୀ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ସର୍ବଭାରତୀୟ ଲିପିତତ୍ତ୍ୱ ଗବେଷଣା, ପାଣ୍ଡୁଲିପି ସଂପାଦନା, ତଥା ଓଡ଼ିଆ ଭାଷାର ପ୍ରାଚୀନତାକୁ ଦର୍ଶାଇବା ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ପ୍ରମାଣ ସହ ଯୁକ୍ତି ଉପସ୍ଥାପନ କରିଥିଲେ। ରାଜଗୁରୁଙ୍କ ବହୁଭାଷୀ ଜ୍ଞାନ ଓ ଲିପିତତ୍ତ୍ୱ ଗବେଷଣାର ତାଙ୍କ ପରେ ଏକ ଅନ୍ତରାୟ ସୃଷ୍ଟି ହୋଇଥିବା କଥା କହି ରାଜ୍ୟ ସରକାରଙ୍କୁ ଲିପିତତ୍ତ୍ୱ ବିଭାଗକୁ ପୁନଃ ଜାଗ୍ରତ ହେବା ପାଇଁ ଅନୁରୋଧ କରିବା ସହ ରାଜଗୁରୁଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ମ୍ୟୁଜିୟମ୍ ନିକଟରେ ସ୍ଥାପନ କରିବାକୁ ଆହ୍ୱାନ କରିଥିଲେ। ଏଥି ସହ ରାଜ୍ୟରେ ନୂତନ ଭାବେ ମିଳୁଥିବା ବହୁଭାଷୀ ଅଭିଲେଖଗୁଡ଼ିକର ଅଧ୍ୟୟନ ଓ ଗବେଷଣା ସହ ନୂତନ ନିର୍ଯାସ ପାଠ୍ୟପୁସ୍ତକରେ ଅଦ୍ୟତନ କରିବାକୁ ହେବ ବୋଲି କହିଥିଲେ। ପାରଳା ଗଜପତି ବିକାଶ ମଞ୍ଚର ସମ୍ପାଦକ ରାଜ କିଶୋର ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ପାରଳା ଗଜପତି ବିକାଶ ମଞ୍ଚ ଅନୁଷ୍ଠାନ ତରଫରୁ ପାରଳାର ପ୍ରତିଭାଧର ମାନଙ୍କର ପର୍ଯ୍ୟାୟକ୍ରମେ ଜୟନ୍ତୀ ସଭାମାନ କରାଯିବା ପ୍ରସ୍ତାବ ରହିଥିବା ବ୍ୟକ୍ତ କରି ଧନ୍ୟବାଦ ଅର୍ପଣ କରିଥିଲେ। ପାରଳା ଗଜପତି ବିକାଶ ମଞ୍ଚର ବରିଷ୍ଠ ସଦସ୍ୟ ବିଘ୍ନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସୀତାକାନ୍ତ ରାଜଗୁରୁଙ୍କ ଦ୍ୱାରା ସମ୍ପାଦନା ହୋଇଥିବା ପୁସ୍ତକ ଶତାବ୍ଦୀର ଗବେଷକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ (ପ୍ରଥମ ଭାଗ) ସତ୍ୟ ନାରାୟଣ ରାଜଗୁରୁଙ୍କ ଉପରେ ଲିଖିତ ଏକ ପୁସ୍ତକ ପାଠକାର୍ପଣ କରାଯାଇଥିଲା।

# ପୁଅର ଶବ ସତ୍କାର ପରେ ମା'ର ମୃତ୍ୟୁ

କେନ୍ଦୁଝର, (ଜିପ୍ର) : ପୁଅର ଶବ ସତ୍କାର ପରେ ମାଆଙ୍କର ହୃଦଘାତରେ ମୃତ୍ୟୁ ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝରଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡା ଗ୍ରାମରେ । ମୃତକ ପୁଅ ହେଲେ କଣ୍ଟିଆପଡା ଗ୍ରାମର ଦାମୋଦର ମହାକୁଡ଼ ଓ ମା ହେଲେ ମରୁଆ ମହାକୁଡ଼ । କିଛିଦିନ ହେଲା ପୁଅ ଦାମୋଦର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ଶୁକ୍ରବାର ଦିନ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝରରୁ କଟକ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଶବ ନିଜ ଗାଁ କୁ ଆଣି ଶବ ସତ୍କାର କରାଯାଇଛି । ସତ୍କାର କାମ ସାରି ଗାଧୋଇବାକୁ ଯିବା ପାଇଁ ଆତ୍ମୀୟମାନେ ଡକାହକା ହେବା ସମୟ ତାଙ୍କ ମାଙ୍କୁ ଡକା ଯାଇଥିଲା । ହେଲେ ପୁଅର ମୃତ୍ୟୁର ଦୁଃଖରେ ମ୍ରିୟମାଣ ହୋଇ ପଡିଥିବା ମା କାନ୍ଦି କାନ୍ଦି ବେହୋସ ହୋଇ ଯାଇଥିଲେ । ତାଙ୍କୁ ଉଠାଇବା ବେଳେ ତାଙ୍କର ମଧ୍ୟ ମୃତ୍ୟୁ ହୋଇ ଯାଇଥିବା ଜାଣି ଆତ୍ମୀୟମାନେ ଆବାକ ହୋଇଯାଇଥିଲେ । ଏହି ଘଟଣା ପାଇଁ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

# ବିଦ୍ୟାଳୟରେ ସାଇବର ସୁରକ୍ଷା ପାଠ ପଢ଼ାଇଲା ଖୋର୍ଦ୍ଧା ପୁଲିସ

ଖୋର୍ଦ୍ଧା, (ସବ୍ୟୁ): ବଢୁଥିବା ସାଇବର ଠକେଇକୁ ନେଇ ଖୋର୍ଦ୍ଧା ପୁଲିସ ପକ୍ଷରୁ ସଚେତନତା ଅଭିଯାନକୁ ଜୋରଦାର କରାଯାଇଛି। ଏହି କ୍ରମରେ ବୋଲଗଡ଼ ଥାନା ଅନ୍ତର୍ଗତ ସାମପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଇବର ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଚାଲିଥିବା ରାଜ୍ୟବ୍ୟାପୀ ସାଇବର ସୁରକ୍ଷା ଅଭିଯାନର ଅଂଶ ଭାବେ ଏହା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ବଢୁଥିବା ସାଇବର ଅପରାଧ, ଅନଲାଇନ ଠକେଇର ବିଭିନ୍ନ କୌଶଳ ଏବଂ ଠକେଇରୁ ବଂଚିବାର ଉପାୟ ସମ୍ପର୍କରେ ପୁଲିସ ଅଧିକାରୀମାନେ ବୁଝାଇଥିଲେ।

ଡିଏସ୍‌ପି ଆର.ଏନ୍. ଭଞ୍ଜ, ଇନ୍ସପେକ୍ଟର ଧୀରେନ୍ଦ୍ରନାଥ ମଲ୍ଲିକ ଓ ସିସି ଆଣ୍ଡ ଇଓ ପୁଲିସ ଷ୍ଟେସନର ଅନ୍ୟ କର୍ମଚାରୀମାନେ ସଚେତନତା ଅଧିବେଶନ ପରିଚାଳନା କରିଥିଲେ। ପୁଲିସ ଅଧିକାରୀମାନେ କହିଥିଲେ ଯେ ସାଇବର ଅପରାଧୀମାନେ ଭୟ, ଲୋଭ, କୌତୂହଳ ଓ ଅସଚେତନତାର ସୁଯୋଗ ନେଇ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ, ମୋବାଇଲ ଫୋନ ଓ ବ୍ୟାଙ୍କ ଖାତାକୁ ଟାର୍ଗେଟ କରୁଛନ୍ତି। ମାଲିସିୟସ୍ ଏପିକେ ଫାଇଲ, ନକଲି ସରକାରୀ ଯୋଜନା, ମିଥ୍ୟା ନିବେଶ



ପ୍ରସ୍ତାବ, 'ଡିଜିଟାଲ ଆରେଷ୍ଟ' ଓ ଅନଲାଇନ ଆର୍ଥିକ ଠକେଇ ଭଳି ଘଟଣା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ଅଜଣା ଲିଙ୍କରେ କ୍ଲିକ୍ ନକରିବା, ଅଜଣା ସୂତ୍ରରୁ ଆପ୍ ଡାଉନଲୋଡ୍ ନକରିବା ଏବଂ କାହା ସହିତ ମଧ୍ୟ ପାସୱାର୍ଡ, ଓଟିପି, ପିନ୍ କିମ୍ବା ବ୍ୟାଙ୍କ ସମ୍ପର୍କିତ ଗୋପନୀୟ ତଥ୍ୟ ଶେୟାର ନକରିବାକୁ ପୁଲିସ ପରାମର୍ଶ ଦେଇଥିଲା।

ସାଇବର ଠକେଇରୁ ବର୍ତିବା ପାଇଁ ରୁହନ୍ତୁ, ଭାବନ୍ତୁ ଓ ଯାଂଚ କରନ୍ତୁ ନୀତି ଆପଣାଇବାକୁ ପୁଲିସ ଆହ୍ୱାନ ଦେଇଥିଲା। ବିଶେଷକରି ଡିଜିଟାଲ ଆରେଷ୍ଟ ନାମରେ ହେଉଥିବା ଠକେଇ ସମ୍ପର୍କରେ ସତର୍କ କରାଯାଇଥିଲା। ଅନଲାଇନ ବ୍ୟାଙ୍କିଂ ଓ ଡିଜିଟାଲ ଟଙ୍କା କାରବାର ବେଳେ ଅଧିକ ସତର୍କ ରହିବା ସହ ଓଟିପି, ଏଟିଏମ୍ ପିନ୍, ପାସୱାର୍ଡ ଆଦି କାହା ସହିତ ଶେୟାର ନକରିବାକୁ ପୁଲିସ ପରାମର୍ଶ ଦେଇଥିଲା। ଠକେଇ ର ଶିକାର ହେଲେ ମେସେଜ, ସ୍କ୍ରିନସଟ୍, ଟ୍ରାଞ୍ଜାକ୍ସନ ବିବରଣୀ ଓ ଅନ୍ୟ ଡିଜିଟାଲ ପ୍ରମାଣ ସୁରକ୍ଷିତ ରଖି ତୁରନ୍ତ ବ୍ୟାଙ୍କକୁ ଜଣାଇବା ସହ ଜାତୀୟ ସାଇବର କ୍ରାଇମ୍ ହେଲ୍ପଲାଇନ୍ ୧୯୩୦ରେ ଅଭିଯୋଗ କରିବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ।

# ବିବାହ ପ୍ରତିଶ୍ରୁତି ଓ ପ୍ରତାରଣା ଅଭିଯୋଗ : ଅଡୁଆରେ ପୋଲିସ୍ ଏସ୍ଆଇ

ବାରିପଦା, (ସବ୍ୟୁ): ଖାକିରେ ଲାଗିଛି କଳଙ୍କର ଛିଟା । ବାରିପଦା ଟାଉନ ଥାନାରେ କାର୍ଯ୍ୟରତ ସବ୍ ଇନ୍ସପେକଟର ପ୍ରଭାତ ନାୟକଙ୍କ ନାଁରେ ଜଣେ ମହିଳା ସାଂଘାତିକ ଅଭିଯୋଗ ଆଣିବା ପରେ ପୁଲିସ ମାମଲା ରୁଜୁ କରିଛି । ଏହି ଘଟଣାରେ ଶ୍ରୀ ନାୟକଙ୍କ ସମେତ ମୋଟ ୭ଜଣଙ୍କ ବିରୋଧରେ ମାମଲା ହୋଇଥିବା ଜଣାପଡ଼ିଛି ।

ଏନେଇ ବାରିପଦା ଟାଉନଥାନାରେ ଏକ ମାମଲା ରୁଜୁ ହୋଇ ସବ୍ ଇନ୍ସପେକ୍ଟରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୋଗ ଅନୁସାରେ, ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳର ଏହି ମହିଳାଙ୍କ ସହ ପ୍ରଭାତ ଦୀର୍ଘଦିନ ଧରି ସମ୍ପର୍କରେ ଥିଲେ । ବିବାହର ପ୍ରତିଶ୍ରୁତି ଦେଇ ସେ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ । ପରେ ସମ୍ପର୍କ ଛିନ୍ନ କରିଦେବା ସହ ମହିଳାଙ୍କୁ ଏଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି । ମହିଳା ଜଣକ ଏନେଇ ପ୍ରଭାତଙ୍କ ପରିବାର ସହ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କୁ ସହଯୋଗ ବଦଳରେ ଧମକ ଦିଆଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଏପରିକି ବାରିପଦାର କିଛି ବ୍ୟକ୍ତି ନିଜକୁ ସମାଜସେବୀ ପରିଚୟ ଦେଇ ମହିଳାଙ୍କୁ ପ୍ରଭାତଙ୍କ ସହ ଏକ ମନ୍ଦିରରେ ବିବାହ କରାଇଥିବା ମହିଳା ଅଭିଯୋଗ କରିଛନ୍ତି । ପରେ ସେମାନେ ପ୍ରତାରଣା କରି ପ୍ରଭାତଙ୍କ ପକ୍ଷ ନେଇ ତାଙ୍କୁ ନିର୍ଯାତନା ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ସବ୍ ଇନ୍ସପେକ୍ଟର ପ୍ରଭାତ ନାୟକ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ସେ ମହିଳାଙ୍କୁ ବିବାହ କରିଥିଲେ । ତେବେ ମହିଳା ସବୁବେଳେ ତାଙ୍କ ସହ ଝଗଡ଼ା କରିବା ସହ ଆତ୍ମହତ୍ୟାର ଧମକ ଦେଉଥିବାରୁ ସେ ବାଧ ହୋଇ ତାଙ୍କ ସହ ସମ୍ପର୍କ ରଖିନଥିବା ସେ କହିଛନ୍ତି ।

ସୂଚନା ଅନୁଯାୟୀ, ମହିଳା ଜଣକ ଏହି ଘଟଣାକୁ ନେଇ ପୂର୍ବରୁ ପ୍ରଭାତଙ୍କ ଅଞ୍ଚଳର ଥାନାରେ ଅଭିଯୋଗ କରିଥିଲେ । ସେଠାରେ ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି । ପରେ ମହିଳା ମୟୂରଭଞ୍ଜ ଏସ୍ପିଙ୍କ ନିକଟରେ ପୁନର୍ବାର ଅଭିଯୋଗ କରିବା ପରେ ବାରିପଦା ଟାଉନ ଥାନାରେ ମାମଲା ରୁଜୁ ହୋଇଛି । ଏନେଇ ବାରିପଦା ଏସ୍ଡିପିଓ ପ୍ରଭାତ ମଲ୍ଲିକ କହିଛନ୍ତି ଯେ, ଅଭିଯୋଗ ଆଧାରରେ ପ୍ରଭାତ ନାୟକଙ୍କ ସମେତ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଘଟଣାର ସମସ୍ତ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ରେଳଷ୍ଟେସନରୁ ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ସରକାରୀ ରେଳବାଇ ପୋଲିସ (ଜିଆରପି) ଆଜି ବ୍ରହ୍ମପୁର ରେଳ ଷ୍ଟେସନର ଚତୁର୍ଥ ପ୍ଲାଟଫର୍ମରୁ ୨୭ କିଲୋ ୪୯୦ ଗ୍ରାମ ଗଞ୍ଜେଇ ସହ ୩ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ମାନେ ହେଲେ ବିହାର ବୈଶାଳୀ ଜିଲ୍ଲା ଗୋପୀନାଥପୁର ଅଞ୍ଚଳର ରୋହିତ କୁମାର ତିୱାରୀ (୨୩) ଗଞ୍ଜାମ ବେଗୁନିଆପଡା ଅଞ୍ଚଳର ରବୀନ୍ଦ୍ର ସାହୁ(୨୧), ହିଞ୍ଜିଳିକାଟୁ ଅଞ୍ଚଳ ଚନ୍ଦନ ଭାଉଲ (୨୪) ।



ଅଭିଯୁକ୍ତ ମାନେ ବ୍ରହ୍ମପୁରରୁ ସୁରତ ଟ୍ରେନରେ ଗଞ୍ଜେଇ ଚାଲାଣ କରିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି । ସେମାନଙ୍କ ନିକଟରୁ ଗାନ୍ଧୀଧାମ ଟ୍ରେନର ଟିକେଟ ଓ ଫୋନ୍ ଜବତ ହୋଇଛି । ମାମଲା ନଂ ୧୦୧/୨୬ରେ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଗଞ୍ଜେଇ ସେମାନେ କୋଉଠୁ ଆଣିଥିଲେ କାହାକୁ ବିକିବା ପାଇଁ ନେଉଥିଲେ ସେ ବିଷୟରେ ତଦନ୍ତ କରୁଥିବା ପୋଲିସ କହିଛି ।

# ଗଳ୍ପ ପୁସ୍ତକ ଧନେଶ୍ୱରଙ୍କ ଅବଶିଷ୍ଟ ଗଳ୍ପଧନ ଓ କବିତା ପୁସ୍ତକ ମଉଳା ଜହ୍ନର ଅଲିଭା ଜୋଛନା ଲୋକାର୍ପିତ



ବାରିପଦା, (ସବ୍ୟୁ) : ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ଧନେଶ୍ୱର ପଣ୍ଡାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ 'ଆଶାଦେବୀ ସ୍ମୃତିପରିଷଦ' ଆନୁକୂଲ୍ୟରେ ତାଙ୍କ ରଚିତ ଓ ତତ୍ତ୍ୱମସି ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ସାମଲଙ୍କ ସମ୍ପାଦିତ ଗଳ୍ପପୁସ୍ତକ, ଧନେଶ୍ୱରଙ୍କ ଅବଶିଷ୍ଟ ଗଳ୍ପଧନ ଓ କବିତା ପୁସ୍ତକ, ମଉଳା ଜହ୍ନର ଅଲିଭା ଜୋଛନା ସ୍ଥାନୀୟ ନହରପଦାସ୍ଥ 'ସାଇ ମଣ୍ଡପ'ରେ ଲୋକାର୍ପିତ ହୋଇଯାଇଛି ।

ଉକ୍ତ ଉତ୍ସବରେ ବର୍ଷିୟାନ୍ ଇଂଜିନିୟର ରବୀନ୍ଦ୍ର ନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସେବାନିବୃତ୍ତ ପ୍ରଫେସର ଡଃ ମୋହିତ କୁମାର ଷଡଙ୍ଗୀ ମୁଖ୍ୟଅତିଥି, ଡଃ ଅବନୀ କୁମାର କୁଣ୍ଡୁ ମୁଖ୍ୟବକ୍ତା, ଡଃ ସୁଶାନ୍ତ କୁମାର ବଶା ଗଳ୍ପ ପୁସ୍ତକର ସମୀକ୍ଷକ, ଶ୍ରୀମା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡଃ କୁଞ୍ଜବନ ପୃଷ୍ଟି କବିତା ପୁସ୍ତକର ସମୀକ୍ଷ ଭାବରେ ଓ ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ଶିଶିର କୁମାର ବେହେରା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ ।

ମୁଖ୍ୟଅତିଥି ଅନ୍ୟ ଅତିଥିମାନଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦୁର୍ଗାମାଧବଙ୍କ ତଥା ସ୍ୱର୍ଗତ ଧନେଶ୍ୱର ପଣ୍ଡାଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ପୁଷ୍ପାର୍ଘ୍ୟ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ ।

କବି-କଥାକାର ଅଶୋକ କୁମାର ପଲେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କଲାପରେ ମୁଖ୍ୟଅତିଥି ପୁସ୍ତକ ଦ୍ୱୟର ଶୁଭ ଲୋକାର୍ପଣ କରିଥିଲେ । ସମ୍ପାଦକ ରାଜେନ୍ଦ୍ର ସାମଲ ପୁସ୍ତକ ଦୁଇଟି ସମ୍ପର୍କରେ ସମ୍ୟକ୍ ଆଲୋକପାତ କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ଦେବକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱକର୍ମା ମହାସଂଘର ମୌସୁମୀ ଅଧିବେଶନ

ଛତ୍ରପୁର, (ସବ୍ୟୁ): ଅବିଭକ୍ତ ଗଞ୍ଜାମ ଜିଲ୍ଲାକୁ ନେଇ ଗଠିତ ବିଶ୍ୱକର୍ମା ମହାସଂଘର ମୌସୁମୀ ଅଧିବେଶନ ଛତ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସ୍ଥାୟୀ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ କାମରାଜୁ ମହାରଣା ଏହି ଅଧିବେଶନରେ ଅଧକ୍ଷତା କରିଥିଲେ । ସମ୍ପାଦକ ଶ୍ରୀନିବାସ ମହାରଣା ଗତ ବୈଠକର ବିବରଣୀ ପାଠ କରିଥିଲେ, ଯାହାକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା । ସଭାପତି ନିଜ ସ୍ୱାଗତ ଭାଷଣରେ ସଂଘ ପକ୍ଷରୁ ବିଗତ ଦିନଗୁଡ଼ିକରେ କରାଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଆର୍ଥିକ ଅନଗ୍ରସର ପରିବାରର କନ୍ୟା ବିବାହରେ ସହାୟତା, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଆର୍ଥିକ ସହଯୋଗ ଏବଂ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଭଳି କାର୍ଯ୍ୟକ୍ରମର ବିବରଣୀ ସେ ଉପସ୍ଥାପନ କରିଥିଲେ । କୋଷାଧକ୍ଷ ଅଶୋକ କୁମାର ମହାରଣା ମହାସଂଘର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ, ଯାହାକୁ ସଦସ୍ୟମାନେ ଗୃହୀତ କରିଥିଲେ । ମହାସଂଘର ଉନ୍ନତି ଓ ସାମାଜିକ କାର୍ଯ୍ୟକଳାପର ସମ୍ପ୍ରସାରଣ ନିମନ୍ତେ ଉପଦେଷ୍ଟା ସୁରେନ୍ଦ୍ର ନାଥ ମହାରଣା, ବିଜୟ ମହାରଣା, ମୀନକେତନ ମହାରଣା, ଦଶତାଲୁକା ସଭାପତି ପ୍ରଫୁଲ୍ଲ କୁମାର ମହାରଣା, ପ୍ରଦୀପ କୁମାର ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ଶରତଚନ୍ଦ୍ର ମହାରଣା, ଚକ୍ରପାଣି ମହାରଣା, କେଦାରନାଥ ମହାରଣା, ଲୋକନାଥ ମହାରଣା, ନରସିଂହ ମହାରଣା ଓ ବ୍ରଜ ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ । ଆଗାମୀ ଶୀତକାଳୀନ ଅଧିବେଶନରେ ପରିବାର ସମାବେଶ ସହ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିବା ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବିଜୟ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଢଉଗାଁ ପଞ୍ଚାୟତରେ ଭତ୍ତା ବଣ୍ଟନ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର ଢଉଗାଁ ପଞ୍ଚାୟତ କାର୍ଯ୍ୟାଳୟ ରେ ୫୮ ଜଣ ନୂତନ ହିତାଧିକାରୀ ଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ସରପଞ୍ଚ ଶ୍ରୀମତୀ ମନୁ ପାତ୍ର, ସାଂସଦ ପ୍ରତିନିଧି ମୁନା ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜସୋବନ୍ତୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଏହି ହିତାଧିକାରୀ ମାନଙ୍କୁ ତିନି ମାସର ତିନି ହଜାର ଟଙ୍କା ଲେଖାଏଁ ଅର୍ଥ ମଞ୍ଜୁର କରାଯାଇଥିବାରୁ ହିତାଧିକାରୀ ମନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି ।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, (ସବ୍ୟୁ): ଫାଷ୍ଟଟ୍ରାକ ପୋକସ ଜଜ ରୋହିତ ଲାଲ ପଣ୍ଡା ଆଜି ଏକ ବଳାତ୍କାର ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେ ହେଲେ ପୁରୁଷୋତ୍ତମପୁର ଥାନା ଅଂଚଳର ବିପ୍ର ମୁଦୁଲି (୬୫) । ବିବରଣୀରୁ ପ୍ରକାଶ ଯେ, ୨୦୨୫ ନଭେମ୍ବର ୧ ତାରିଖ ଉକ୍ତ ଥାନା ଅଞ୍ଚଳରେ୧୬ ବର୍ଷର ଜଣେ ଭିନ୍ନକ୍ଷମ ନାବାଳିକା ନିଜ ଘରେ ଏକାକୀ ଥିଲେ । ଏହାର ସୁଯୋଗ ନେଇ ସେହି ସାହିରେ ରହୁଥିବା ଉକ୍ତ ଅଭିଯୁକ୍ତ ତାଙ୍କ ଘର ଭିତରକୁ ଯାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ ବୋଲି ତାଙ୍କ ମା 'ପୁରୁଷୋତ୍ତମପୁର ଥାନାରେ ଏତଲା ଦେଇଥିଲେ । ପୋଲିସ ଏସଂକ୍ରାନ୍ତରେ ୬୪୧/୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ବିପ୍ର ମୁଦୁଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛିମାସ ପରେ ସେ ଜାମିନ ପାଇଥିଲେ । ମାମଲାର ବିଚାରଣା ବେଳେ ୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଉକ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ । ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ମୁଦୁଳାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ ।

## ମୟୂରଭଞ୍ଜ ପ୍ରତିଭାର ନୂଆ କୃତିତ୍ୱ

# ଏନ୍ପିସିଆଇଏଲ୍ରେ ଯୁବ ବୈଜ୍ଞାନିକ ଭାବେ ଯୋଗଦେଲେ ଚର୍ଚ୍ଚିତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଯୁବପ୍ରତିଭା ଚର୍ଚ୍ଚିତ କବି ଶତପଥୀ ନିଜ କୃତିତ୍ୱର ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି । ଖଡ଼ଗପୁର ଆଇଆଇଟିରେ ଏମ୍ଟେକ୍ ଅଧ୍ୟୟନରତ ଚର୍ଚ୍ଚିତ ସର୍ବଭାରତୀୟ ସ୍ତରର ଏକ କଠିନ ପ୍ରତିଯୋଗିତାରେ ସଫଳତା ହାସଲ କରି ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ଅଧୀନସ୍ଥ ନ୍ୟୁକ୍ଲିଅର ପାଓ୍ୱାର କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ରେ ଯୁବ ବୈଜ୍ଞାନିକ ଭାବେ ଯୋଗଦେଇଛନ୍ତି । ସୂଚନା ଅନୁଯାୟୀ, ସମଗ୍ର ଦେଶରୁ ମନୋନୀତ ହୋଇଥିବା ମାତ୍ର ୪୮ଜଣ ପ୍ରତିଭାବାନ ଯୁବ ବୈଜ୍ଞାନିକଙ୍କ ମଧ୍ୟରେ ଚର୍ଚ୍ଚିତ ଅନ୍ୟତମ । ସୁରତ ନିକଟସ୍ଥ ଏନ୍ପିସିଆଇଏଲ୍ରେ ସେ ବର୍ତ୍ତମାନ କାର୍ଯ୍ୟନିର୍ବାହୀ ଶିକ୍ଷାନବୀଶ ଭାବେ କାର୍ଯ୍ୟାରମ୍ଭ କରିଛନ୍ତି । ୧୧ମାସର ବୈଷୟିକ ଓ ପ୍ରାଶାସନିକ ପ୍ରଶିକ୍ଷଣ ପରେ ସେ ବୈଜ୍ଞାନିକ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି ।



ଚର୍ଚ୍ଚିତ କେନ୍ଦ୍ରୀୟ ବିଦ୍ୟାଳୟରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଶିକ୍ଷା ସମାପ୍ତ କରିବା ପରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିରୁ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ ହାସଲ କରିଥିଲେ । ପରେ ଗେଟ୍ରେ ସଫଳତା ପାଇ ଖଡ଼ଗପୁର ଆଇଆଇଟିରେ ଏମ୍ଟେକ୍ ଅଧ୍ୟୟନ କରୁଥିଲେ । ଏହାପୂର୍ବରୁ ବିଟେକ୍ ଶେଷ ବର୍ଷରେ ଥିବା ସମୟରେ ହିଁ ସେ ଡେଲଏଟ୍ ଭଳି ପ୍ରତିଷ୍ଠିତ କମ୍ପାନୀରେ ଚାକିରି ସୁଯୋଗ ପାଇଥିଲେ । ବିଟେକ୍ ପରେ କିଛି ସମୟ ସେଠାରେ କାର୍ଯ୍ୟ କରିଥିଲେ ମଧ୍ୟ ବୃହତ୍ତର ଲକ୍ଷ୍ୟ ନେଇ ଚାକିରିରୁ ଇସ୍ତଫା ଦେଇ ଉଚ୍ଚଶିକ୍ଷା ଓ ଗବେଷଣାମୁଖୀ କ୍ୟାରିୟର ଦିଗରେ ଆଗକୁ ବଢ଼ିଥିଲେ । ଚର୍ଚ୍ଚିତ ସୁଲେଖକ, ସୁବକ୍ତା ତଥା ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ଓ ଅଧ୍ୟାପିକା ଡକଫର ହିରଣ୍ମୟୀ ଶତପଥୀଙ୍କ ଜ୍ୟେଷ୍ଠ ପୁତ୍ର । ତାଙ୍କର ଏହି ସଫଳତା ପରେ ମୟୂରଭଞ୍ଜର ଶିକ୍ଷାପ୍ରେମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଚର୍ଚ୍ଚିତଙ୍କ ଏହି ସଫଳତା ଜିଲ୍ଲା ତଥା ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ପ୍ରତି ଆଗ୍ରହୀ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ହତ୍ୟା

ଭଂଜନଗର, (ସବ୍ୟୁ) : ଗାଁ ଦାଣ୍ଡରେ ବୟସ୍କ ବ୍ୟକ୍ତିଙ୍କୁ ହତ୍ୟା । ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ । ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ସେହି ଗାଁର ପ୍ରାୟ ୭୦ ବର୍ଷିୟ ବ୍ୟକ୍ତି ବାବୁ ସ୍ୱାଇଁ । ଗତକାଲି ରାତିରେ, ଗାଁ ନିକଟରେ ଯାଉଥିବା ବେଳେ ଅଙ୍ଗନବାଡି କେନ୍ଦ୍ର ଆଗରେ, ପଛରୁ ଠେଙ୍ଗାରେ ଆକ୍ରମଣ କରିଥିଲା ଜଣେ ବ୍ୟକ୍ତି । ଘଟଣା ସ୍ଥଳରେ ହିଁ ବାବୁ ସ୍ୱାଇଁଙ୍କର ମୃତ୍ୟୁ ହୋଇଥିଲା । ଆକ୍ରମଣକାରୀ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା ଗାଙ୍ଗପୁର ଥାନା ପୋଲିସ । ତେବେ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରିଛି ପୋଲିସ । ମୃତ ଦେହକୁ ଜବତ କରି ତଦନ୍ତ ଜାରି ରଖିଛି ।

# ରାସ୍ତାରେ ବୁଲୁଛନ୍ତି ବାଘ ଛୁଆ, ଭିଡିଓ ଭାଇରାଲ



ଭଂଜନଗର, (ସବ୍ୟୁ) : ରାସ୍ତାରେ ବୁଲୁଛନ୍ତି ବାଘ ଛୁଆ । ଏମିତି କିଛି ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି । କୁହାଯାଉଛି ଏହା, ଉତ୍ତର ଘୁମୁସର ବନଖଣ୍ଡ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅନ୍ତର୍ଗତ ତରିକୁପା ଠାରୁ କ୍ଷେତମୁଣ୍ଡଳୀ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଦୃଶ୍ୟ । ସ୍ଥାନୀୟ ଜଣେ ଜନପ୍ରତିନିଧି ନିଜ କାର୍ରେ ସେହି ରାସ୍ତା ଦେଇ ଗତ ରାତିରେ ଯାଉଥିବା ବେଳେ ଏହି ଦୃଶ୍ୟ ସେ ନିଜ ମୋବାଇଲରେ ଉତ୍ତୋଳନ କରିଥିଲେ । ଯାହାକି ଦୁଇଟି କଲରାପତରିଆ ବାଘ ଛୁଆ, ରାସ୍ତା ପାର ହେଉଥିଲେ । ତେବେ ଉତ୍ତର ଘୁମୁସର ବନଖଣ୍ଡରେ କଲରାପତରିଆ ବାଘ ରହିଥିବା ଆଗରୁ ସ୍ପଷ୍ଟ ହୋଇଛି ।

# ମୟୂରଭଞ୍ଜ ବିଜେଡି ଯୁବ ସଭାପତି ଅରୁଣ ଓ ଛାତ୍ର ସଭାପତି ଆଭାସ ମନୋନୀତ

ବାରିପଦା, (ସବ୍ୟୁ) : ବିଜୁ ଜନତା ଦଳର ଯୁବ ଓ ଛାତ୍ର ସଂଗଠନର ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି । ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନୂତନ ନିଯୁକ୍ତି ଘୋଷଣା ହୋଇଛି ।



ଘୋଷଣା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ଭାବେ ଅରୁଣ ବରାଡଙ୍କୁ ନିଯୁକ୍ତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ସୁନୀଲ ନାୟକଙ୍କ ନାମ ଘୋଷଣା ହୋଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ଆଭାସ ଦେଙ୍କୁ ଦାୟିତ୍ୱ ଦିଆଯାଇଛି । ନୂତନ ପଦାଧିକାରୀଙ୍କ ନିଯୁକ୍ତି ପରେ ଜିଲ୍ଲାରେ ଦଳର ଯୁବ ଓ ଛାତ୍ର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ତୃଣମୂଳସ୍ତରରେ ସଂଗଠନକୁ ସକ୍ରିୟ କରିବା ଦିଗରେ ନୂତନ ନେତୃତ୍ୱ ଗୁରୁତ୍ୱ ଦେବ ବୋଲି ଦଳୀୟ ମହଲରେ ଆଶାପ୍ରକାଶ ପାଇଛି ।

# ଆସିକାରେ ପରିବହନ ବିଭାଗ କ୍ୟାମ୍ପ କାର୍ଯ୍ୟାଳୟ ସ୍ଥାପନ ଘୋଷଣା

ଆସିକା, (ସବ୍ୟୁ) : ଆସିକା ଠାରେ ପରିବହନ ବିଭାଗ ପକ୍ଷରୁ କ୍ୟାମ୍ପ କାର୍ଯ୍ୟାଳୟ ସ୍ଥାପନ ନେଇ ଘୋଷଣା ନାମା ପ୍ରକାଶ ପାଇବାରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ଦେଖାଦେଇଛି । ଗତକାଲି ୨୧ ଅଗଷ୍ଟ ରେ ପରିବହନ ବିଭାଗ କମିଶନର କାର୍ଯ୍ୟାଳୟଙ୍କ ପତ୍ର ସଂଖ୍ୟା- ୧୫୨୨୩ ରେ ଭଞ୍ଜନଗର ଆର. ଟି .ଓ କାର୍ଯ୍ୟାଳୟ ଆସିକା ଠାରେ କ୍ୟାମ୍ପ କାର୍ଯ୍ୟାଳୟ ସ୍ଥାପନ କରି ସପ୍ତାହକୁ ଦୁଇ ଦିନ ସମସ୍ତ ପ୍ରକାର ବିଭାଗୀୟ କାର୍ଯ୍ୟ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯୋଗାଇବାକୁ ନିର୍ଦ୍ଦେଶ ନାମା ପ୍ରକାଶ ପାଇଛି । ଭଞ୍ଜନଗର ଆରଟିଓ କାର୍ଯ୍ୟାଳୟ ଚଳିତ ମାସ ୨୮ ତାରିଖ ସୁଦ୍ଧା ଆସିକା ଠାରେ କ୍ୟାମ୍ପ କାର୍ଯ୍ୟାଳୟ ସ୍ଥାପନ ନେଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଓ କର୍ମଚାରୀ ବନ୍ଦୋବସ୍ତ କରିବାକୁ କୁହାଯାଇଛି । ଆସିକାକୁ କେନ୍ଦ୍ର କରି ୨୫ କି.ମି ଭିତରେ ଆସିକା, କବିସୂର୍ଯ୍ୟନଗର, ଧରକୋଟ, ଶେରଗଡ଼, ସାନଖେମୁଣ୍ଡି, ହିଞ୍ଜିଳି ଓ ପୋଲସରା ଓ ବେଗୁନିଆପଡ଼ା ବ୍ଲକ୍ର ବହୁଗ୍ରାମବାସୀ ନିଜର ଗାଡ଼ି ଓ ପରିବହନ ଜନିତ ସମସ୍ୟାର ସମାଧାନ ନେଇ ଏହି ନିର୍ଦ୍ଦେଶ ନାମା ଯୋଗୁଁ ଉପକୃତ ହୋଇପାରିବେ । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଥିବା ବେଳେ ରାଜ୍ୟ ସରକାର, ପରିବହନ ବିଭାଗ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବିଧାୟକ ସରୋଜ ପାଢ଼ୀଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି ।

# ଡାକ ବିଭାଗ ଏବଂ ଆଇପିପିବି ମଧ୍ୟରେ ସହଭାଗିତାକୁ ସୁଦୃଢ଼ ପାଇଁ ସଂକଳ୍ପ

ବ୍ରହ୍ମପୁର, (ସବ୍ୟୁ) : ଡାକ ବିଭାଗ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ (ଆଇପିପିବି) ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆହୁରି ଆଗେଇ ନେବା ଉଦ୍ଦେଶ୍ୟରେ ଆଜି ବ୍ରହ୍ମପୁରର ହୋଟେଲ ମୋତି ଠାରେ ଏକ ବିରାଟ ଡିଓପି-ଆଇପିପିବି ସମନ୍ୱୟ ଓ ସମ୍ବର୍ଦ୍ଧନା ବୈଠକ ସମନ୍ୱୟ ୨୦୨୬ ଆୟୋଜିତ ହୋଇଛି । ବୈଠକରେ ବ୍ରହ୍ମପୁର ଅଞ୍ଚଳର ପୋଷ୍ଟମାଷ୍ଟର ଜେନେରାଲ କର୍ଣ୍ଣେଲ ବିନୋଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ନେତୃତ୍ୱ ଓ ମାର୍ଗଦର୍ଶନ ଏହି ଅଞ୍ଚଳରେ ସହଯୋଗ ବୃଦ୍ଧି, ସେବା ପ୍ରଦାନରେ ଉନ୍ନତି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ବ୍ରହ୍ମପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଦେବର୍ପଣ ଦାସଙ୍କ ସହ ସମସ୍ତ ଡିଭିଜନ ମୁଖ୍ୟ, ସବ୍-ଡିଭିଜନ ମୁଖ୍ୟ, ଆଇପିପିବି ଶାଖା ପରିଚାଳକ ଏବଂ ଶାଖା ଡାକପାଳମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଡାକ ବିଭାଗ ଏବଂ ଆଇପିପିବି ଅଧିକାରୀମାନଙ୍କୁ ସଫଳତା ସମୀକ୍ଷା କରିବା, କାର୍ଯ୍ୟଗତ ଆହ୍ୱାନ ଉପରେ ଆଲୋଚନା କରିବା ଏବଂ ମିଳିତ ପ୍ରୟାସକୁ ଆହୁରି ମଜଭୁତ କରିବା ପାଇଁ ଏକ ସାଧାରଣ ମଞ୍ଚ ପ୍ରଦାନ କରିଥିଲା । ବୈଠକରେ ପୋସା-ଆଇପିପିବି ଲିଙ୍କେଜ୍ ବୃଦ୍ଧି, ଡିଜିଟାଲ ବ୍ୟାଙ୍କିଙ୍ଗ ସେବାର ପ୍ରସାର, ଗ୍ରାହକ ସଂଯୋଗ ବୃଦ୍ଧି ଏବଂ ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ପୋସା-ଆଇପିପିବି ଲିଙ୍କେଜ୍ କ୍ଷେତ୍ରରେ ବ୍ରହ୍ମପୁର ଅଞ୍ଚଳର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରାଯାଇଥିଲା । ଡିଓପି ଓ ଆଇପିପିବି ମଧ୍ୟରେ ଦୃଢ଼ ଟିମ୍ ଓ୍ୱାର୍କ ଯୋଗୁଁ ଏହି ଅଞ୍ଚଳ ଅସାଧାରଣ ପ୍ରଦର୍ଶନ କରିଛି । ଏହି ଅବସରରେ ବ୍ୟବସାୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଲକ୍ଷ୍ୟ ହାସଲରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଶ୍ରେଷ୍ଠ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ମାଷ୍ଟେର ଜେନେରାକ (ପିଏମଜି ) କର୍ଣ୍ଣେଲ ବିନୋଦ କୁମାର ଡିଓପି ଓ ଆଇପିପିବି ଦଳର ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ପ୍ରତ୍ୟେକ ସ୍ତରରେ ସମନ୍ୱୟ ବଜାୟ ରଖିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳର ଲୋକମାନଙ୍କୁ ସହଜ, ନିର୍ଭରଯୋଗ୍ୟ ଏବଂ ପ୍ରଯୁକ୍ତି-ଭିତ୍ତିକ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେବା ପାଇଁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ବ୍ରହ୍ମପୁର ଅଞ୍ଚଳର ଯାତ୍ରା, ସଫଳତା ଏବଂ ମିଳିତ ପ୍ରୟାସକୁ ଦର୍ଶାଉଥିବା ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶନ ମଧ୍ୟ କରାଯାଇଥିଲା । ଡାକ ବିଭାଗ ଏବଂ ଆଇପିପିବି ମଧ୍ୟରେ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଏବଂ ବୃହତ୍ତର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗରେ ମିଳିମିଶି କାମ କରିବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗର ୩୭ ଛାତ୍ରଛାତ୍ରୀ ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ ରେକର୍ଡ

ବ୍ରହ୍ମପୁର, (ସବ୍ୟୁ) : ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ "ପଠାଣି ସାମନ୍ତ ଗଣିତ ପ୍ରତିଭା' ପରୀକ୍ଷାର ସଦ୍ୟ ପ୍ରକାଶିତ ଫଳାଫଳରେ ସରସତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠ ନଗରର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ପ୍ରଦର୍ଶନ କରିଛନ୍ତି। ଶିକ୍ଷାଦର୍ଷ ୨୦୨୩ ୨୪ ର ଫଳାଫଳରେ ୬ଷ୍ଠ ଶ୍ରେଣୀ ପାଇଁ ସୁଶ୍ରୀ ଧ୍ୟାନଲଗ୍ନା ପାଣିଗ୍ରାହୀ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଥମେଶ ବାରିକ ୨ୟ ସ୍ଥାନ, ତେଜସୀ ନାହାକ ଓ ଆୟୁଷ ପ୍ରଧାନ ୪ର୍ଥ ସ୍ଥାନ, ପ୍ରିୟାଂଶୁ ପ୍ରିୟଦର୍ଶୀ, ରାକେଶ କୁମାର ନାୟକ, ସୁଶ୍ରୀ ଶୀତଲ ନାୟକ ଓ ସୁଶ୍ରୀ ସ୍ନେହା ସୁମନ ତ୍ରିପାଠୀ ୮ମ ସ୍ଥାନ, ଦେବାଂଶୁ ନାୟକ ଓ ସୁଶ୍ରୀ ଅପଣ୍ଡା ଆର୍ଯ୍ୟା ମହାପାତ୍ର ୯ମ ସ୍ଥାନ ଅଧିକାର କରିଛନ୍ତି । ବ୍ରହ୍ମପୁର ମହାନଗର ନିଗମରେ ମୋଟ ୧୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସ.ଶି. ବି.ମ ନୀଳକଣ୍ଠନଗରର ୧୦ଜଣ ପରୀକ୍ଷାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି ।



ଠିକ୍ ସେହିପରି ୯ମ ଶ୍ରେଣୀରୁ ସୁଶ୍ରୀ ଅର୍ପିତା ଆଚାର୍ଯ୍ୟ ସମଗ୍ର ଜିଲ୍ଲାରେ ୧ମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବ୍ରହ୍ମପୁର ମହାନଗର ନିଗମ ସ୍ତରରେ ୧୪ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ସ.ଶି.ବି.ମ ନୀଳକଣ୍ଠନଗରର ୧୦ ଜଣ ଛାତ୍ରଛାତ୍ରୀ ଯଥା ବିଶ୍ୱଜିତ ପାତ୍ର ଓ ଓମକାର ପ୍ରସାଦ ରଥ ୨ୟ ସ୍ଥାନ, ରୁଦ୍ର ପ୍ରସାଦ ପ୍ରଧାନ, ଶୁଭମ୍ ପାଣିଗ୍ରାହୀ ଓ ପ୍ରିତମ୍ କୁମାର ଜେନା ୩ୟ ସ୍ଥାନ, ପ୍ରିୟରଂଜନ ପଣ୍ଡା ଓ ସୌମ୍ୟରଂଜନ ପାଣିଗ୍ରାହୀ ୫ମ ସ୍ଥାନ, ଆଶୁତୋଷ ସେଠୀ ଓ ସୁଶ୍ରୀ ଆକାଂକ୍ଷା ଜେନା ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି ।

ଶିକ୍ଷାବର୍ଷ ୨୦୨୪-୨୫ର ସଦ୍ୟ ପ୍ରକାଶିତ ଏହି ପରୀକ୍ଷା ଫଳାଫଳରେ ସ.ଶି.ବି.ମ ନୀଳକଣ୍ଠନଗରର ୬ଷ୍ଠ ଶ୍ରେଣୀରୁ ହିମାଦର୍ଶ ଦେବ ସମଗ୍ର ଜିଲ୍ଲାରେ ୧ମ ସ୍ଥାନ ଅଧିକାର କରିଛନ୍ତି । ବ୍ରହ୍ମପୁର ମହାନଗର ନିଗମ ସ୍ତରରେ ସମୁଦାୟ ୧୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ସ.ଶି. ବି.ମ ନୀଳକଣ୍ଠନଗରର ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ମାର୍ଗଦର୍ଶନ ଦେଇଥିବା ଆଚାର୍ଯ୍ୟ ରାମଚନ୍ଦ୍ର ଚନ୍ଦ୍ର ପାତ୍ର, ଆଦିତ୍ୟ କୁମାର ପଣ୍ଡା, ଆଚାର୍ଯ୍ୟା ବର୍ଷା ପଣ୍ଡା ଏବଂ ଉର୍ମିଳା ପାଢ଼ୀ ଏବଂ କୃତି ଛାତ୍ରଛାତ୍ରୀ ମାନଙ୍କୁ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ପ୍ରଧାନାଚାର୍ଯ୍ୟଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଛାତ୍ରଛାତ୍ରୀମାନଙ୍କର ଏହି ସଫଳତା ପାଇଁ ଉଚ୍ଚପ୍ରଶଂସା କରିବା ସହ ସେମାନଙ୍କ ଭବିଷ୍ୟତର ମଙ୍ଗଳ କାମନା ପୂର୍ବକ କୃତି ମାନପତ୍ରାଦି ପ୍ରଦାନ ଦ କରିବା ସଙ୍ଗେସଙ୍ଗେ କୃତି ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି ।

## କୁଟୁଣିଆ ସାହି ବସ୍ତି ଉଚ୍ଛେଦ ଘଟଣା

# ଯୁବକଙ୍କ ଆତ୍ମହତ୍ୟା, ପ୍ରତିବାଦରେ ରାସ୍ତାରୋକ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ପୌରାଞ୍ଚଳର ୯ ନମ୍ବର ୱାର୍ଡରେ ବେଆଇନ ଭାବରେ ଗଢିଉଠିଥିବା କୁଟୁଣିଆ ବସ୍ତିରେ ଥିବା ୬୮ଟି ଘରକୁ ପୌରସଂସ୍ଥା ଭାଙ୍ଗିରୁଜି ଚୁରମାର କରିଦେଇଛି । ଏହି ଘଟଣାରେ ଭାରସାମ୍ୟ ହରାଇ ଜଣେ ଯୁବକ ଭଙ୍ଗାଘରେ ଆତ୍ମହତ୍ୟା କରିଥିବା ବେଳେ ଏହାର ପ୍ରତିବାଦରେ ସାହିବାସିନ୍ଦା ୫୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ ।

ଢେଙ୍କାନାଳ ସହରର ୯ନମ୍ବର ଓ୍ୱାର୍ଡ କୁଟୁଣିଆକୁ ବ୍ୟାପକ ପୋଲିସ ଫୋର୍ସ ସହାୟତାରେ ବୁଲଡୋଜର ଲଗାଇ ଗତ ୧୨ ଓ ୧୩ ତାରିଖ ଦୁଇଦିନ ଧରି ଉଚ୍ଛେଦ କରାଯାଇଥିଲା । ପୌରସଂସ୍ଥା ତରଫରୁ ୬୮ଟି ଘରକୁ ଭାଙ୍ଗି ରୁଜି ଚୁରମାର କରିଦିଆଯାଇଥିବା ବେଳେ ଏହାକୁ ନେଇ ସାହିର ରବିନାରାୟଣ ପଣ୍ଡା(୨୨) ମାନସିକ ଭାରସାମ୍ୟ ହରାଇ ସେହି ଭଙ୍ଗା ଘରେ ଆତ୍ମହତ୍ୟା କରିଥିଲେ । ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ତିବ୍ର ପ୍ରତିକ୍ରୀୟା ପ୍ରକାଶ କରିବା ୫୫ ନମ୍ବର ଜାତୀୟ ରାଜପଥର କଣ୍ଟାନାଳୀ ବାଇପାସରେ ଶବ ରଖି ପ୍ରତିବାଦ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱର୍ରେ ଯାନବାହନ ଚଳାଚଳ



ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା ।

ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ଆମ ଘର ଭାଙ୍ଗିଦେବା ପରେ ଆମେ କୋଉଠି ରହିବୁ ଏବଂ କୋଉଠି ଭଡା ଘର ନେଇ ରହିବୁ । ଏହାକୁ ନେଇ ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି । ଉପଯୁକ୍ତ ତଦନ୍ତସହିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବୀ କରିଥିଲେ। ପରେ ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା । ଘଟଣା ସ୍ଥଳରେ ସଦର ତହସିଲଦାର ସ୍ୱାଧିନ କୁମାର ବେହେରା ପହଞ୍ଚି କହିଥିଲେ ଯେ,ରେଡକ୍ରସ ତରଫରୁ ୧୦ ହଜାରଟଙ୍କା ପ୍ରଦାନ କରାଯିବ ।ସେମାନେ ଏକଦାବୀ ପତ୍ର ପ୍ରଦାନ କରିବା ସହିତ ଏଫଆଇଆର ଦେଇଛନ୍ତି । ସମସ୍ତଙ୍କର ଏଫଆଇଆର ଦେବାର ଅଧିକାର ରହିଛି ତାହା ଦେଇଦେବୁବୋଲି କହିବା ସହିତ ସେମାନେ କ୍ଷତିପୂରଣ ଦାବୀ କରିବା ସହିତ ଜିଲ୍ଲାପାଳଙ୍କୁଲିଖିତ ଭାବରେଜଣାଇଲେ ସେ ନିଷ୍ପତି ଗ୍ରହଣ କରିବେ ବୋଲି କହିଥିଲେ । ଏ ସଂକ୍ରାନ୍ତରେ ମଧ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାର କହିଛନ୍ତି ।

ରାସ୍ତାରୋକ ଯୋଗୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଦୁଇ ପ୍ଲାଟୁନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଠାଇ ଦେଇଥିଲେ । ପ୍ରକାଶ ଥାଉକି ଗତ ୧୨ ଏବଂ ୧୩ ତାରିଖରେ ପୋଲିସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଜାରିରହିଥିଲା ।ସହରର ୯ ନମ୍ବର ଓ୍ୱାର୍ଡ କୁଟୁଣିଆ ସାହିରେ ୧୯୦ରୁ ଉର୍ଦ୍ଧ ଘର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପାଖାପାଖି ୮୦ରୁ ଅଧିକ ଲୋକଙ୍କୁ ୨୦୧୬ ମସିହାରେ ଡ୍ରୋନ ସର୍ଭେ କରାଯାଇ ଗୁଣ୍ଠିକିଆ ପଟ୍ଟା ଦିଆ ଯାଇଥିଲା । ପରେ ଅନେକ ଲୋକ ଏଠାରେ ଜବରଦଖଲରେ ରହି ଆସୁଥିଲେ ।ଯାହାକୁ ଆଜି ପୋଲିସ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୁର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି । ଗତ କାଲି ୨୧ଟି ଏବଂ ଆଜି ୪୭ଟି ଘରକୁ ଭାଙ୍ଗି ଦିଆଯାଇଛି ।

ଗତ ଜୁନ୍ ୨୨ ତାରିଖରେ ମଧ ଏହି ବସ୍ତିରୁ ଉଚ୍ଛେଦ ପାଇଁ ପ୍ରଚେଷ୍ଟା କରାଯାଇଥିଲା । କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତ ନିର୍ଦ୍ଦେଶ ପରେ ଉଚ୍ଛେଦ ହୋଇ ପାରି ନଥିଲା । କୁଟୁଣିଆ ପାହାଡ ତଳେ ସରକାରଙ୍କ ପକ୍ଷରୁ ସୁଲଭ ଆବାସ ପ୍ରକଳ୍ପ ସାଙ୍ଗକୁ ଇକୋ ପାର୍କ ବା ପରିବେଶ ଉଦ୍ୟାନ କରାଯିବାକୁ ସ୍ଥିର ହୋଇଥିବାରୁ ଏହି ଜବରଦଖଲକୁ ଉଚ୍ଛେଦ କରାଯାଉଛି ବୋଲି କହିଛନ୍ତି ।

# ଏନ୍‌ଟିପିସି ପ୍ଲାଣ୍ଟ ବଙ୍କରରେ ବିସ୍ଫୋରଣ

## ୫ ଶ୍ରମିକ ଆହତ, ଜଣେ ସଙ୍କଟାପନ୍ନ, ଜଣେ ଗୁରୁତର

କଣିହାଁ,(ସବ୍ୟୁ) : ଅନୁଗୋଳ ଜିଲା କଣିହାଁ ସ୍ଥ ଏନଟିପିସି ପ୍ଲାଣ୍ଟର ବଙ୍କର-ବି ରେ ଗତ ରାତିରେ ଭୟଙ୍କର ବିସ୍ଫୋରଣ ହୋଇ ୫ ଗୁରୁତର ଆହତ ହୋଇଛନ୍ତି । ସେଥି ମଧ୍ୟରୁ ଜଣେ ଶ୍ରମିକ ଙ୍କ ଅବସ୍ଥା ସଙ୍କଟାପନ୍ନ , ଜଣେ ଗୁରୁତର ହୋଇଥିବା ଜଣାଯାଇଛି । ଏନଟିପିସି ଥାନା ଅନ୍ତର୍ଗତ ରଙ୍ଗବେଡା ଗ୍ରାମର ଖଗେଶ୍ୱର ସାହୁ ଗୁରୁତର ଆହତ ହୋଇ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ସମ ଅଲଫିମେଟ ରେ ଚିକିତ୍ସିତ ହେଉଥିବା ବେଳେ କଣିହାଁ ଥାନା ଟେଣ୍ଟେଇବେରେଣି ଗ୍ରାମର ଶୁକଦେବ ଭୂତିଆ (୫୦) ଗୁରୁତର ଆହତ ହୋଇ ଭୁବନେଶ୍ୱର ସମ ଅଲଫିମେଟ ହସ୍ପିଟାଲ ରେ ମଧ ଚିକିତ୍ସିତ ହେଉଛନ୍ତି । ଖଗେଶ୍ୱରର ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗିଥିବା ବେଳେ ଶୁକଦେବର ଛାତିରେ ଆଘାତ ଓ ମୁହଁ ପୋଡି ଯାଇଥିବା ଜଣାଯାଏ । ଅନ୍ୟ ୩ଜଣ ଶ୍ରମିକ କଣିହାଁ ଥାନା କମରେଇ ଗ୍ରାମର କିଶୋରି ପ୍ରଧାନ(୫୬), ତେଲସିଂହା ଗ୍ରାମର ସୁଶାନ୍ତ ସାହୁ(୫୫), ନାଳମ ଗ୍ରାମର ବଳରାମ ନାଏକ (୨୫) ଆହାତ ହୋଇ ଏନଟିପିସି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଅବସ୍ଥା ସ୍ଥିର ରହିଛି ।

ସୂଚନା ଯୋଗ୍ୟ ଯେ, ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୨ ଘଟିକା ସମୟରେ ପ୍ଲାଣ୍ଟୟୁନିଟ-୧ ର ବଙ୍କର-ବି ଭିତରେ ବଙ୍କର ମହଲା ସ୍ତରରେ ଏକ ବିସ୍ଫୋରଣ ଘଟିଥିଲା ,ଯାହା ଫଳରେ ଘଟଣାସ୍ଥଳରେ କାମ କରୁଥିବା ୫ ଜଣ ଶ୍ରମିକ ଆହତ ହୋଇଥିଲେ । ଘଟଣାର କାରଣ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଦ୍ୱାରା ତଦନ୍ତ କରାଯାଉଛି । ଖବର ପାଇ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଏନଟିପିସି ମେଡିକାଲ ରେ ପହଞ୍ଚି ଆହତ ଙ୍କୁ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ଗୁରୁତର ଆହାତ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି ଏନଟିପିସି ଅଧିକାରୀଙ୍କୁ ପଚାରି ବୁଝିଥିଲେ । ବିଧାୟକ ଆହାତ ଙ୍କ ଉତ୍ତମ ଚିକିତ୍ସା ଓ ପ୍ଲାଣ୍ଟ ରେ ଶ୍ରମିକ ମାନଙ୍କ ନିରାପତ୍ତା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଏନଟିପିସି ଅଧିକାରୀଙ୍କୁ ତାଗିଦ କରିଥିଲେ । ଏନଟିପିସି ପକ୍ଷରୁ ବଙ୍କରରେ ଏକ ମୃଦୁ ବିସ୍ଫୋରଣ ହୋଇ ୫ଜଣ ଶ୍ରମିକ ଆହାତ ହୋଇଥିବା ଓ ତାଙ୍କୁ ସାଙ୍ଗେ ସାଙ୍ଗେ ଆମ୍ବୁଲାନ୍ସ ଯୋଗେ ଏନଟିପିସି ମେଡିକାଲକୁ ନେଇ ଚିକିତ୍ସା କରାଇବା ପରେ ସେଥି ମଧ୍ୟରୁ ୨ ଜଣଙ୍କୁ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସମ ଅଲଫିମେଟ ମେଡିକାଲ ପଠାଯାଇଥିବା ପ୍ରକାଶ କରିଛନ୍ତି ।

# ମାଧପୁର ଉଚ୍ଚ ବିଦ୍ୟାଳୟରେ କବାଡି ଖେଳ ଶୁଭାରମ୍ଭ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ସ୍ଥିତ ମାଧପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କବାଡି ଖେଳ ର ଶୁଭାରମ୍ଭ କରା ଯାଇଛି । ଛାତ୍ରଙ୍କ ର ସଫଳତା ମନାସି ସ୍କୁଲ ତରଫରୁ ପୂଜା କରାଯାଇଥିଲା । ପ୍ରଧାନଶିକ୍ଷକ ଜୟନ୍ତ କୁମାର ମାହାର ଫିତା କାଟି କବାଡି ଖେଳ ର ଶୁଭାରମ୍ଭ କରିଥିଲେ । ସୂଚନା ଥାଉ କି ମାଧପୁର ସ୍କୁଲ ରେ ଚାରୋଟି ସେକ୍ସନ କରା ଯାଇ କବାଡି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସ୍କୁଲ ସ୍ତର ରୁ ସଫଳତା ପାଇ ଖେଳାଳି ମାନେ ଜୋନାଲ ସ୍ତର କୁ, ବ୍ଲକ ସ୍ତରକୁ, ଜିଲ୍ଲା ସ୍ତର କୁ ଶେଷରେ ରାଜ୍ୟ ସ୍ତର କୁ ଖେଳି ଯିବା ପାଇଁ ସ୍ଥିର ହୋଇଛି । ଆଜିର ଏହି ଉ"ାଟନୀ କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ବଳରାମ ବେହେରା, ଶିକ୍ଷକ ବସନ୍ତ କୁମାର ବିଶ୍ୱାଳ, ପ୍ରଶ୍ନଜିତ ସାହୁ, ରୁଷଭ ସେଠୀ, ସୁଜିତ କୁମାର ସାହୁ, ଆଶୁତୋଷମେହେର, ସୁମନ୍ତ ଭୋକ୍ତା, ଶିକ୍ଷୟତ୍ରୀ କବିତା ବିଶି, ସୁଚିଶୀଳା ମହାକୁଳ, ପୁଷ୍ପାଞ୍ଜଳି ଦଳେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବଇଣ୍ଡାରେ ସଫେଇ କାର୍ଯ୍ୟକ୍ରମ

ଠାକୁରଗଡ/ବଇଣ୍ଡା,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକ ରେ ଶନିବାର ଦିନ ସେବା ପାଇଁ ଜନ୍ମ ଅନୁଷ୍ଠାନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ସାହୁ ଙ୍କ ନେତୃତ୍ୱରେ ଅନୁଷ୍ଠାନ ର ସିଦ୍ଧେଶର ରଥ , ମିଥୁନ ଦାସ , ଫଞ୍ଜଶର ପ୍ରଧାନ ,ବିକାଶ ସେଠି , ଶ୍ରୀକାନ୍ତ ପ୍ରଧାନ , ଦିନେଶ ମହାନ୍ତି , ମାନସ ସାହୁ , ପ୍ରମୁଖ ଯୋଗ ଦେଇ ବଇଣ୍ଡା ଅଞ୍ଚଳ କୁ ସଫେଇ କରିଥିଲେ । ଏଥିସହ କିପରି ବଇଣ୍ଡା ଅଞ୍ଚଳ ସ୍ୱଚ୍ଛ ରହିବ ସେ ନେଇ ସମସ୍ତେ ଧାନ ଦେବାକୁ ପରାମର୍ଶ ଦେଇଥିଲେ ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ବଅଁରପାଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ପାଞ୍ଚ ଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟ ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ବିଜୟ କୁମାର ନାଥ, ସମ୍ମାନିତ ଅତିଥି ଗୋଷ୍ଠି ଉନ୍ନୟନ ଅଧିକାରୀ ଲୋଚନ ଦାସ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ ନାୟକ,ସମାଜସେବୀ ଦିଲ୍ଲୀପ ସାମଲ ଯୋଗ ଦେଇଥିଲେ ।ଏହି ଶିବିର ରେ ହାଡ଼ ଓ ଗଣ୍ଠି ରୋଗ ସମ୍ବନ୍ଧୀୟ ୧୬୦ ଜଣ ରୋଗୀ ପରୀକ୍ଷା କରିଥିଲେ । ଶିଶୁ ବିଭାଗ ରେ ୫୨ ଜଣ, ଚକ୍ଷୁ ବିଭାଗ ରେ ୬୮ ଜଣ, ଭେଷଜ ବିଭାଗ ରେ ୬୨ ଜଣ, ମାନସିକ ରୋଗ ବିଭାଗ ରେ ୮୨,କାନ, ନାକ,ଗଳା ବିଭାଗ ରେ ୫୨ ରୋଗୀ ଡାକ୍ତର ଙ୍କର ପରାମର୍ଶ ନେଇଥିଲେ । ୧୧ ଜଣ ଭିନ୍ନକ୍ଷମ ଙ୍କୁ ବସ ପାସ ଦିଆଯାଇଥିଲା । ଶିବିରରେ ୯ ଜଣ ଭିନ୍ନକ୍ଷମ ଙ୍କୁ ସଓ୍ୱଳ୍ପ ସୁଧ ହାରରେ ଋଣ ଯୋଗାଇ ଦେବା ଚିହ୍ନଟ କରାଯାଇଥିଲା । ଏହି ଅଭିଯାନ ଅବସରରେ ଭିନ୍ନକ୍ଷମ ଶିଶୁ ଓ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ପ୍ରତିଭା ଓ ସାମର୍ଥ୍ୟକୁ ଚିହ୍ନଟ କରିବା ସହିତ ସେମାନଙ୍କୁ ଆବଶ୍ୟକ ସହାୟତା, ସୁବିଧା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା । ଭିନ୍ନକ୍ଷମତା କୌଣସି ଦୁର୍ବଳତା ନୁହେଁ, ବରଂ ଉପଯୁକ୍ତ ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ଭିନ୍ନକ୍ଷମ ବ୍ୟକ୍ତିମାନେ ସମାଜର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିପାରିବେଏହି ବାର୍ତ୍ତା ଅଭିଯାନ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଭୀମ ଭୋଇଙ୍କ ମାନବିକତା, ସମାନତା ଓ ସାମାଜିକ ନ୍ୟାୟର ଚେତନାକୁ ଆଧାର କରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜରେ ସମାନ ସୁଯୋଗ ଓ ସମ୍ମାନ ଦେବାର ଆବଶ୍ୟକତା ଉପରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ଗୋଟିଏ କକ୍ଷରେ ତିନି ତିନି ଜଣ ଡାକ୍ତରଙ୍କୁ ନେଇ ଚାଲିଛି ବହିର୍ବିଭାଗ ରୋଗୀ ଚିକିତ୍ସା

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ମାସ ହେ ଗୋଟିଏ କକ୍ଷରେ ତିନି ତିନି ଜଣ ଡାକ୍ତରଙ୍କୁ ନେଇ ଚାଲୁ ରହିଛି ବାର୍ହିବିଭାଗ ଚିକିତ୍ସା ସେବା । ଫଳରେ ଗାଁ ଗହଳି ଓ ଦୂର୍ ଦୂରାନ୍ତରୁ ଚିକିତ୍ସା ସେବା ଆଶାରେ ପ୍ରତ୍ୟହ ଆସୁଥିବା ରୋଗି ମାନେ ହିନସ୍ତା ହେଉଥିବା ଦେଖା ଯାଉଛି । କେବଳ ରୋଗୀ ନୁହେଁ ସେମାନଙ୍କୁ ନେଇ ସଙ୍ଗରେ ନେଇ ଆସୁଥିବା ପରିଜନ ମାନେ ମଧ ସମଦଶା ଭୋଗୁଛନ୍ତି ।



ପୂର୍ବରୁ ୩/୪ ଟି ଭିନ୍ନ ଭିନ୍ନ କକ୍ଷରେ ଭିନ୍ନ ଭିନ୍ନ ବିଭାଗର ଡାକ୍ତରମାନେ ନିର୍ଦ୍ଦିଷ୍ଟ ସମୟରେ ରୋଗୀ ମାନଙ୍କୁ ଚିକିତ୍ସା ସେବା ଦେଇ ଆସି ଥିବା ବେଳେ ଏବେ ସେଥିରେ ବ୍ୟତିକ୍ରମ ଘଟି ଥିବାରୁ ସ୍ଥାନିୟ ବୁଦ୍ଧିଜୀବି ମହଲରେ ଉଦବେଗ ପ୍ରକାଶ ପାଇଛି । ଗତ ସରାକରଙ୍କ ସମୟରେ ମୋ ଡ଼ାକ୍ତରଖାନା ଯୋଜନାରେ ଅନ୍ୟାନ୍ୟ ଡ଼ାକ୍ତରଖାନା ଭଳି ଏଠାରେ ମଧ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତକରଣ କାର୍ଯ୍ୟ କରାଯାଇଥିଲେ ମଧ ବହୀର୍ବିଭାଗ ଚିକିତ୍ସା ସେବା ପାଇଁ ସେଭଳି କୌଣସି ଦୃଷ୍ଟାନ୍ତ ମୂଳକ ସ୍ୱତନ୍ତ୍ର କକ୍ଷ ନିର୍ମାଣ କରାଗଲା ନାହିଁ । ଫଳରେ ସମସ୍ୟା ଯଥା ପୂର୍ବମ ତଥା ପରମ ଭଳି ରହିଯାଇଛି। ଡ଼ାକ୍ତରଖାନା ପରିସରରେ ୧୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଚକ୍ଷୁ ବିଭାଗ ଥାଇ ଧିରେ ଧିରେ ଭାଙ୍ଗି ରୁଜି ଯିବାରୁ ଚକ୍ଷୁ ବିଭାଗକୁ ଡ଼ାକ୍ତରଖାନାର ଏକ ସ୍ୱତନ୍ତ୍ର କକ୍ଷକୁ ସ୍ଥାନାନ୍ତର କରାଯାଇଛି । ସେହିଭଳି ଦନ୍ତ ବିଭାଗ ସପ୍ତାହକୁ ଦୁଇ ତିନି ଦିନ ଖୋଲା ରହି ଅଯଥା ଏକ କକ୍ଷକୁ ଅବୁରି ବସିଛି ।

ବ୍ୟବସ୍ଥା ଗତ ତ୍ରୁଟି ଯୋଗୁଁ ଏଭଳି ଅସୁବିଧା ଲାଗି ରହିଥିବାରୁ ଅଞ୍ଚଳ ବାସୀଙ୍କ ମଧ୍ୟରେ କ୍ଷୋଭ ଅସନ୍ତୋଷ ବଢୁଛି ।

ପ୍ରତିଦିନ ସକାଳ ୮ ଟା ଠାରୁ ମଧାହ୍ନ ୧୨ ଟା ଯାଏଁ ରୋଗୀମାନେ ବହୀର୍ବିଭାଗ କକ୍ଷ ସାମ୍ନା ବାରଣ୍ଡାରେ ଲମ୍ବା ଧାଡ଼ି କରୁଥିବାର ଦେଖା ଯାଉଛି । ଏହାଦ୍ୱାରା ପରିସରର ଗହଳି ଚହଳି ହେଉଛି । ତତସହିତ ଅନ୍ୟାନ୍ୟ ରୋଗୀ ମାନେ ୱାର୍ଡକୁ ଯିବା, ଆପାତକାଳୀନ ସେବା, ଦୂର୍ଘଟଣା ଓ ଅନ୍ୟାନ୍ୟ କାରଣରୁ କ୍ଷତ ବିକ୍ଷତ ହେଲେ ଜରୁରୀ ଚିକିତ୍ସା ସେବା ଆଦି କକ୍ଷ ଆଡକୁ ଯିବାରେ ରୋଗୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣା ପଡିଛି । ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଏ ସମସ୍ତ ସ୍ଥାନିୟ ସମସ୍ୟା ଗୁଡ଼ିକ ପ୍ରତି ଯନିବାନ ହେବାକୁ ସାଧାରଣରେ ଦାବି ହେଉଛି ।

ସମସ୍ୟା ଓ ଏହାର ସମାଧାନ ସଂପର୍କରେ ହିନ୍ଦୋଳ ଏସ ଡି ଏମ ଓ ଙ୍କୁ ପଚାରିବାରେ ସେ ଆବଶ୍ୟକ କକ୍ଷ ନଥିବା ଏଂ ଦିନକୁ ଦିନ ଡାକ୍ତର ସଂଖ୍ୟା କମୁ ଥିବାରୁ ସମସ୍ୟା ସମାଧାନ ହେବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ ନୂଆ ଭାବେ ଆସି ଛନ୍ତି ଏ ସଂପର୍କରେ ପଚାରି ବୁଝି ପଦେକ୍ଷପ ନେବେ ବୋଲି କହିଥିଲେ ।

# ଶକ୍ତିଶ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଠାକୁରଗଡ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଷୋଳପଦା ସ୍ନାତକ ମହାବିଦ୍ୟାଳୟ ରେ ଚାଲିଥିବା ଶକ୍ତିଶ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଶନିବାର ଦିନ ଉଦଯାପନ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ୍ୟା ପ୍ରତିମା ବାଘ ଥିବାବେଳେ ସମ୍ମାନୀତ ଅତିଥି ଥିଲେ ଅଧ୍ୟାପକ ସରୋଜ ରଞ୍ଜନ ପ୍ରଧାନ ଓ ସରୋଜ କୁମାର ଦାସ , ମୁଖ୍ୟବକ୍ତା ଅଧ୍ୟାପକ ତରୁଣ କୁମାର ପ୍ରଧାନ ଓ କଲ୍ୟାଣୀ ରୁପା ମିଶ୍ର ଆତ୍ମ ସୁରକ୍ଷା ଜୀବନ ରକ୍ଷା' କହିବା ବେଳେ ଦକ୍ଷ ପ୍ରଶିକ୍ଷିକା ସସ୍ମିତା ସାହୁ ଆତ୍ମସୁରକ୍ଷା ତାଲିମ ଦେଇଥିଲେ । ଏହି ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିରରେ ପ୍ରଥମ ଓ ଶେଷ ବର୍ଷର ୬୦ ଜଣ ଛାତ୍ରୀ ଅଂଶଗ୍ରହଣ କରି ଶିକ୍ଷା ଗ୍ରହଣ କରିଥିଲେ । ଏହି ଅବସରରେ ନାରୀ ମାନେ କିପରି ଆତ୍ମ ସୁରକ୍ଷା କରିପାରିବେ ଏବଂ ନିଜକୁ ନିଜେ ସୁରକ୍ଷା ଦେବାର କୌଶଳ ବିଷୟରେ ବିସାଦ ଆଲୋଚନା ହୋଇଥିଲା । ଛାତ୍ରୀମାନେ ପାଇଥିବା ତାଲିମର ଅନୁଭୂତି ବଖାଣି ଥିଲେ ଓ ସେହି ଶିକ୍ଷାକୁ କିପରି କାର୍ଯ୍ୟରେ ପରିଣତ କରିବେ ଶପଥ ନେଇ ଥିଲେ । ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରା ଯାଇଥିଲା । ଟୁକୁନା ପ୍ରଧାନ,ମନୋରଞ୍ଜନ ବାରିକ, ସନ୍ଦୀପ କୁମାର ବେହେରା , ପ୍ରଜ୍ଞାରଞ୍ଜନ ସାହୁ ସହଯୋଗ କରିଥିଲେ ।

# ରାଜପଥ ମରାମତି କାର୍ଯ୍ୟ କଲେ ତାଳଚେର ନଗରପାଳ ଓ କାଉନସିଲର

ତାଳଚେର ,(ସବ୍ୟୁ) : ତାଳଚେର ସହର ଦେଇ ଯାଇଥିବା ଏନ ଏଚ ଆଇ ଜାତୀୟ ରାଜପଥ ମୁଖ୍ୟ ଟ୍ରାଫିକ ଛକ ସମେତ ଏହାର ଆଖ ପାଖ ଅଞ୍ଚଳଟି ଦୀର୍ଘ ଦିନ ବ୍ୟାପୀ ବର୍ଷା ଜଳ ସାଙ୍ଗକୁ ନର୍ଦ୍ଦମା ପାଣି ସମେତ ଖାଲ ଖମାଣ ହୋଇ ଏକ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିଲା । ଏ ନେଇ ଏନ ଏଚ ଆଇ କତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ଏଥି ପ୍ରତି କେହି ହେଲେ ସାମାନ୍ୟତମ ଦୃଷ୍ଟି ଦେଇ ନଥିଲେ ଫଳରେ ଏହି ଛକ ଅଞ୍ଚଳ ଦେଇ ଯାତାୟତ କରିବା ଆଦୌ ସମ୍ଭବ ହୋଇନଥିଲା । ପରିଶେଷରେ ଆଜି ସକାଳେ ତାଳଚେର ନଗରପାଳ ପବିତ୍ର ଭୁତିଆଙ୍କ ସମେତ କେତେକ କାଉନସିଲର ମାନଙ୍କ ଉଦ୍ୟମ ଓ ଉପସ୍ଥିତିରେ ଏକ ଜେସିବି ମେସିନ ସହାୟତାରେ ଏହି ଛକ ନିକଟରେ ରହିଥିବା ଏକାଧିକ ଖାଲ ଖମାଣ ଗୁଡ଼ିକୁ ସମତଳ କରିବା ସହ ଜମା ହୋଇ ରହିଥିବା ବର୍ଷା ଜଳକୁ ନିଷ୍କାସନ କାର୍ଯ୍ୟ କରାଯାଇ ସେହି ଟ୍ରାଫିକ ଛକ ଅଞ୍ଚଳଟିକୁ ସମତଳ ଓ ପରିଷ୍କାର ପରିଛନ କରିଥିବା ଘଟଣା ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଦର୍ଶକ ମହଲରେ ମତ ପ୍ରକାଶ ପାଇଛି ।

# ଛାତ୍ରଛାତ୍ରୀ ନିଶାମୁକ୍ତ ପାଇଁ ଶପଥ ନେଲେ



ଭୁବନ, (ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲା ଭୁବନ ପୋଲିସ ପକ୍ଷରୁ ନିଶାମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଭୁବନ ବ୍ଲକ ଅନ୍ତର୍ଗତ ଭୁଷଳ ପିଏମ ଶ୍ରୀ ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତ୍ରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ଅଭିଯାନରେ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ ଯୋଗଦେଇ ନିଶା ସେବନ ଦ୍ୱାରା ଶାରୀରିକ, ମାନସିକ କୁପ୍ରଭାବ ସମ୍ପର୍କରେ ସୂଚନା ଦେଇ କହିଥିଲେ ପାନ, ଗୁଟଖା, ବିଡି, ସିଗାରେଟ ସେବନ ଦ୍ୱାରା ଅନେକ ଲୋକ ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ମଦ୍ୟପାନ ଦ୍ୱାରା ଲିଭର ନଷ୍ଟ ହେଉଛି ।

ନିଶାଡିମାନେ ଅବେଳରେ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି ବୋଲି କହିବା ସହ ନିଶା ଠାରୁ ଦୂରେଇ ରହିବା ଓ ପରିବାର ଏବଂ ପଡ଼ୋଶୀରେ ପରିବର୍ତ୍ତନର ଦୂତ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏସ ଆଇ ପ୍ରଦୀପ ଭୂତାଣୁ ଟୋଲ ଫ୍ରି ନମ୍ବର ୧୯୩୩ ରେ ନିଶାଡିଙ୍କ ସମ୍ପର୍କରେ ଗୁପ୍ତ ତଥ୍ୟ ଦେଇ ପୁରସ୍କୃତ ହେବା ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ନିଶାମୁକ୍ତ ପାଇଁ ଶପଥ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ପୋକ୍ସୋ କୋର୍ଟଙ୍କ ଦ୍ୱାରା ଦୋଷୀକୁ କଠୋର କାରାଦଣ୍ଡ ଓ ଜରିମାନା

ଅନୁଗୋଳ,(ସବ୍ୟୁ) : ଅନୁଗୋଳର ଅତିରିକ୍ତ ଜିଲ୍ଲା ଦୌରା ଜଜ (ପୋକ୍ସୋ କୋର୍ଟ) ଶ୍ରୀମତୀ ସୌମ୍ୟା ସୁଭଦର୍ଶିନୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି ଅଭିଯୁକ୍ତ ସନ୍ତୋଷ କୁମାର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ବିଭିନ୍ନ ଦଫାରେ କଠୋର କାରାଦଣ୍ଡ ଓ ଜରିମାନା ଶୁଣାଇଛନ୍ତି । ସ୍ପେଶାଲ (ପୋକ୍ସୋ) କେସ ନଂ- ୪୯/୨୦୨୦ (କଲିୟରୀ ଥାନା କେସ ନଂ- ୨୭୯, ତାରିଖ: ୨୪.୦୮.୨୦୨୦) ମାମଲାରେ ଏହି ରାୟ ପ୍ରକାଶ ପାଇଛି ।ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପି.ପି. (ପୋକ୍ସୋ) ଦିଲ୍ଲୀପ କୁମାର ଦାସ ଏବଂ ସହଯୋଗୀ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରୁଥିଲେ । ଅଦାଲତ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦୋଷୀଙ୍କୁ ନିମ୍ନମତେ ଦଣ୍ଡାଦେଶ ଦେଇଛନ୍ତି:ପୋକ୍ସୋ ଆକଫର ଦଫା ୮ ଅନୁଯାୟୀ: ୦୫ (ପାଞ୍ଚ) ବର୍ଷର ସଶ୍ରମ କାରାଦଣ୍ଡ ସହ ୩୦,୦୦୦/- (ତିରିଶ ହଜାର) ଟଙ୍କା ଜରିମାନା ।

ଜରିମାନା ଅନାଦେୟ ହେଲେ ଅଧିକ ୦୬ (ଛଅ) ମାସର ସଶ୍ରମ କାରାଦଣ୍ଡ । ଆଇ.ପି.ସି.ର ଦଫା ୫୦ ଅନୁଯାୟୀ ୦୨ (ଦୁଇ) ବର୍ଷର ସଶ୍ରମ କାରାଦଣ୍ଡ ସହ ୨୦,୦୦୦/- (କୋଡ଼ିଏ ହଜାର) ଟଙ୍କା ଜରିମାନା । ଜରିମାନା ଅନାଦେୟ ହେଲେ ଅଧିକ ୦୩ (ତିନି) ମାସର ସଶ୍ରମ କାରାଦଣ୍ଡ । ଆଇ.ଟି. ଆକଫର ଦଫା ୬୭ ଅନୁଯାୟ ୦୩ (ତିନି) ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦,୦୦୦/- (ପଚାଶ ହଜାର) ଟଙ୍କା ଜରିମାନା । ଜରିମାନା ଅନାଦେୟ ହେଲେ ଅଧିକ ୦୬ (ଛଅ) ମାସର ସଶ୍ରମ କାରାଦଣ୍ଡ । କୋର୍ଟଙ୍କ ଏହି ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ସରକାରୀ ଓକିଲଙ୍କ ସଫଳ ପରିଚାଳନା ଯୋଗୁଁ ଅଞ୍ଚଳରେ ଅପରାଧୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହ ପୀଡ଼ିତାଙ୍କୁ ନ୍ୟାୟ ମିଳିପାରିଛି ।


# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ତାଳଚେର,(ସବ୍ୟୁ) : ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ତାଳଚେର ଗସ୍ତ ଅବସରରେ ଏକ ଦାବୀପତ୍ର ଗୁରୁଜାଙ୍ଗ ଠାରେ ପ୍ରଦାନ କରାଯାଇଛି । ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ପବିତ୍ର ମୋହନ ମେଡିକାଲ କଲେଜର ରୋଗୀ ସେବା ଜିଲ୍ଲା ମେଡିକାଲ ପରିବର୍ତ୍ତେ ତାଳଚେର ସ୍ଥିତ ପବିତ୍ର ମୋହନ ମେଡିକାଲରେ କରିବା ଦାବୀରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଆଜକୁ ୨୨୫ ଦିନ ହେଲା ଚାଲୁ ରହିଛି । ତାଳଚେରରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ପବିତ୍ର ମୋହନ ମେଡିକାଲ ତିଆରି କଲେ । ପବିତ୍ର ମୋହନ ମେଡିକାଲ ରେ ଆନୁସଙ୍ଗିକ ବ୍ୟବସ୍ଥା ମଧ କରାଗଲା । କିନ୍ତୁ ଦୁଃଖର ବିଷୟ ତାଳଚେରର ପବିତ୍ର ମୋହନ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲା କିନ୍ତୁ ସରକାର ମେଡିକାଲ କଲେଜ ର ମେଡିକାଲ କୁ ପବିତ୍ର ମୋହନ ମେଡିକାଲ ବଦଳରେ ଅନୁଗୋଳ ଜିଲ୍ଲା ମେଡିକାଲ କୁ ଗ୍ରହଣ କଲେ । ବର୍ତ୍ତମାନ ଜିଲ୍ଲା ମେଡିକାଲ ରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ର ମେଡିକାଲ କାର୍ଯ୍ୟ କରୁଅଛି । ତାଳଚେରବାସୀ ସରକାରଙ୍କୁ ସବୁଠାରୁ ଅଧିକ ରାଜସ୍ୱ ଦେବା ପାଇଁ ଏଠାରୁ ଅଧିକ କୋଇଲା ଓ ବିଜୁଳି ଉତ୍ପାଦନ ହେଉଅଛି । ଏହା ଦ୍ୱାରା ଏହି ଅଂଚଳ ଦେଶର ସବୁଠାରୁ ଅଧିକ ପ୍ରଦୂଷଣ ଅଂଚଳ ଭାବରେ ବିବେଚନା ହୋଇଛି ଓ ପ୍ରଦୂଷଣରେ ଧୂଳିଧୂଆଁ ଖାଇ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ଜର୍ଜରିତ ହୋଇ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଛନ୍ତି ।

ଏଠାରେ ଖୁବ କମ ବୟସରେ ଲୋକମାନେ ହାର୍ଟ, କ୍ୟାନସର ରୋଗରେ ମୃତ୍ୟୁବରଣ କରୁଛନ୍ତି । ଏହାକୁ ଗୁରୁତରସହ ବିଚାର କରି ତାଳଚେରବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଦେବାପାଇଁ ମେଡିକାଲ କଲେଜ ର ହସପିଟାଲକୁ ଜିଲ୍ଲା ପରିବର୍ତ୍ତେ ତାଳଚେର ପବିତ୍ର ମୋହନ ହସପିଟାଲକୁ ଗ୍ରହଣ କରାଯାଉ । ଏହା ପୂର୍ବରୁ ଗତ ତା୧୮/୨/୨୦୨୬ ରିଖରେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦ୍ୱାରା ଜଣାଇ ଦିଆଯାଇଥିଲା । ଆଜିର ଏହି ଦାବୀପତ୍ର ପାଇଁ ଉପଦେଷ୍ଟା ଚୈତନ୍ୟ ପ୍ରଧାନ, ସାଧାରଣ ସଂପାଦକ ବିଜୟ ପ୍ରଧାନ, ଉପସଭାପତି ବିନୋଦ ଲାଲ, ଶୋଭାଗିନୀ ଦେବୀ, ବାସନ୍ତୀ ନାଥ ପ୍ରମୁଖ ଗୁରୁଜାଙ୍ଗ ଠାରେ ଉପସ୍ଥିତ ଥିଲେ ।

# ଯମରଡ଼ିହ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ପାଲଲହଡା, (ସବ୍ୟୁ) : ୧୯୯୬ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ଅମଳରେ ପାଲଲହଡାର ଅତ୍ୟନ୍ତ ଉପାନ୍ତ ଅଞ୍ଚଳର ୫ ଗୋଟି ପଂଚାୟତର ପ୍ରାୟ ୫ ହଜାର ଆଦିମ ଅଧିବାସୀ ଓ ସେଠାରେ ସ୍ଥାପିତ ୩ ଗୋଟି ଆଶ୍ରମ ସ୍କୁଲର ପ୍ରାୟ ହଜାରେରୁ ଅଧିକ ଛୁଆଙ୍କ ସ୍ୱାସ୍ଥ୍ୟସେବା ପାଇଁ ଏହାର କେନ୍ଦ୍ରସ୍ଥଳ ଯମରଡ଼ିହଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲେ ।ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ଦିନଠୁଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ଖମାର ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଆସୁଥିବାବେଳେ ଗତ ଜୁନ ୧ ତାରିଖ ଠାରୁ ଏହାର ସମସ୍ତ ପରିଚାଳନା ଦାଇତ୍ୱ ପରିବର୍ତ୍ତନ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ହାତକୁ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଟେକି ଦେଇଥିଲେ । ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେବା ଏବଂ ସ୍ୱେଚ୍ଛାସେବୀ ସଂଗଠନର ମନମାନୀରେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଚାଲିବାର ଆଶଙ୍କା କରି ରାଜ୍ୟ ସରକାରଙ୍କ ଉକ୍ତ ନିର୍ଦ୍ଦେଶାବଳୀର ଘୋର ବିରୋଧ କରି ସମ୍ପୃକ୍ତ ଗ୍ରାମବାସୀ ଓ ପାଲଲହଡା ଆଦିବାସୀ ମଞ୍ଚ ପକ୍ଷରୁ ଆମରଣ ଅନସନଠାରୁ ଆରମ୍ଭ



କରି ଡାକ୍ତରଖାନା ଫାଟକକୁ ତାଲା ପକେଇ ଫାଟକ ସାମ୍ନାରେ ଆନ୍ଦୋଳନ ଦୀର୍ଘ ଅଢେଇ ମାସ କାଳ ଆନ୍ଦୋଳନ ଜାରି ରଖିଲେ ଆନ୍ଦୋଳନକାରୀମାନେ ।

ଶେଷରେ ଆନ୍ଦୋଳନକାରୀଙ୍କ ଜିଦ ଆଗରେ ରାଜ୍ୟ ସରକାର ମୁଣ୍ଡ ନୁଆଇଁ ଏହାର ପରିଚାଳନା ଦାୟିତ୍ୱରୁ ଉକ୍ତ ସ୍ୱେଚ୍ଛାସେବୀ ସଂଗଠନକୁ ପ୍ରତ୍ୟାହାର କରିନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହାର ପରିଚାଳନା ଦାୟିତ୍ୱ ନେବାକୁ ସମ୍ମତି ପ୍ରକାଶ କରିଥିଲା । ଯଦ୍ୱାରା ପାଖାପାଖି ୩ ମାସ ହେଲା ସମ୍ପୃକ୍ତ ୫ ଗୋଟି ପଂଚାୟତର ହଜାର ହଜାର ଆଦିମ ଅଧିବାସୀ ସ୍ୱାସ୍ଥ୍ୟସେବାରୁ ବଂଚିତ ହୋଇ କିଛି ଲୋକଙ୍କର ପ୍ରାଣହାନି ଭଳି ଉଦବେଗଜନକ ଘଟଣା ମାନ ଘଟିଗଲା । ଉକ୍ତ ସମ୍ବେଦନଶୀଳ ଘଟଣାକୁ ଲକ୍ଷ କରି କିଛି ଦିନ ତଳେ ପ୍ରଥମେ ପାଲଲହଡା ପଂଚାୟତ ସମିତି ଅଧକ୍ଷା ରୀନାରାଣୀ ନାଏକଙ୍କ ନେତୃତ୍ୱରେ ବ୍ଲକ ବିଜେଡି ତରଫରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ମାଧ୍ୟମରେ ଏହାର ସୁପରିଚାଳନା ପାଇଁ ଦାବୀ ଉପସ୍ଥାପନ କରିଥିବାବେଳେ ଆଜି ବିଜେପିର ଏକ ପ୍ରତିନିଧିଦଳଙ୍କ ଜରିଆରେ ସମ୍ପୃକ୍ତ ୫ ଗୋଟି ପଂଚାୟତର ଶତାଧିକ ଜନସାଧାରଣ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଭେଟି ତାଙ୍କରି ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚାରି ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଯେଉଁ ଚାରିଗୋଟି ଦାବୀ ଉପସ୍ଥାପନ କରିଛନ୍ତି ତନ୍ମଧ୍ୟେର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଚାଳନା ଦାୟିତ୍ୱ ତୁରନ୍ତ ସରକାରଙ୍କ ନୂତନ ବିଧିବ୍ୟବସ୍ଥାରେ କାର୍ଯ୍ୟକ୍ଷମ କରି ସ୍ୱାସ୍ଥ୍ୟସେବାକୁ ସ୍ୱଭାବିକ ଅବସ୍ଥାକୁ ଫେରାଇ ଆଣି ପୁରୁଣା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନଦେଇ ନୂତନ ନିଯୁକ୍ତି କରି ନିରବଚ୍ଛିନ୍ନ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବାସହିତ ଏମବିବିଏସ ଡାକ୍ତର, ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମଚାରୀ ନିଯୁକ୍ତି ଦେଇ ସ୍ୱାସ୍ଥ୍ୟସେବାକୁ ସାଧାରଣ ଗରିବ ଆଦିମ ଅଧିବାସୀଙ୍କ ପାଖରେ ପହଞ୍ଚାଇ ଦେଇ ସରକାର ନିଜେ ହେଉ କିମ୍ବା ଏନଜିଓ ଦ୍ୱାରା ତୁରନ୍ତ ଚାଲୁକରିବା ମୁଖ୍ୟ ଦାବୀ ଥିଲା ।ଆଜିର ଏହି ପ୍ରତିନିଧି ଦଳରେ ଯମରଡ଼ିହର ଯୁବ ନେତା ଦୁଃଖେବନ୍ଧୁ ସାହୁ, ବିଷ୍ଣୁଚରଣ ଖିଲାର ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ବର୍ଷାରେ ଭାଙ୍ଗିଲା ଘର : ସହାୟତା ଅପେକ୍ଷାରେ ବିଧବା ଆଦିବାସୀ ମାଣିକ



ଯୋଡ଼ା,(ସବ୍ୟୁ): ଲଗାଣ ବର୍ଷାରେ ବିଧବା ଆଦିବାସୀ ମହିଳା ମାଣିକର ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସରକାରୀ ସହାୟତା ପାଇଁ ଅନୁରୋଧ କରିଛନ୍ତି। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ କୋଡିପଶା ପଞ୍ଚାୟତର କୁଣ୍ଡେଇ ଗାଁ। ଏକ ବଡ ଆଦିବାସୀ ବସତି। ସେଇଠି ରୁହେ ମାଣିକ ଯୁଆଁଙ୍ଗ। ମାଣିକକୁ ତା' ଗେରସ୍ତ କାହିଁ କେଉଁ ଦିନରୁ ଛାଡି ଚାଲି ଯାଇଛି ଆଉ ପାରିକି। ବିଧବା ଶାଶୁ ଏବଂ ଦୁଇଟି ଛୋଟ ଝିଅଙ୍କୁ ନେଇ ମାଣିକ ଚଳାଉଛି ତା' ପରିବାର। ମାଣିକ ଅବା ତା' ଶାଶୁ, କେହିବି ପାଇ ନାହିଁ ସରକାରୀ ଘର। ନିଜ ବଳରେ ଯେଉଁ ଘର ସ୍ୱାମୀ ଓ ଶ୍ୱଶୁର ନିର୍ମାଣ କରିଥିଲେ, ସେଇଠି ରୁହନ୍ତି ପୁରା ପରିବାର। ତାହା ବି ମାଟି ଘର । ଏବର୍ଷର ଲଗାଣ ବର୍ଷାରେ ମାଟି ବଡୁରି ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ବାକି ଗୋଟିଏ ଦୁଇଟି କୋଠରୀରେ ଏବେ ରହୁଛି ପରିବାର। ଏଠାରେ ପ୍ରକାଶ ଥାଉକି, ଏ ଅଞ୍ଚଳ ମାନ୍ୟବର ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରୋଷେଇ, ଶୋଇବା, ପିଲାଙ୍କ ବସା ଉଠା ପାଇଁ ଘରର ଅଭାବ। ତା ସହିତ ଦରକାର ଗାଈ, ଗୋରୁ, ଛେଳି ଙ୍କ ପାଇଁ ଘର। ଆର୍ଥିକ ଅଭାବରୁ ଘରକୁ ପୁଣି ଥରେ ଠିଆ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। କ୍ଷତିପୂରଣ ଦେବାକୁ ମାଣିକ ଦାବି କରିଛି। ସରପଞ୍ଚ ପାଖରେ ଏ ଖବର ନାହିଁ। ଜିଲ୍ଲା ପ୍ରଶାସନ ପାଖକୁ ଏ ଖବର ପଠାଇବାକୁ କୌଣସି ସରକାରୀ ବ୍ୟବସ୍ଥା ନାହିଁ। ପୂର୍ବରୁ ମଧ ଦେଖାଯାଇଛି ।ମାଣିକକୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଅନୁରୋଧ କରିଛି। ଦେଖାଯାଉ, ଲୋକଙ୍କ ମୁଖ୍ୟମନ୍ତ୍ରୀ କେବେ ବଢ଼ାଇଛନ୍ତି ସହାୟତାର ହାତ।

# ଏଫଏମ୍ ବିଶ୍ୱବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ଫକୀର ମୋହନ (ଏଫଏମ)ବିଶ୍ୱବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷ ପକ୍ଷରୁ ନିଜ ଅଧିକାର ଓ ଆଇନକୁ ଜାଣିବା : ସୁରକ୍ଷିତ, ସମ୍ମାନଜନକ ଓ ଦାୟିତ୍ୱବୋଧସମ୍ପନ୍ନ କ୍ୟାମ୍ପସ ଗଠନ ଶୀର୍ଷକ ଏକ ଛାତ୍ରଛାତ୍ରୀ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପୃଷ୍ଠପୋଷକତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଇନଗତ ସଚେତନତା, ପାରସ୍ପରିକ ସମ୍ମାନ ଏବଂ ସାମୂହିକ ଦାୟିତ୍ୱବୋଧ ମାଧ୍ୟମରେ ଏକ ସୁରକ୍ଷିତ ଓ ସଶକ୍ତ ଶିକ୍ଷା ପରିବେଶ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଜଡ଼ିତ ବିଭିନ୍ନ ଆଇନଗତ ଓ ସାମାଜିକ ପ୍ରସଙ୍ଗକୁ ନେଇ ତିନୋଟି ବିଶେଷଜ୍ଞ ବକ୍ତବ୍ୟ ଅନୁଷ୍ଠିତ ହୋଇଥିଲା। ଶକ୍ତିଶ୍ରୀ ସଶକ୍ତିକରଣ କକ୍ଷର ସଂଯୋଜିକା ଡ଼କ୍ଟର ପ୍ରତିମା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ, ଦାୟିତ୍ୱବାନ ଓ ଆଇନକୁ ସମ୍ମାନ କରୁଥିବା ନାଗରିକ ହେବା ପାଇଁ ଆହ୍ୱାନ ଜଣାଇଥିଲେ। ଶ୍ରୀମତୀ ବସବଦତ୍ତା କର ଭାରତୀୟ ନ୍ୟାୟ ସଂହିତା ଅଧୀନରେ ମହିଳାଙ୍କ ଅଧିକାର ଓ ସେମାନଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଡ଼କ୍ଟର ଗୀତାଞ୍ଜଳି ପଣ୍ଡା ଯୋଗଦେଇ ସୁରକ୍ଷିତ କ୍ୟାମ୍ପସ ରାଗିଂ ନିରୋଧ ଓ ସୁସ୍ଥ ସାମାଜିକ ସମ୍ପର୍କ ବିଷୟରେ ଆଲୋଚନା କରି ପାରସ୍ପରିକ ସମ୍ମାନ ଏବଂ ରାଗିଂ ପ୍ରତି ଶୂନ୍ୟ ସହନଶୀଳତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ପଦ୍ମଲିତା ରାଉତ ଏହି କାର୍ଯ୍ୟକ୍ରମରେ ପୋକ୍ସ ନିୟମ, ପୋକ୍ସୋ ନିୟମ ଏବଂ ନିଜ ଅଧିକାର ବିଷୟରେ ସୂଚନାପୂର୍ଣ୍ଣ ବକ୍ତବ୍ୟ ରଖି ଯୌନ ଉତ୍ପୀଡ଼ନ ଓ ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧ ସମ୍ପର୍କିତ ଆଇନଗତ ସୁରକ୍ଷା ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶେଷରେ ଶକ୍ତିଶ୍ରୀ ସାଥୀ ମୋନାଲିସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋଲାର ବାବଦ ଦେୟ ଭରଣା କରିବେ ବିଧାୟକ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକ ରେ ବିଦ୍ୟୁତ ଉପଭୋକ୍ତାଙ୍କୁ ବିଧାୟକ ପଦ୍ମଲୋଚନ ପଣ୍ଡା ବଡ ଉପହାର ଦେବାକୁ ଘୋଷଣା କରିଛନ୍ତି । ନିଜ ଖର୍ଚ୍ଚରେ ୧କିଲୋ ୱାଟ ସମ୍ପୂର୍ଣ୍ଣ ୪୭ହଜାର ବିଦ୍ୟୁତ ଉପଭୋକ୍ତାଙ୍କ ଦେୟକୁ ନିଜେ ଭରଣା କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ କରି ଏହି କାର୍ଯ୍ୟକ୍ରମ ୫ନମ୍ବର ଜୋନର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଶନିବାର ଉଦ୍ଘାଟିତ ହୋଇ ଯାଇଛି । ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ମହାକୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବିଧାୟକ ବକ୍ତବ୍ୟ ରଖି ପୂର୍ବରୁ ହିତାଧିକାରୀମାନଙ୍କୁ ସୋଲାର ବସାଇବାକୁ ସବସିଡି ଅର୍ଥ ପରେ ଏବଂ ମିଟର ବସାଯିବା ଖର୍ଚ୍ଚକୁ ଛାଡି ୧ହଜାର୭୫ଟଙ୍କା ଦେବାକୁ ପଡୁଥିଲା । ଏହା ସାଧାରଣ ଗରିବ ଲୋକଙ୍କ ପାଇଁ ମଧ୍ୟ ଏକ ପ୍ରକାର ବୋଝ ଥିଲା । ଏହି ବୋଝ ହାଲୁକା କରିବାକୁ ସେ ନିଜ ପକେଟରୁ ଏହି ଅର୍ଥ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମେ ଏହି କାର୍ଯ୍ୟକ୍ରମ ୫ନମ୍ବର ଜୋନରେ ଆରମ୍ଭ ହେଲା । ବିନା ଖର୍ଚ୍ଚରେ ଭେଣ୍ଡର ସମସ୍ତ ଆବେଦନକାରୀଙ୍କ ଗୃହକୁ ସଂଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ ଖଇରା,କୁପାରୀ ଓ ଅନ୍ତରା ଜୋନରେ ଶୁଭାରମ୍ଭ କରାଯିବ ବୋଲି ଉଲ୍ଲେଖ କରିଥିଲେ । ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲ୍ଲା ପରିଷଦ ସଭ୍ୟ ମାନସ ଦାଶ,ଅଚ୍ୟୁତପୁର ସରପଞ୍ଚ ଅପର୍ଣ୍ଣା ପାତ୍ର,ସମିତି ସଭ୍ୟା ସସ୍ମିତା ପଣ୍ଡା,ଉଗରପଡା ସମିତିସଭ୍ୟ ବିମ୍ବାଧର ଦଳେଇ,ଭାଜପା ନେତା ବାବାଜୀ ମହାନ୍ତି,ପୂର୍ବତନ ସମିତିସଭ୍ୟ ନିଳାମ୍ବର ପଣ୍ଡା ପ୍ରମୁଖ ବିଧାୟକଙ୍କ ୨୪ମାସ କାର୍ଯ୍ୟକାଳ ମଧ୍ୟରେ ଖଇରା ସିମୁଳିଆରେ ହୋଇଥିବା ବିକାଶର ଚିତ୍ର ପ୍ରଦାନ କରିଥିଲେ ।

# ବ୍ରାଉନସୁଗର ସହ ବାଇକ ଜବତ, ଯୁବକ ଗିରଫ

ଧାମନଗର,(ସବ୍ୟୁ):ଭଦ୍ରକରୁ ଜଣେ ଯୁବକ ବାଇକରେ ଧାମନଗରକୁ ବ୍ରାଉନସୁଗାର ନେଇ ଆସୁଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ନରେନ୍ଦ୍ର ରାଉତ ସଦଳବଳେ ଧାମନଗର ଛକ ନିକଟରେ ସମ୍ପୃକ୍ତ ଯୁବକଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଧାମନଗର ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମହାଳିକଙ୍କ ଉପସ୍ଥିତରେ ୯.୩୦ଗ୍ରାମ ବ୍ରାଉନସୁଗର ଓ ମୋବାଇଲ ସହିତ ଗୋଟିଏ ବାଇକ ଜବତ କରାଯାଇଛି । ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଧାମନଗର ଥାନା ଏସଆଇ ରସ୍ମିତା ମଲ୍ଲିକଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ବିରୋଧରେ ଥାନା କେସ ନଂ ୩୫୦/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସେକ ଅନିସ ଓରଫ ନଦୀମକୁ କୋର୍ଟ ଚାଲାଣ କରାଯାଇଛି । ଏସଆଇ କାର୍ତିକ ଜେନାଙ୍କୁ ଘଟଣାର ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଆଇଆଇସି ଶୁଭ୍ରଜିତ ଦାଶ ସୂଚନା ଦେଇଛନ୍ତି।

# ସମାଜସେବୀ ଜଗନ୍ନାଥ ଜୀଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟା ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ



ବାଲେଶ୍ୱର,(ସବ୍ୟୁ): ରସାଳପୁରସ୍ଥିତ ଲକ୍ଷ୍ମୀ ଜଗନ୍ନାଥ ନିବାସ ପରିସରରେ ବିଶିଷ୍ଟ ସମାଜସେବୀ ତଥା ରାଜନେତା ଜଗନ୍ନାଥ ଜୀଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଦେବୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବହୁ ବିଶିଷ୍ଟ ବ୍ୟକ୍ତିଲକ୍ଷ୍ମୀପ୍ରିୟାଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ବାଲେଶ୍ୱର ପୌରପରିଷଦର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ବରିଷ୍ଠ ସାମ୍ବାଦିକ ତଥା ବିଜେଡ଼ି ନେତା ରଂଜନ ବାଗ, ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ବିଜେପିର ମଣ୍ଡଳ ସଭାପତି ମାନସ ମହାନ୍ତି, ବିଧାୟକ ପ୍ରତିନିଧି କ୍ରିଷ୍ଣା ସାହା,ସରକାରୀ ଓକିଲ ଅଜୟ ବାରିକ,ସ୍ଥାନୀୟ ସମିତି ସଭ୍ୟା ରଂଜିତା ନାୟକ, କାଉନସିଲର ସକ୍ ଆୟୁବ, କାର୍ତିକ ସାହୁ,ସମାଜସେବୀ ଅନିରୁଦ୍ଧ ପ୍ରସାଦ ଦାସ,କବି ଶ୍ରୀଦେବ,ସ୍ଥାନୀୟ ଗୋଦ୍ରା ମେରାଇନର କାରଖାନା ମୁଖ୍ୟ ସଚିନ ସର୍ଭେ, ଯୋଗେଶ କେର, ସେକ୍ ଚଭନ, କାରଖାନାର ଆଇନ ପରାମର୍ଶଦାତା ପ୍ରଦୀପ କାନୁନଗୋ,ବିପ୍ଳବ ଯାଦବ,ବିଜେପି ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଆଲୋକ ପଣ୍ଡା, ବିଜେପିର ଜିଲ୍ଲା ସାଧାରଣ ସମ୍ପାଦକ ରାଜେଶ ମହାପାତ୍ର,ବିଜେପି ଜିଲ୍ଲା ଉପସଭାପତି ସୁକୁମାର ଦାସ, ବିଜେଡ଼ି ନେତା ରିତୀକ ଜୀ, କୌଶିକ ପଣ୍ଡା, ରମେଶ ମାଝି, ଅତୁଲ ଶତପଥି, ଧିରେନ ନାୟକ, ଛାତ୍ରନେତା ବିଭୁଦତ୍ତ ପରିଡ଼ା ,ସୌଭାଗ୍ୟ ଖୁଣ୍ଟିଆ, ଶ୍ରମିକ ନେତା ଶରତ ଦାଶ, ତ୍ରିଲୋଚନ ବାରିକ, ଭୋଳାନାଥ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏହି ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେଇ ଲକ୍ଷ୍ମୀପ୍ରିୟା ଦେବୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତାଙ୍କର ପୁତ୍ର ଅଶୋକ ଜୀ,ସରୋଜ ଜୀ, ମନୋଜ ଜୀ, ବିନୋଦ ଜୀ, ଆଲୋକ ଜୀ ଏବଂ ଅଭିଜିତ ଦାସ ପ୍ରମୁଖ ଦିବସବ୍ୟାପି ପରିଚାଳନା କରିଥିଲେ । ପ୍ରସିଦ୍ଧ ଭଜନ ଗାୟକ ବାପିରାଜ୍ ଏବଂ ତାଙ୍କ ସାଥିମାନଙ୍କ ଦ୍ୱାରା ଆୟୋଜିତ ଭଜନ ସଂନ୍ଧ୍ୟା ସମସ୍ତଙ୍କୁ ବିମୋହିତ କରିଥିଲା ।

# ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ଉଦଘାଟିତ

ବେତନଟୀ, (ସବ୍ୟୁ) : ବେତନଟୀ ଉପକଣ୍ଠ ଦେବ ବିହାର ସ୍ଥିତ ସରସତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ପର୍ଯ୍ୟାବରଣ ସଂରକ୍ଷଣ ମୟୂରଭଞ୍ଜ ଜିଲ୍ଲା ପ୍ରମୁଖ ଡକ୍ଟର ରମାକାନ୍ତ ମହାନ୍ତ ଙ୍କ ସଭାପତିତ୍ୱାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ପ୍ରାନ୍ତ ସଂଯୋଜକ ବଳରାମ ଦାସ ଯୋଗଦାନ କରି ରାଜସ୍ଥାନ ରାଜ୍ୟର ଯୋଧପୁର ନିକଟସ୍ଥ ଖେଳଜରୀ ଠାରେ ୧୭୩୦ ମସିହାରେ ବୃକ୍ଷର ସୁରକ୍ଷା ପାଇଁ ପ୍ରାଣ ବଳି ଦେଇଥିବା ୩୬୩ ଜଣ ସହିଦ ଙ୍କର ସ୍ମୃତିରେ ପାଳିତ ହେଉଥିବା ଅମୃତା ଦେବୀ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ଲୋକମାନଙ୍କୁ ଏକତା ସୂତ୍ର ରେ ବାନ୍ଧି ପ୍ରକୃତିର ସଂରକ୍ଷଣରେ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା , ସମ୍ମାନିତ ବକ୍ତା ଭାବରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ପାଇଁ ସାମାଜିକ ଜାଗୃତି ବୋଲି କହିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ବୃକ୍ଷ ରୋପଣ କରିବା ସହିତ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ସହିଦ କଙ୍କା ମାଝୀ ଓ କାଳିଆ ମହାନ୍ତଙ୍କର ସ୍ମୃତି ପୀଠରେ ପୁଷ୍ପାଞ୍ଜଳି ଏବଂ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବେତନଟୀ ସଙ୍କୁଳ ସ୍ତରରେ ଥିବା ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନେ ଅଂଶଗ୍ରହଣ କରିଥିଲେ। ଦିତୀୟ ପର୍ଯ୍ୟାୟରେ ଜାତୀୟ ଛାତ୍ର ପର୍ଯ୍ୟାବରଣ ପ୍ରତିଯୋଗିତା ବିଷୟରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ସଚେତନ କରିଥିଲେ । ଶେଷରେ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧିର ସଦସ୍ୟ ଦୀନବନ୍ଧୁ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମମତା ଜାଓ୍ୱା କମିଟି ସଭାନେତ୍ରୀ ହେଲେ ମମତା

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକ ସୁରେଇଡିହି ଦେଶ କରମ ପରବ-୨୦୨୬ ର ପ୍ରସ୍ତୁତି ବୈଠକ ରାଗଧା ଶ୍ରୀରାମଚନ୍ଦ୍ର ଭଞ୍ଜ ଉଚ୍ଚମାଧମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଦେଶ କରମ ପରବ ପାଳନ କ୍ରିୟାନୁଷ୍ଠାନ କମିଟି ସଭାପତି ସୁକାନ୍ତ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ



ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ମମତା ମହାନ୍ତ, ମୁଖ୍ୟବକ୍ତା ଭାବରେ ପଦ୍ମଲୋଚନ ମହାନ୍ତ, ସମ୍ମାନିତ ଅତିଥି ଭାବରେ ଚିତ୍ତରଞ୍ଜନ ମହାନ୍ତ, ଜେଠମଲ ମହାନ୍ତ ଓ ତକତପୁର ଦେଶ କରମ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ । ଏଥିରେ ପ୍ରାକ୍ତନ ସାଂସଦ ମମତା ମହାନ୍ତଙ୍କୁ ରାଜ୍ୟସ୍ତରୀୟ ଜାଓ୍ୱା କମିଟି ସଭାନେତ୍ରୀ ଓ କ୍ଷଣପ୍ରଭା ମହାନ୍ତଙ୍କୁ ଉପସଭାନେତ୍ରୀ ଭାବେ ଚୟନ କରାଯାଇଛି। ଉପସଭାନେତ୍ରୀ କ୍ଷଣପ୍ରଭା ମହାନ୍ତଙ୍କ ନେତୃତ୍ୱରେ ପ୍ରାୟ ଦେଢ଼ଶହ ମହିଳା ଯୋଗଦାନ କରିଥିଲେ । ସମ୍ପାଦିକା ଶିବାନୀ ମହାନ୍ତ, ବରିଷ୍ଠ ମହିଳା ସଦସ୍ୟା ସୁଲୋଚନା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ଦେଶ କରମ ପରବ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ରବୀନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ଶତ୍ରୁଘ୍ନ ମହାନ୍ତ, ସଦସ୍ୟ ଦେବେନ୍ଦ୍ରନାଥ ମହାନ୍ତ, ନବୀନ ମହାନ୍ତ, ବୁଲୁ ମହାନ୍ତ, ବୁବୁନ ମହାନ୍ତ, ଜଗନ୍ନାଥ ମହାନ୍ତ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

# ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଷ୍ଟେସନଛକ ଓ ବ୍ଲକଛକକୁ ସଂଯୋଗ କରୁଥିବା ରାସ୍ତାରେ ମର୍ଣ୍ଣିଙ୍ଗୱାକ କରୁଥିବା ଜଣୈକା ମହିଳାଙ୍କ ବେକରୁ ଶନିବାର ସକାଳେ ସୁନାଚେନ ଝାମ୍ପିନେଇ ଚମ୍ପଟ ମାରିଲେ ଲୁଟେରା । ଏନେଇ ସୁମିତା ମହାପାତ୍ରଙ୍କ ଏତଲାମୂଳେ ବେତନଟୀ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବେତନଟୀ ବାଳିକା ହାଇସ୍କୁଲ ସମ୍ମୁଖସ୍ଥ ଅଦିକନ୍ଦ ପାତ୍ରଙ୍କ ସ୍ତ୍ରୀ ସୁମିତା ମହାପାତ୍ରଙ୍କ ଅଭିଯୋଗ ମୁତାବକ ସେ ଶନିବାର ସକାଳ ୫ଟା ୩୫ରେ ଘର ସମ୍ମୁଖ ରାସ୍ତାରେ ମର୍ଣ୍ଣିଙ୍ଗୱାକ କରୁଥିବା ବେଳେ ଦୁଇଜଣ ଯୁବକ ହେଲମେଟ ପିନ୍ଧି ଏକ କଳାରଙ୍ଗର ମୋଟର ସାଇକେଲ ଯୋଗେ ଆସି ସୁନାଚେନ ଛିଣ୍ଡାଇ ନେବା ସହିତ ଧକ୍କା ମାରି ତଳେ ପକାଇ ଦେବାପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଏହି ଖବର ପାଇ ସାରା ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି ।

# ନିଶାଶକ୍ତ ଯୁବକ ଗିରଫ

ନୀଳଗିରି,(ସବ୍ୟୁ): ଗୁରୁବାର ମଧ୍ୟାହ୍ନରେ ନୀଳଗିରି ଏନ.ଏ.ସି. ଅଫିସ ପରିସରରେ ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ଉଚ୍ଚସ୍ୱରରେ ଯୁକ୍ତି କରିବା ସହିତ ଉନ୍ମୁକ୍ତ କାଣ୍ଡ ଘଟାଇଥିବା ଦେଖିବାକୁ ମିଳିଛି। ନୀଳଗିରି ଏନ.ଏ.ସି. ଅଧିନ ୧ନଂ ୱାଡ କଦମ୍ବସାହି ଗ୍ରାମର ରଞ୍ଜନ ବେହେରା (୪୩) ଗୁରୁବାର ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଏନ.ଏ.ସି ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ରୁମରେ ବସି ଉଚ୍ଚସ୍ୱରରେ ଯୁକ୍ତି କରିବା ସହିତ ଅଧିକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ। ପାଟି ଶୁଣି ଅନ୍ୟ ଏକ ରୁମରେ ଉପସ୍ଥିତ ଥିବା ଏନ.ଏ.ସି ଭାରପ୍ରାପ୍ତ ଚେୟାରମ୍ୟାନ ମହେନ୍ଦ୍ର ବେହେରା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ରୁମକୁ ଆସି କଣ ହୋଇଛି ବୋଲି ପଚାରିବାରୁ ମହେନ୍ଦ୍ର ଙ୍କୁ ମଧ ଗାଳିଦେବା ଆରମ୍ଭ କରିଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଏନ.ଏ.ସି ଭାରାପ୍ରାପ୍ତ ଚେୟାରମ୍ୟାନ ମହେନ୍ଦ୍ର ବେହେରା ନୀଳଗିରି ଥାନାରେ ଲିଖିତ ଅଭିଯୋଗ ନେଇ ନୀଳଗିରି ଥାନା ପକ୍ଷରୁ ୩୮୪/୨୬ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ହୋଇଥିବା ସୁଚନା ମିଳିଛି।

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ରୋଗୀ ମୃତ୍ୟୁ :ରାସ୍ତାରେ ଶବ ରଖି ପ୍ରତିବାଦ

ତିହିଡି,(ସବ୍ୟୁ): ଭଦ୍ରକ ଜିଲ୍ଲାତିହିଡି ବ୍ଲକ ଅନ୍ତର୍ଗତ ଭାଟପଡା ପଞ୍ଚାୟତର ବଉଳପାଳ ଗାଁର ମାୟାଧର ତ୍ରିପାଠୀ(୭୦) ନାମକ ଜଣେ ରୋଗୀଙ୍କ ମୃତ୍ୟୁ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ହୋଇଥିବା ରୋଗୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିନେଇ ଡାକ୍ତରଖାନା ପରିସରରେ ତିବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ରୋଗୀଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ମାନେ ଭଦ୍ରକ-ଚାନ୍ଦବାଲି ରାଜପଥରେ ମୃତକଙ୍କ ଶବ ରଖି ପ୍ରତିବାଦ କରିଥିଲେ। ଖବରପାଇ ବାସୁଦେବପୁର ବିଧାୟକ ତଥା ରୋଗୀକଲ୍ୟାଣ ସମିତି ଅଧ୍ୟକ୍ଷ ଅଶୋକ ଦାସ ଓ ତିହିଡ଼ି ପୋଲିସ ଅଧିକାରୀମାନେ ଘଟଣା ସ୍ଥଳରେ ପହଂଚି ମୃତକଙ୍କ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଅପରାହ୍ନରେ ଏଡିଏମ୍ଓ ସୁଧୀର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ମୃତକଙ୍କ ସମ୍ପର୍କୀୟମାନଙ୍କ ସହିତ ଆଲୋଚନା କରିଥିଲେ। ଶବ ବ୍ୟବଚ୍ଛେଦ କରାଯିବା ସହିତ ଘଟଣାର ସବିଶେଷ ତଦନ୍ତ କରାଯାଇ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୃତକଙ୍କ ପରିବାରକୁ ସେ ପ୍ରତିଶ୍ରୁତି ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ମାୟାଧର ନିଜ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେମାନେ ତାଙ୍କୁ ଶନିବାର ଭୋର୍ ସମୟରେ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ତେବେ ସେହି ସମୟରେ କାର୍ଯ୍ୟରତ ଡାକ୍ତରଙ୍କ ଲିଖିତ ଅନୁସାରେ ସିଲାଇନ ଓ ଇଞ୍ଜେକସନ ଦିଆଯିବା ପରେ ମାୟାଧର ଅଧିକ ଗୁରୁତର ହୋଇପଡ଼ିଥିଲେ। ଫଳରେ ତାଙ୍କ ସମ୍ପର୍କୀୟମାନେ ସମ୍ପୃକ୍ତ ଡାକ୍ତରଙ୍କୁ ଏକଥା ଜଣାଇବା ସହ ଉକ୍ତ ଲେଖା ଦେଖାଇଥିଲେ। ତେବେ ସମ୍ପୃକ୍ତ ଡାକ୍ତର ରାଗରେ ଏହାକୁ ଫିଙ୍ଗି ଦେବା ସହିତ ରୋଗୀଙ୍କୁ ଭଦ୍ରକ ମେଡ଼ିକାଲକୁ ନେଇଯାଅ ବୋଲି କହିବା ସହିତ ରେଫର୍ ବି କରିଦେଇଥିଲେ। ହେଲେ ସେତେବେଳକୁ କୁଆଡ଼େ ମାୟାଧରଙ୍କ ମୃତ୍ୟୁ ହୋଇ ସାରିଥିଲା। ମୃତକଙ୍କ ପରିବାର ପକ୍ଷରୁ ଏଥିନେଇ ତିହିଡି ଥାନାରେ ଅଭିଯୋଗ କରାଯାଇଛି। ଏହି ଅଭିଯୋଗ ଆଧାରରେ ଡାକ୍ତର ଚିତ୍ତରଞ୍ଜନ ଜେନାଙ୍କ ନାଁରେ ମାମଲା ରୁଜୁ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି।

# ଓଡ଼ିଶା ଜଙ୍ଗଲ ଉନ୍ନୟନ ପ୍ରକଳ୍ପ ଭାଗ ୨ର ମୂଲ୍ୟାୟନ

# ଆଇଆଇଏଫଏମ ଟିମ , ଡିଏଫଓଙ୍କ ଗସ୍ତ



ଠାକୁରମୁଣ୍ଡା,(ସବ୍ୟୁ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ସିମଡିହା ବନ ସୁରକ୍ଷା ସମିତିରେ ଚାଲିଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ – ଦ୍ୱିତୀୟ ପର୍ଯ୍ୟାୟର ମୂଲ୍ୟାୟନ କରାଯାଇଛି।ଭାରତୀୟ ବନ ପରିଚାଳନା ସଂସ୍ଥାନ, ଭୋପାଳ ବିଶେଷଜ୍ଞ ଟିମ ସିମଡିହା ଭିଏସଏସ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ ମଧ ଗସ୍ତ କରି ସ୍ଥାନୀୟ ଗ୍ରାମବାସୀ ଓ ଭିଏସଏସ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ।ଭାରତୀୟ ବନ ପରିଚାଳନା ସଂସ୍ଥାନ ଟିମ ଜଙ୍ଗଲ ସୁରକ୍ଷା, ଜୀବିକା ଉନ୍ନୟନ, ଏସଏଚଜି ମାଧମରେ ମହିଳା ସଶକ୍ତିକରଣ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଏବଂ ଜନଜାତି ଲୋକଙ୍କ ଆର୍ଥିକ ବିକାଶ ଉପରେ ସ୍ଥାନୀୟ ଲୋକଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଭିଏସଏସ ଦ୍ୱାରା କରାଯାଇଥିବା କାର୍ଯ୍ୟ ଓ ଗ୍ରାମବାସୀଙ୍କ ଅଂଶଗ୍ରହଣକୁ ଟିମ ପ୍ରଶଂସା କରିଥିଲେ।ଡ଼ିଏଫଓ ଗ୍ରାମବାସୀଙ୍କୁ ଜଙ୍ଗଲ ସୁରକ୍ଷା ସହ ଜଡିତ ରହି ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଜଙ୍ଗଲ ଉପରେ ନିର୍ଭର କରି କିପରି ସ୍ଥାୟୀ ଜୀବିକା ଅର୍ଜନ କରିହେବ ସେ ନେଇ ମଧ ଆଲୋଚନା କରିଥିଲେ । ଜୀବିକା ବିକାଶ ପାଇଁ ଲାଖ ଚାଷ, ଟସର ଚାଷ ଫଳରେ ଉଭୟ ଜଙ୍ଗଲ ଓ ଜୀବିକା ବଢିବ ବୋଲି ପରାମର୍ଶ ଦେଇଥିଲେ ଝଏହି ମୂଲ୍ୟାୟନ କାର୍ଯ୍ୟକ୍ରମରେ ଆଇଆଇଏଫଏମ ଭୋପାଳରୁ ପଓ୍ୱନ କୁମାର ଭିସେ (ଟିମ ଲିଡର )ଡ. ସମୀର ଜେନା, ଡ. ଇପ୍ସିତା ପ୍ରିୟଦର୍ଶିନୀ ସାମଲ, ନରେନ୍ଦ୍ର କୁମାର ରଙ୍ଗର,ପିଆଲି ସୂତ୍ରଧର,ସମ୍ବିତ ସାଗର ମଲ୍ଲିକ,ଅଭିଜିତ କୁମାର ମହାରଣା,ଲୋହିଲ ପ୍ରଧାନ,ସିଦ୍ଧାର୍ଥ ପ୍ରଧାନ ଯୋଗଦେଇ ମୂଲ୍ୟାୟନ କରିଥିଲେ ଝ ରେଞ୍ଜ ଅଫିସର ଉମାକାନ୍ତ ବେହେରା, ଫରେଷ୍ଟ ଗାର୍ଡ ବିକାଶ କୁମାରମହାନ୍ତ, ଏସଏମଏସ ନିଶିକାନ୍ତ ଜେନା, ସରୋଜ ରଞ୍ଜନ ସାହୁ, ଶରତ କୁମାର ତ୍ରିପାଠୀ,ଭିଏସଏସ ସଭାପତି, ସଦସ୍ୟ ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗ ଦେଇଥିଲେ।

# ଡାକ୍ତରଖାନା ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଆନନ୍ଦପୁର, (ସବ୍ୟୁ) : ଡାକ୍ତର ଅଭାବ ଭାବରୁ କନ୍ଦୁଝର ଜିଲ୍ଲା। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାସେବା ପ୍ରଭାବିତ ହେଉଛି । ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଏଠାରେ ରେ ଉପଯୁକ୍ତ ସେବା ନପାଇ ଅନ୍ୟ ଡାକ୍ତରଖାନାକୁ ଯାଉଛନ୍ତି । ଏହି ଡାକ୍ତରଖାନା ଉପରେ କେନ୍ଦୁଝର ସମେତ ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଜିଲ୍ଲାର ଜନସନସାଧାରଣ ନିର୍ଭର କରୁଛନ୍ତି ।ପ୍ରତିଦିନ ଆଉଟ୍ଡୋର୍କୁ ଡୋର୍କୁ ୭ଶହରୁ ଉର୍ଦ୍ଧ୍ୱ ରୋଗୀ ଆସୁଛନ୍ତି । ଡାକ୍ତର ଅଭାବରୁ ରୋଗୀମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଡାକ୍ତରଖାନାରେ ୫୦ଜଣ ଡାକ୍ତର ଓ ବିଶେଷଜ୍ଞ ପଦବି ରହିଛି, ମାତ୍ର ୧୪ଜଣ କାର୍ଯ୍ୟରତ ଅଛନ୍ତି । କେବଳ ଗର୍ଭବତୀଙ୍କ ପାଇଁ ଅଲଟ୍ରାସାଉଣ୍ଡ ସୁବିଧା ଥିବାରୁ ଅନ୍ୟ ରୋଗୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ସିଟି ସ୍କାନ, ଏମଆର୍ଆଇ ମେସିନ ନଥିବାରୁ ରୋଗୀ ବାହାର କ୍ଲିନିକକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ।ସେହିପରି ଡିଜିଟାଲ ଏକ୍ସରେ ସୁବିଧା ମଧ ନାହିଁ ଝଝ ପୁରୁଣା ଏକ୍ସରେ ମେସିନର ରିପୋର୍ଟକୁ ଡାକ୍ତର ଅଗ୍ରାହ୍ୟ କରୁଥିବା ବେଳେ ଏଠାରେ କିନ୍ତୁ ଏହାର ପରିବର୍ତ୍ତନ କରାଯାଉନାହିଁ । ସାଧାରଣ ରୋଗୀଟିଏ ଉପଯୁକ୍ତ ଚିକିତ୍ସାସେବା ନପାଇ ଛଟ ଛଟପଟ ହେଉଥିବା ବେଳେ ଜିଲ୍ଲା ଖଣିଜ ପାଣ୍ଠି କେଉଁ କାମରେ ଆସିବ ବୋଲି ବାରିଗାଁ ମା' ଧନେଇ ସେବାସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି ।କେନ୍ଦୁଝର ଜିଲ୍ଲାପାଳ ତୁରନ୍ତ ଏହାର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ସଂଘ ସଭାପତି ବିଷ୍ଣୁପ୍ରସାଦ ବାରିକ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପତି ଓ ସଦସ୍ୟମାନେ ଏକ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ।

# ଟଳି ପଡିଲେ ଯୁବ ଟେକ୍ନିସିଆନ

ଅସୁରାଳି,(ସବ୍ୟୁ): କାର୍ଯ୍ୟ କ୍ଷେତ୍ରରେ ଥିବା ସମୟରେ ଯୁବ ଟେକ୍ନିସିଆନ ଭଦ୍ରକ ବ୍ଲକ ବିଷ୍ଣୁପୁର ବିନ୍ଧା ପଞ୍ଚାୟତ ଆନନ୍ଦ ବଜାର ନିକଟ ଲେଙ୍କାସାହି ଗ୍ରାମର ମୁକ୍ତିକାନ୍ତ ନାୟକ(୩୪)ଙ୍କର ହୃଦଘାତରେ ମୃତ୍ୟୁହୋଇଛି ।।ଲେଙ୍କାସାହିର ଭୀମସେନ ନାୟକଙ୍କ ସାନ ପୁଅ ମୁକ୍ତିକାନ୍ତ ଏକ ଟେଲିକମ କମ୍ପାନିର ଫିଲଡ଼ ଇଞ୍ଜିନିୟର ଭାବେ ଭୁବନେଶ୍ୱର ଠାରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଦିନ ମୁକ୍ତିକାନ୍ତ ତାଙ୍କର ଜଣେ ସହଯୋଗୀଙ୍କ ସହ ମଞ୍ଚେଶ୍ୱର ଅଞ୍ଚଳରେ କାର୍ଯ୍ୟ କରୁଥିଲେ।ସେଠାରେ ସେ ଅସୁସ୍ଥ ଅନୁଭବ କରିବାରୁ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ବସି ବିଶ୍ରାମ ନେଉଥିଲେ।ଏହି ସମୟରେ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରି ସେଠାରେ ଟଳି ପଡ଼ିଥିଲେ।ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁକ୍ରବାର ଦିନ ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ଲେଙ୍କାସାହି ଅଣାଯାଇ ଶୋକାକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ଅନୁଷ୍ଠିତ ହୋଇଛି।

# ୨୬ରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମ ଉତ୍ସବ

## ଭଦ୍ରକ ମୁସଲିମ ଜମାତର ବୈଠକ



ଭଦ୍ରକ,(ସବ୍ୟୁ): ଭଦ୍ରକ ପୁରୁଣାବଜାର ମଦିନା ମଇଦାନ ଠାରେ ଆସନ୍ତା ୨୭ ତାରିଖ ଗୁରୁବାର ସନ୍ଧ୍ୟା ୭ଟାର ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଯଶ୍ନ-ଏ-ଇଦ ମିଲାଦୁନ ନବୀ ପାଳନ ଲାଗି ଭଦ୍ରକ ମୁସଲିମ ଜମାତର ବୈଠକ ମୁସଲିମ ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜମାତର ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦ,ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ,କାର୍ଯ୍ୟନିର୍ବାହୀ ସଦସ୍ୟଗଣ,୬୧ଟି ବସ୍ତିର ସର୍ଦାରମାନେ,ମୁଦ୍ରିତ ଗଣମାଧମ ଶେଖ ଅନଓ୍ୱର ଏବଂ ବୈଦ୍ୟୁତିକ ଗଣମାଧମ ନସିମ ଅଖତର ଉପସ୍ଥିତ ଥିଲେ ଓ ଚନ୍ଦ୍ରଗଣନା ୧୪୪୮ ହିଜରୀ ଅନୁଯାୟୀ ୧୪ ଅଗଷ୍ଟରେ ଚନ୍ଦ୍ର ଦୃଶ୍ୟ ହୋଇଥିଲା,ଚନ୍ଦ୍ର ଦୃଶ୍ୟରୁ ୧୨ଦିନ ବ୍ୟାପି ପର୍ବ ପାଳନ କରାଯିବ। ଶେଷ ଦିନ ତଥା ୨୬ ଅଗଷ୍ଟ ବୁଧୁବାରରେ ୧୫୦୧ତମ ଯଶ୍ନ-ଏ-ଇଦ ମିଲାଦୁନ ନବୀ ପର୍ବ ପାଳନ କରାଯିବ ବୋଲି ସିଦ୍ଧାନ୍ତ ହୋଇଥିଲା। ଏହି ପର୍ବ ଦିନ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ ବିରାଟ ଶୋଭାଯାତ୍ରା ୨୬ଅଗଷ୍ଟରେ ବାହାରିବ। ଏହି ଶୋଭାଯାତ୍ରା ଅପରାହ୍ନ ୪ଟାରେ ପୁରୁଣାବଜାର ସ୍ଥିତ ଚୌଖଣ୍ଡି ରୁ 'ଫାତେହା ଓ ସଲାତୋ ସଲାମ' କାର୍ଯ୍ୟକ୍ରମ ସାରି ଆରମ୍ଭ ହେବ। ସମସ୍ତ ଜୁଲୁସ (ମେଢ଼) ଓ କାଫେଲା ବାଙ୍କା ଛକ,ପୁରୁଣା ବଜାର ଛକ,ହେଳାସାହି,ଲାହାପଟ୍ଟୀ,ନଂଘା ମହଲ୍ଲା,ହଜାରୀ ନଗର,କଚେରୀ ବଜାର,ନୂଆବଜାର,ଗୋଶାଳା,ମୁଲ୍ଲାସାହି ଛକ ହୋଇ ମଦିନା ମଇଦାନରେ ପହଂଚିବାର କାର୍ଯ୍ୟକ୍ରମ ରହିଛି। ଏହି ଜୁଲୁସ ଓ କାଫେଲା ସହର ପରିକ୍ରମା ସମୟରେ କୌଣସି ମେଢ଼ରେ ଡିଜେ ସାଉଣ୍ଡ ବାଜିବ ନାହିଁ। ହଜରତ ମହମ୍ମଦଙ୍କ ନୀତିବାଣୀ ଉପରେ ନାତଶରିଫ ପଢ଼ିପଢ଼ି ମଦିନା ମଇଦାନ ପହଁଚିବେ ଏବଂ ରାତ୍ରି ୯ଘଟିକାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ମଦିନା ମଇଦାନ ଠାରେ ଏକ ଧର୍ମସଭାର ଆୟୋଜନ କରାଯିବ। ଏହି ଧର୍ମସଭାରେ ଆମ ରାଜ୍ୟ ଓ ରାଜ୍ୟ ବାହାରୁ ମୌଲାନା (ପଣ୍ଡିତ) ଓ ସାଏର (କବି)ମାନେ ଯୋଗଦାନ କରି ହଜରତ ମହମ୍ମଦଙ୍କ ନୀତିବାଣୀ ଉପରେ ଆଲୋକପାତ କରିବେ।

ଏ ସପ୍ତାହର ଦୁଇଟି କବିତା

# ନାନାବାୟା ଗୀତ (କାବ୍ୟ)



## ପଲ୍ଲୀକବି ନନ୍ଦକିଶୋର ବଳ

**(ନିଶ୍ଚିତକାଇେଲିର ପ୍ରସିଦ୍ଧ 'ଉର୍ବୀ' ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ଶ୍ରୀଧର ମହାପାତ୍ରଙ୍କ ଅନୁରାଧେ କ୍ରମେ ଏ ଲେଖାଟି ଉଦ୍ଧାର କରି ପଠାଇଲି, କବିତାଟି ଟିକିଏ ଦୀର୍ଘ, କିନ୍ତୁ ପଢିଲେ ଜାଣିପାରିବେ 'ମନୁଷ୍ୟତା', 'ସହୃଦୟତା' 'ଭାବଗ୍ରାହୀତା'ର ଅର୍ଥ ଜୀବନରେ କଣ ? ଗରିବ ନାଉରିଆ, ତ୍ରସ୍ତ ବାଟୋଇ ମଧ୍ୟରେ ହେଇଥିବା ହୃଦୟବିଦାରକ କଥାପେକଥନଟି ଟିକେ ପଢନ୍ତୁ, ଜାଣନ୍ତୁ, ସିନ୍ଦୁକରେ ପୁଳା ପୁଳା ପଇସା ରଖି, କାହାକୁ ଦୁଆରମୁହଁରୁ ତାଚ୍ଛଲ୍ୟେ ଫେରାଇଦେବା କେତେ ଅବିବେକତାର ପରିଚୟ ଦେଇଥାଏ, ତାହା ଏଇ କବିତାରୁ ପ୍ରତୀୟମାନ: ସୁଶାନ୍ତ କିଶୋର ବଳ)**

**ବାଟୋଇ**
ମେଘ ବରଷଇ ବିଜୁଳୀ ମାରଇ
ପବନ ବହଇ ଖର,
ବାଟ ଚାଲିଚାଲି ପଡିଛି ମୁଁ ଥକି
ଦୂର ଦେଶ ମାରେ ଘର.
ଘୋର ଗରଜନେ ଦିଗ ଚମକଇ
ମେଘ ତ କଳାହାଣ୍ଡିଆ
ଅନେକ ଦୂରର ବିଦେଶୀ ବାଟୋଇ,
ନାବ ଆଣ ନାଉରିଆ ।

**ନାଉରିଆ :–**
ଦୁଇ କୂଳ ଖାଇ ଉଛୁଳଇ ନଈ
ଖରେ ବହୁଅଛି ବାଆ,
ମେଘ ଗରଜଇ ବିଜୁଳୀ ମାରଇ
କେମନ୍ତେ ମୁଁ ନେବି ନାଆ ?
ଭଉଁରି ଖେଳାଇ ଫେଣ ଚମକାଇ,
ଘୋର ଗରଜଇ ନଈ,
ଅକାତ ପାଣିରେ ଆହୁଲା ନମାନେ
କେମନ୍ତ ନାବ ନେବଇଁ ।

**ବାଟୋଇ:–**
ଗହ ଗହ ପାଟ ଏପାରି ପାରେ
ସିରି ସିରି ବହେ ବାଆ,
ନାହିଁ ଜନ ପ୍ରାଣୀ କାଉ କୋଇଲିରେ
ନାହିଂ କିରେ, ତୋର ମାୟା ?
ଠକ ଠକ ପଡେ ସ୍ୱରଗ ପଥର
ସାଂଗ ସାଥି କେହି ନାହିଁ,
ବହି ଦୟା ଭାବ ବାହିଆଣ ନାବ
ଆରେ ନାଉରିଆ ଭାଇ ।

**ନାଉରିଆ:–**
ବନସ୍ତେ, ଗରଜେ ଲତା ପତର ହୋ
ଆକାଶେ ଗରଜେ ଘନ,
କେମନ୍ତ ବାହିବି ସେପାରିକି ନାଆ
ବହେ ପୂବଇ ପବନ.
ଡରୁଅଛୁ ଆରେ ବାଟୋଇ ଭାଇ ତୁ
ଦେଖି ବିଲ ନିଛାଟିଆ,
କେଉଁ ଛାତିରେ
ମୁଁ ବାହିନେବି ନାଆ ।
ନଈ ବଡ ଗହୀରିଆ ।
*****************





କ୍ରମଶଃ...

# କଥା କେତେଗୋଟି



## ସ୍ୱୟଂପ୍ରଭା ରଥ

ଆଖିରେ ଯଦି ଲୁହର ଜୁଆର ଉଠେ
କିଛି ପାଣି ଓଠ ପିଇଦେଲେ ଭଲ
ଜହ୍ନରାତିରେ ଯଦି ତୋ'ଦେହରେ
ଖଇଫୁଟା ତାତି
ନିଦର କମ୍ବଳ ଘୋଡ଼ି ଶୋଇଗଲେ ଭଲ !

ପ୍ରତିଦିନ କିଛି କିଛି ହଜିଯିବା ଭଲ
ପ୍ରତିଦିନ କିଛି କିଛି ହରାଇବା ଭଲ
ତେବେ ବୋଧହୁଏ ଜୀବନ ବଞ୍ଚିବା
ହେବ ଟିକିଏ ସରଳ ।

ପୁରୁଣା କଥା ଯାହାର ବୋଝ ବୋହି
ପିଠି ପୁରା ନଇଁ ଆସିଲାଣି
ତାକୁ ଘରର ଅନ୍ଧାର କୋଣରେ
ଛାଡ଼ି ଆସିବା ହିଁ ଭଲ
ବିନା କିଛି ତର୍କରେ ବିନା କିଛି ଦ୍ୱନ୍ଦ୍ୱରେ
ବିନା କିଛି ଆଶା ଅପେକ୍ଷାରେ
ହଜାଇଦେବାଟା ହିଁ ଭଲ !

ଯିଏ ବର୍ଷ ବର୍ଷ ତଳେ ଦେଇଥିବା
ଦରଜକୁ ମନ ଭୁଲିପାରୁନାହିଁ,
ତାକୁ ନିଜଠାରୁ କ୍ଷମା ଦେବାଟା ହିଁ ଭଲ
ଯେଉଁଠି କଥାର କିଛି ମୂଲ୍ୟ ରହୁନାହିଁ
ମୌନ ରହିବାଟା ଭଲ ।

ବିନା ଖାଦରେ ପରା ସୁନା ଗହଣା
ଗଢ଼ି ହୁଏ ନାହିଁ
ପୂତ ପବିତ୍ର କରି,ଜାଜ୍ୱଲ୍ୟମାନ କରିବା
ଆଶାରେ,ବାରମ୍ବାର ନିଜକୁ ଜଳାଇବା,
ତରଲେଇବା ପ୍ରବୃତ୍ତିରୁ ନିବୃତ ରହିବା ହିଁ
ଭଲ
ପ୍ରତିଦିନ ନିଜକୁ କିସ୍ତି କିସ୍ତି କରି
ବାଣ୍ଟିସାରିବା ପରେ
ଯଦି ଚେତା ପଶେ
ଆତ୍ମବିଶ୍ୱାସର ଶିରୀଷ ଅଠାରେ
ବିଭକ୍ତ ନିଜକୁ ଯୋଡ଼ିଦେବା ଭଲ !

କିଛି ସ୍ମୃତି ଶାମୁକାକୁ ସମୟର
ଦରିଆରେ ଭସାଇଦେଲେ ଭଲ
କିଛି ଓଜନିଆ ନିଃଶ୍ୱାସକୁ
ନୀଳ ଅମ୍ବରକୁ ଫେରାଇ ଦେଲେ ଭଲ !

ନ୍ୟାୟ,ନୀତି ନେଇ ପରଖି ବସିଲେ
କ'ଣ ସମ୍ପର୍କ ରହେ,ନା କିଏ ନିଜର ହୁଏ?
କେବଳ ଭଲପାଇବାର ମହୁଫେଣା ବୁଣି
ଜୀବନଟା ସରିଗଲେ ଭଲ ।

**ଫ୍ଲାଟ ନମ୍ବର ୫୧୩**
**୭୮ ଡ୍ରିମ୍ସ ଆପାର୍ଟମେଣ୍ଟ**
**ଘାଟିକିଆ, ଭୁବନେଶ୍ୱର**
**୭୫୧୦୦୩**
**ମୋ–୯୪୩୭୪୬୨୮୧୨**

# ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'



## ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଏପରି ଏକ ସମୟରେ ପଞ୍ଚସଖାଙ୍କ ମଧ୍ୟରୁ ବଡ ବଳରାମ ଦାସଙ୍କ ମନକୁ ଗୋଟିଏ ଶୃଙ୍ଖଳିତ, ବ୍ୟବସ୍ଥିତ ସମାଜର ଗଠନ କରିବାର ଦାୟିତ୍ୱବୋଧ ଆସିଥିଲା । ଜଣେ ଲେଖକର ସମାଜକୁ ବ୍ୟବସ୍ଥିତ କରିବାର ଦାୟିତ୍ୱ ଆଦୌ ଛୋଟ କଥାଟିଏ ନୁହେଁ । ତାଙ୍କୁ ଯୁଗ ପ୍ରବର୍ତ୍ତକ କୁହାଯାଇପାରେ । ବଳରାମ ଦାସଙ୍କ ଏଇ ଛୋଟିଆ ବହିଟି ମାତ୍ର ତିରିଶ/ପଇଁତିରିଶ ପୃଷ୍ଠାର ।

ଛାପା ଅନୁସାରେ ବ୍ୟତିକ୍ରମ ହୋଇପାରେ, କିନ୍ତୁ ଆଜିକୁ ପ୍ରାୟ ସାତଶହ ବର୍ଷ ଧରି ଓଡ଼ିଆ ସମାଜ, ସଂସ୍କୃତି, ସଂସ୍କାର, ସଦ୍‌ଭାବନାକୁ ଧରି ବିସ୍ତାରିତ, ବିସ୍ତାରିତ, ଅନୁସୃତ ହୋଇଆସୁଛି । ଓଡିଆଣୀଟିଏ ଭୋରୁ ହଳଦୀତେଲ ଲଗାଇ ଗାଧୋଇ ପାଧୋଇ ମା' ଲକ୍ଷ୍ମୀଙ୍କର ଆରାଧନା ପାଇଁ ଯେତେ ନିଷ୍ଠା ଓ ସାଧନାରେ ତତ୍ପର ହୁଏ ଆଉ କୌଣସି ପୂଜାରେ ହୁଏନି । ସେହି ଧାରା ହେଇଆସୁଛି ଏବେଯାଏ ।

ପ୍ରତି ଓଡ଼ିଆଣୀ କି ଛୋଟ କି ବଡ ସମସ୍ତଙ୍କ ମୁଖରେ ଲକ୍ଷ୍ମୀ ପୁରାଣର ସୁମଧୁର ସାବଲୀଳ ପଦାବଳୀ ମାର୍ଗଶୀର ମାସର ଗୁରୁବାରର ସକାଳେ ଝୋଟିଚିତାରେ କୁଟିକମ, ଚୂନଧଉଳା, ପରିଷ୍କାର ପରିଚ୍ଛନ୍ନ କରିଦିଏ । ସେ ପାଲଟିଯାଏ ଗୃହବୈକୁଣ୍ଠର ସର୍ବମୟ କର୍ତ୍ତୀ, ଈଶ୍ୱରୀ ।

ବଳରାମ ଦାସଙ୍କ ରଚିତ ଏଇ ଲକ୍ଷ୍ମୀ ପୁରାଣ, ପୁରାଣ ଦୃଷ୍ଟିରୁ ପୁରାଣଟିଏ ନୁହେଁ । ଆଚାର, ବିଚାର, ସଂସ୍କାର, ସଂସ୍କୃତି ପରମ୍ପରା, ରୀତିନୀତି ରକ୍ଷାର ଏକ ଲିଖିତ ଦସ୍ତାବିଜ, ଯାହା ସବୁ ଘରକୁ ଏଯାବତ୍ ବାନ୍ଧି ରଖିଛି । ବଳରାମ ଦାସଙ୍କ ଏଇ କ୍ଷୁଦ୍ର ପୁସ୍ତକଟି ଓଡ଼ିଆ ପରିବାରକୁ ସଦାଚାର, ସହିଷ୍ଣୁତା, ଧୈର୍ଯ୍ୟ, ପରିଷ୍କାର ପରିଛନ୍ନତା, ଦୃଢ ପାରିବାରିକ ବନ୍ଧନ, ସ୍ୱାମୀ ସ୍ତ୍ରୀର ସମ୍ପର୍କ, ଗୁରୁଜନଙ୍କୁ ଭକ୍ତି, ପିଲାଙ୍କୁ ସ୍ନେହ, କରଣୀୟ ଅକରଣୀୟ, ଏ ସମସ୍ତ ନିୟମ ଲିଖିତ ଭାବରେ ପାଳନ କରିବାର ନିର୍ଦ୍ଦେଶ ଦେଉଛି । ଜନଜୀବନରେ ତାର ପ୍ରତିଫଳନ ଦେଖିବାକୁ ମିଳୁଛି ।

ଏଇ କଥା ସବୁକୁ ଭିତ୍ତି କରି ଓଡ଼ିଶାର ଜୀବନଚର୍ଯ୍ୟା ଓ ପରିବାରର ଶୃଙ୍ଖଳା ବ୍ୟବସ୍ଥିତ ହୋଇ ଆସିଛି । ଯଦି ଆଜି ପରିବାରରେ ବିଶୃଙ୍ଖଳା, ଅବିଶ୍ୱାସ, ହଣାମରା, ବ୍ୟଭିଚାର ବଢୁଛି, ତାହା କେବଳ ଏଇ ପୁରାଣର ଶୃଙ୍ଖଳାକୁ ନ ମାନିବା ଦ୍ୱାରା । ଏହାକୁ ଏ କଳିଯୁଗର ମନୁଷ୍ୟ ତାଚ୍ଛଲ୍ୟ କରିବାଦ୍ୱାରା । ଅବଶ୍ୟ ଏ ଛୋଟ ପୁରାଣରେ ଏମିତି କିଛି କଥା ରହିଛି ଯାହା ଏଇ ସମୟରେ ଅପ୍ରାସଙ୍ଗିକ ମଧ୍ୟ ।

ସେଗୁଡିକର ଆଉ ଗୁରୁତ୍ୱ ନାହିଁ । ବିଶେଷ କରି ନାରୀମାନଙ୍କୁ ପ୍ରାଧାନ୍ୟ ଦେବା ଏବଂ ଜାତିପ୍ରଥାର ବିରୋଧ ଏ କ୍ଷୁଦ୍ର ପୁରାଣର ଏକ ବିଶେଷ ଆଲୋଚ୍ୟ ବିଷୟ । ତଥାପି ଏ ପୁରାଣ ଗୋଟିଏ ସମାଜ ଓ ପରିବାରକୁ ବାନ୍ଧି ରଖିଛି ଏପର୍ଯ୍ୟନ୍ତ, ତେଣୁ ବଳରାମ ଦାସଙ୍କ ଏ ଉଦ୍ୟମକୁ ଶତକୋଟି ପ୍ରଣାମ ।

ଲକ୍ଷ୍ମୀ ପୁରାଣ ଅନୁସାରେ ମା' ଲକ୍ଷ୍ମୀ ନିଜେ ବୁଢ଼ୀ ବ୍ରାହ୍ମଣୀ ରୂପରେ ଆସି ଲକ୍ଷ୍ମୀପୂଜା ଓ ସୁଦଶାବ୍ରତର ପୂଜା ବିଧି ସାଧବାଣୀକୁ କହିଛନ୍ତି । ସେଦିନ ସକାଳୁ ଉଠି ଗୋବର ପାଣିଛାଟି, ଗୋବରରେ ଘରଦ୍ୱାର ଲିପାପୋଛା କରି, ଗୋଟିଏ ମାଣରେ ଶୁକ୍ଳଧାନ ପୁରେଇ ହଳଦୀ ପାଣିରେ ତିନିଗୋଟି ଗୁଆ ଧୋଇ ମାଣରେ ରଖାଯିବ ।

ଧାନମେଣ୍ଟାକୁ ସେ ମାଣ ଉପରେ ରଖି ଚୂଳ ଆଖୁ, ମୂଳା କଦଳୀରେ ସଜାଡିବ । ତାକୁ ପାଟକନା ବା ଛିଟନାଲିକନାରେ ବୋହୂଟିଏପରି ସଜାଇବ । ଗେଣ୍ଡୁଫୁଲମାଳ, ଚୁଆ, ଚନ୍ଦନ, ସିନ୍ଦୂର, କର୍ପୂର, ଧୂପ, ଦୀପ ଦେଇ ଆରାଧନା କରିବ । ବାଲଭୋଗ ଛେନା କଦଳୀ ଆଦିରେ କରି ଦ୍ୱିପହରେ ଶଙ୍ଖୁଡି ଅନ୍ନ ଯଥା ଚିତଉ, ଖେଚୁଡି, ଖିରୀ, ଦହିଭାତ, ମଣ୍ଡା, ଶାଗ, ଭଜା, ଖଟା, ପିଠାପଣା ଭୋଗଦେବ । ସନ୍ଧ୍ୟାରେ କଦଳୀ ଛେନା ଫଳ ଆଦି ହାଲକା ଭୋଗ କରିବ । ଲକ୍ଷ୍ମୀ ପୁରାଣ ପଢି ଶେଷ କରିବ । ଏହିପରି ମା'ଙ୍କର ସବୁ ଗୁରୁବାରରେ ଭୋଗକରି ମାସ ଶେଷରେ ଉଝେଇବ ।

ଏଥି ସହିତ ସୁନ୍ଦର ଗପଟିଏ ଯୋଡାଯାଇଛି । ଓଡ଼ିଶାର ପ୍ରଭୁ, ନାଭିକେନ୍ଦ୍ର ଜଗନ୍ନାଥ ମହାପ୍ରଭୁଙ୍କୁ ନେଇ । ମା' ଲକ୍ଷ୍ମୀ ମାର୍ଗଶୀର ମାସ ଗୁରୁବାରରେ ପାଟପୀତାମ୍ବରୀ ପିନ୍ଧି, ହଜାରେ ପ୍ରକାର ଗହଣାଗାଣ୍ଠି ପିନ୍ଧି ନଗର ବୁଲି ବାହାରିଲେ ସ୍ୱାମୀ ଜଗନ୍ନାଥ ଓ ଦେଢଶୁର ବଳରାମଙ୍କ ଅନୁମତି ନେଇ । କାହାରି ଘରେ ପବିତ୍ରତା କିମ୍ବା ନିଷ୍ଠା ନ ଦେଖି ନିଷ୍ଠାପର ଭାବରେ ପବିତ୍ରତାର ସହିତ, ଭକ୍ତିରେ ପୂଜା କରୁଥିବା ଶ୍ରୀୟା ଚଣ୍ଡାଲୁଣୀର ଗୃହରେ ପ୍ରବେଶ କଲେ । ଯେଉଁ ଗୃହରେ ଆଚାରବିଚାର, ଭକ୍ତିଭାବ ଥାଏ ସେଠାରେ ମା' ଲକ୍ଷ୍ମୀ ବାସ କରନ୍ତି ଓ ତାଙ୍କୁ ଆଶୀର୍ବାଦରେ ପରିପୂର୍ଣ୍ଣ କରନ୍ତି । ସେ ଶ୍ରୀୟା ଚଣ୍ଡାଲୁଣୀର ଆରାଧନାରେ ଖୁସି ହୋଇ ତାକୁ ବର ମାଗିବାକୁ କହିଲେ ।

ଶ୍ରୀୟା ବର ମାଗି ଆସେ ନାହିଁ କହି ସମସ୍ତ ଐଶ୍ୱର୍ଯ୍ୟ ମାଗି ଶେଷରେ ଅମରବର ବି ମାଗିଲା । ମା' ଅମରବର ଦେଇ ପାରିବେନି କହି ବାକି ସମସ୍ତ ବର ଧନ, ଜନ, ଗୋପ, ଲକ୍ଷ୍ମୀ ତାକୁ ଦେଲେ । ଏ କଥା ଘଟିଲା ବେଳେ ଦେଢଶୁର ବଳରାମ ଲକ୍ଷ୍ମୀଙ୍କୁ ଦେଖିଦେଲେ ଏବଂ ଜଗନ୍ନାଥଙ୍କୁ କହିଲେ ଯେ ଲକ୍ଷ୍ମୀ ଅଜାତି ଚଣ୍ଡାଳ ଘରେ ପଶି ଫେରିଛି ।

ସେ ଯଦି ବଡଦେଉଳରେ ଆସି ପଶିବ, ତେବେ ତାଙ୍କର ମଧ୍ୟ ଜାତି ଯିବ । ତେଣୁ ତାକୁ ମନ୍ଦିରରୁ ଯେମିତି ହେଲେ ବାହାର କରିଦେବାକୁ ପଡିବ । ତା' ନହେଲେ ସେ ବଡଦେଉଳରେ ଆଉ ରହି ହେବ ନାହିଁ ।

ମା'ଲକ୍ଷ୍ମୀ ମନ୍ଦିରକୁ ଫେରି ଆସିବା ବେଳକୁ ଜଗନ୍ନାଥ ଜଗିବସି ଥିଲେ, ତାଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ବାରଣ କଲେ । କହିଲେ ସେ ଆଉ ମନ୍ଦିରକୁ ପଶି ପାରିବେ ନାହିଁ, ସେ ଚଣ୍ଡାଳଘରେ ପଶି ଆସିଛନ୍ତି, ଜାତି ହରେଇଛନ୍ତି । ବଡ ଭାଇ ଦେଖି ରାଗିଛନ୍ତି, ବଡ ଭାଇଙ୍କୁ ସେ ବହୁତ ବୁଝେଇଛନ୍ତି, ସେ ଶୁଣିଲେନି , ତେଣୁ ସେ ବଡଦେଉଳରୁ ବାହାରି ଯିବେ । ମା' ଯେତେ କହିଲେ ସେ ଶୁଣିଲେ ନାହିଁ ।

ବହୁ କଟୁକଥା, ତର୍କବିତର୍କ ପରେ ମା' ଗହଣାଗାଣ୍ଠି ଓହ୍ଲେଇଦେଇ ବଡଦେଉଳ ଛାଡି ବାହାରିଗଲେ । ବାପଘରକୁ ସ୍ୱାଭିମାନୀ ଲକ୍ଷ୍ମୀ ନ ଯାଇ ବେତାଳଦ୍ୱାରା ସମୁଦ୍ର କୂଳରେ ଉଆସ ତୋଳେଇ ରହିଲେ । ଲକ୍ଷ୍ମୀ ଛାଡିଯିବାରୁ ଜଗନ୍ନାଥ ବଳଭଦ୍ରଙ୍କୁ ଆଉ ଖାଇବାକୁ ମିଳିଲାନି, କେହି ତାଙ୍କର ସେବା କଲେନି । ଲକ୍ଷ୍ମୀଙ୍କ ଅଭିଶାପ ଥିଲା ବାରବର୍ଷ ସେମାନେ ଭିକାରୀ ପରି ବୁଲିବେ ।

ଅତ୍ୟନ୍ତ କଷ୍ଟକର ହେଇଗଲା ତାଙ୍କର ଜୀବନ ଓ ସେମାନେ ଖାଦ୍ୟ ନ ପାଇ ବାରଦ୍ୱାର ଶୁଣ୍ଢୀପିଣ୍ଡା ହୋଇ ଶେଷରେ ସମୁଦ୍ର କୂଳରେ କେହି ଜଣେ ଖାଦ୍ୟ ଦେଉଛି ବୋଲି ଶୁଣି ସେଠାକୁ ଗଲେ । ସେଠାରେ ବହୁ କଷ୍ଟରେ ମା'ଲକ୍ଷ୍ମୀଙ୍କ ସହିତ ସାକ୍ଷାତ ହେଲା ଏବଂ ଉଭୟ ନିଜର ଭୁଲ୍ ବୁଝି ପାରିଲେ ଯେ ଲକ୍ଷ୍ମୀଙ୍କ ବିନା ଏ ସମସ୍ତ ଜଗତ ମୃତପ୍ରାୟ ହୋଇଯିବେ ଛ ନାରୀକୁ ପୁରୁଷମାନେ ନ ଖୋଜିଲେ ସମ୍ମାନ ନ ଦେଲେ ଏ ସଂସାର ଛାରଖାର ହୋଇଯିବ ଛ ଏହାକହି ଜଗନ୍ନାଥ ଲକ୍ଷ୍ମୀଙ୍କୁ କ୍ଷମାମାଗିଲେ ଏବଂ ସାଥିରେ ବଡଦେଉଳକୁ ଯିବାକୁ ହାତଧରି ଅନୁରୋଧ କଲେ ଛ ମା' ଲକ୍ଷ୍ମୀଙ୍କର କିନ୍ତୁ ଗୋଟିଏ ସର୍ତ୍ତ ଥିଲା । ମା' କହିଲେ –

**'ଏତେ କହି ଗୋବିନ୍ଦ ଧରିଲେ ଲକ୍ଷ୍ମୀ ହସ୍ତ**
**ଜଗତମାତ କହିଲେ ତୁମ୍ଭେ କର ସତ୍ୟ ।**
**ଚଣ୍ଡାଲୁ ବ୍ରାହ୍ମଣ ଯାଏ ଖୁଆଖୁଇ ହେବେ**
**ସମସ୍ତେ ଖାଇଣ ହସ୍ତ ଜଳେ ନ ଧୋଇବେ ।**
**ହାଡି ହସ୍ତୁ ବ୍ରାହ୍ମଣ ଯେ ଛଡାଇ ଖାଇବେ**
**ବ୍ରାହ୍ମଣେ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ ।**
**ଅନ୍ନ ଖାଇ ସର୍ବେ ହସ୍ତେ ପୋଛୁଥିବେ ହସ୍ତ**
**ତେବେ ବଡ ଦେଉଳକୁ ଯିବି ଜଗନ୍ନାଥ ।'**
**( ଲକ୍ଷ୍ମୀ ପୁରାଣ )**

ପଞ୍ଚସଖା କବି ବଳରାମ ଦାସଙ୍କର ଏହି ଲକ୍ଷ୍ମୀ ପୁରାଣ ଛୋଟିଆ ପୁସ୍ତକଟିଏ ହେଲେ ମଧ୍ୟ ଜାତିପ୍ରଥା ବିରୋଧରେ, ମହିଳାମାନଙ୍କର ସମ୍ମାନ ରକ୍ଷା ନିମନ୍ତେ ସେ ସମୟର ଏକ ଅତି ବଳିଷ୍ଠ ପଦକ୍ଷେପ ଯାହା ଅନସ୍ୱୀକାର୍ଯ୍ୟ । ବୋଧହୁଏ ଜାତିପ୍ରଥା ବିରୁଦ୍ଧରେ ଏହା ପ୍ରଥମ ବଳିଷ୍ଠ ସ୍ୱର ।

ସେଥିପାଇଁ ଏ ଓଡ଼ିଆ ଜାତି, ଏ ସାହିତ୍ୟ, କବି ବଳରାମ ଦାସଙ୍କ ନିକଟରେ ଚିର କୃତଜ୍ଞ ରହିଛି ଓ ରହିବ ମଧ୍ୟ । ଜୟ ମା' ଲକ୍ଷ୍ମୀ, କୀଟଠାରୁ ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ପର୍ଯ୍ୟନ୍ତ ଯିଏ ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗେଇ ଜୀବନରକ୍ଷା କରନ୍ତି, ତାଙ୍କ ପାଦରେ କୋଟିପ୍ରଣାମ, ଦଣ୍ଡବତ ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର –୧୬**
**ମୋ–୮୮୯୫୨୭୪୭୯୪**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି*
*ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ*
*ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )*
samayaeditorial2021@gmail.com

# ପାଟଶାଢ଼ି

## ସୁଦର୍ଶନ ମହାପାତ୍ର

ଗଳ୍ପ

ପ୍ରବୀର ବାବୁ ସେଦିନ ଅଫିସରୁ ଫେରି ପତ୍ନୀଙ୍କୁ କହିଲେ – ମୁଁ ଯେଉଁ ହାତ କଟା ଜ୍ୟାକେଟ କଥା କହୁଥିଲି, ଆଜି ତା ଦାମ୍ ବୁଝି ଆସିଛି । ଏବେ ପୂଜା ପାଇଁ ଅଫର୍ ଚାଲିଛି । ସେଇ ଜ୍ୟାକେଟର ପ୍ରକୃତ ଦାମ୍ ଦୁଇ ହଜାର ସିନା ଏବେ ମିଳୁଛି ପନ୍ଦର ଶହ ଟଙ୍କାରେ ।

– ହେଲେ ତୁମେ ସେଇ ଜ୍ୟାକେଟ ଦାମ୍ କାହିଁକି ବୁଝିବାକୁ ଯାଇଥିଲ । ସତରେ କ'ଣ ତୁମେ ତାକୁ ପିନ୍ଧିବ?ଯିଏ ସେମିତିକା ପିନ୍ଧିଲାଣି ସିଏ ସିନା ଦାମ୍ ବୁଝିବ! ମୁଁ ଜାଣେ । ତୁମେ ସେଟାକୁ ଯଦି ବା କିଣିବ ଭାଙ୍ଗିଭୁଙ୍ଗି କପବୋର୍ଡରେ ହିଁ ଥୋଇଦେବ । ପଇସା ଅଯଥାରେ ଖର୍ଚ୍ଚ ହେବ ଯାହା । କହିଲେ ପତ୍ନୀ ।

ପ୍ରତିମାଙ୍କ ହସ ଆଉ କଥାରେ ନିରୁତ୍ସାହିତ ହେଲେ ପ୍ରବୀର ବାବୁ । ପତ୍ନୀଙ୍କ ଠାରୁ ଏକରକମ ନାସ୍ତିବାଣୀ ଶୁଣି ହତାଶ ହୋଇ କିଛି କହିବାକୁ ଚାହିଁ ବି କେବଳ କିନ୍ତୁ... ରେ ହିଁ ଅଟକିଗଲେ ।

ପ୍ରତିମାଙ୍କ ସହ ଦୀର୍ଘ କୋଡ଼ିଏ ବର୍ଷର ଘର ସଂସାର କଥା ଏକାନ୍ତରେ ଭାବି ବସିଲେ ପ୍ରବୀର ବାବୁ । ଘର ଚଳେଇବା ଦାୟିତ୍ୱ ପ୍ରତିମାଙ୍କର । ପ୍ରତିମାସରେ ଦରମା ପାଇବା ସଙ୍ଗେ ସଙ୍ଗେ ତାଙ୍କୁ ଘରଖର୍ଚ୍ଚ, ପିଲା ଦୁହିଁଙ୍କ ପଢ଼ା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ଦେଇ ଦିଅନ୍ତି । ଅବଶ୍ୟ ପ୍ରବୀର ବାବୁଙ୍କ ମନ ବୁଝି ତାଙ୍କ ପାଇଁ ଡ୍ରେସ୍ ହେଉ ବା ଜୋତା, ଚପଲ କିଣି ଆଣନ୍ତି ପ୍ରତିମା ।

କେବେ କେବେ ବିଭିନ୍ନ ଅନୁଷ୍ଠାନ ତରଫରୁ କବିତା ଆସରରେ ଯୋଗ ଦେବାକୁ ନିମନ୍ତ୍ରଣ ଆସେ । କେବେ ବିଚାରକ ହିସାବରେ ତ କେତେବେଳେ ସମ୍ମାନୀୟ ଅତିଥି ହିସାବରେ । ସେଇଠି ସେ ଦେଖନ୍ତି ଏବେକାର ଚଳଣି ଏଇ ହାଫ୍ ଜ୍ୟାକେଟ ପିନ୍ଧା କବି ବା ଅତିଥିମାନଙ୍କୁ । ସେଇଠୁ ହିଁ ନିଜ ପାଇଁ ଗୋଟିଏ ହାଫଜ୍ୟାକେଟ କିଣିବାକୁ ମନ କରିଥିଲେ । ଏ ବିଷୟରେ ଥରେ ଦୁଇଥର ପତ୍ନୀଙ୍କୁ ବି କହିଥିଲେ ।

ହେଲେ ଏବେ ସେଇ ବିଷୟରେ ପତ୍ନୀଙ୍କ ବିମୁଖତା ତାଙ୍କୁ ନିରାଶ କଲା । ନିଜର ଇଚ୍ଛା ପୂରଣ ନକରିପାରିବାର ଦୁଃଖ ତାଙ୍କ ଭିତରେ ଜମାଟ ବାନ୍ଧିଲା । ଅବଶ୍ୟ ସେ ଚାହିଁଥିଲେ ସେଇଟିକୁ କିଣି ଆଣି ପାରିଥାନ୍ତେ । ଆଉ କିଣି ଆଣିଥିଲେ ପ୍ରତିମା ବି ବିଶେଷ କିଛି କହି ନଥାନ୍ତେ । ହେଲେ ପ୍ରତି କ୍ଷେତ୍ରରେ ପଇସା ଖର୍ଚ୍ଚର ଉପଯୋଗିତା ବିଷୟରେ ଦୁହେଁ ମିଶି ସବୁ ସମୟରେ ନିର୍ଣ୍ଣୟ ନିଅନ୍ତି ବୋଲି ଏମିତି କିଛି କରିବାକୁ ଚାହିଁ ନଥିଲେ ।

ଜ୍ୟାକେଟ କିଣା ସଂପର୍କିତ କଥାବାର୍ତ୍ତାର ଦୁଇ ତିନି ଦିନ ପରେ ପ୍ରତିମା ନିଜ ଆଡୁ ପୁଣି ପଚାରିଲେ – ତୁମେ ଦାମ୍ ବୁଝି ଆସିଥିବା ସେଇ ଜ୍ୟାକେଟକୁ କିଣି ଆଣି ଲୁଚାଇ ରଖିନାହଁ ତ ?

ଯଥାସମ୍ଭବ ସହଜ ସ୍ୱରରେ ପ୍ରବୀର ବାବୁ କହିଲେ– ନା, ସତରେ କିଣି ନାହିଁ ।

ହେଲେ ପ୍ରବୀର ବାବୁ ଭାବିଲେ ବୋଧହୁଏ ପତ୍ନୀଙ୍କ ମନ ପରିବର୍ତ୍ତନ ହୋଇଛି ଏବଂ ଜ୍ୟାକେଟଟିକୁ କିଣି ଆଣିବାକୁ ଖୁସିରେ କହିବେ । ହେଲେ ସେମିତି କିଛି ହେଲା ନାହିଁ । ବରଂ କହିଲେ – ଭଲ କରିଛ ! ଅଯଥା ପଇସା ଖର୍ଚ୍ଚ ନକରିବା ଭଲ । ପତ୍ନୀଙ୍କର ଏମିତି କଥାରେ ପ୍ରବୀର ବାବୁ ଆଘାତ ପାଇବା ସ୍ୱାଭାବିକ । ତାଙ୍କର ଛୋଟ ଗୋଟେ ଇଚ୍ଛାକୁ ପୂରଣ କରିବାକୁ ପ୍ରତିମା ଚାହିଁଲେ ତ ନାହିଁ ପୁଣି ଏମିତି ଭାବରେ କହିବାଟା ତାଙ୍କୁ ଆଦୌ ଭଲ ଲାଗିଲା ନାହିଁ । କ୍ଷୋଭ ଆସିଲା ମନରେ ।

ସେଦିନ ଥିଲା ରବିବାର । ସକାଳୁ ପ୍ରବୀର ବାବୁଙ୍କ ନିଦ ଭାଙ୍ଗିଲା ତ ଯଥାରୀତି ପ୍ରତିମା ଆଣି ଚା' କପ୍ ବଢ଼ାଇ ଦେଲେ । କାହିଁକି କେଜାଣି ପ୍ରତିମା ଖୁବ୍ ଖୁସି ଥିଲେ ବୋଲି ପ୍ରତୀୟମାନ ହେଲା ତାଙ୍କୁ ।

– ଆଜି ପରା ତୁମର ସାହିତ୍ୟ ସଭାକୁ ଯିବା କଥା ? ଶୀଘ୍ର ପ୍ରସ୍ତୁତ ହୋଇପଡ । ମୁଁ ଜଳଖିଆ ତିଆରି କରି ସାରିଲିଣି ।

ସେଦିନ ଥିବା ସାହିତ୍ୟ ସଭାକୁ ଯିବେ ବୋଲି ପ୍ରସ୍ତୁତ ହେଲେ ପ୍ରବୀର ବାବୁ । ପ୍ରବୀର ବାବୁ ଲକ୍ଷ୍ୟକଲେ ପ୍ରତିମାଙ୍କ ମୁହଁରେ ଫୁଟି ଉଠୁଥିବା ଆଜିର ହସରେ ଯେମିତି ଏକ ସ୍ୱତନ୍ତ୍ରତା ଅଛି ।

ଖାଇସାରି ତରତର ହୋଇ ଡ୍ରେସ ଚେଞ୍ଜ କରିବାକୁ ଗଲା ବେଳକୁ କପବୋର୍ଡରେ ଝୁଲୁଥିଲା ସେ ଚାହୁଁଥିବା ଭଳି ଜ୍ୟାକେଟଟିଏ ।

– ଇଏ କ'ଣ? କିଏ ଆଣିଲା । ଉଚ୍ଛ୍ୱସିତ ହୋଇପଡିଲେ ପ୍ରବୀର ବାବୁ ।

ଏତିକି ବେଳକୁ ଆହୁରି ଗୋଟିଏ ଚମତ୍କାର ଉପହାର ନେଇ ତାଙ୍କ ସାମ୍ନାରେ ଠିଆ ହେଲେ ପ୍ରତିମାଛ

– ଦେଖିଲ ସେଇ ଜ୍ୟାକେଟ ସାଙ୍ଗକୁ ଏଇ ପ୍ୟାଣ୍ଟ ସାର୍ଟ୍ ହଳକ ତୁମ ମନକୁ ପାଉଛି କି ନାହିଁ ?

ଖୁସି ହେବେ କ'ଣ,ଅନୁଶୋଚନାରେ ପ୍ରବୀର ବାବୁଙ୍କ ସ୍ୱର ଭାରି ଭାରି ହୋଇ ଆସୁଥିଲା ।

– ସତରେ ଖୁବ୍ ସୁନ୍ଦର ହୋଇଛି । ଭିଜା ଭିଜା କଣ୍ଠରେ କହିଲେ ପ୍ରବୀର ବାବୁ ।

ମିଟିଂ ଯିବା ବାଟରେ ପ୍ରତିମାଙ୍କ କଥା ଭାବି ଅନ୍ୟମନସ୍କ ହୋଇ ପଡିଲେ ପ୍ରବୀର ବାବୁ । ପ୍ରତିମା ଯେବେ ବି କୌଣସି କିଣାକିଣି କରିବା ପାଇଁ ଯାଆନ୍ତି ସମସ୍ତଙ୍କ ପାଇଁ ନୂଆ ପୋଷାକ ମାନ କିଣିଲା ଭିତରେ ନିଜ ପାଇଁ କେବେ ଭଲ ଶାଢ଼ି ଖଣ୍ଡେ କିଣିବାକୁ ମନ ବଳାଇ ନଥାନ୍ତି । ଅତି ବାଧ୍ୟ କଲେ ଘର ପିନ୍ଧା ସୂତା ଶାଢ଼ିଟିଏ କିଣନ୍ତି । କୁହନ୍ତି – ମୁଁ କଣ ତୁମ ଭଳିଆ ବାହାରକୁ ଯାଉଛି କି ଅଫିସ ଯାଉଛି କି? ଘରେ ଦାମୀକିଆ ଶାଢ଼ୀ ପିନ୍ଧି ବୁଲିବି ନା କ'ଣ ?

ପ୍ରବୀର ବାବୁ ବେଳେ ବେଳେ ପିଲାଙ୍କ ଦ୍ୱାରା ଏ କାମ କରିବା ପାଇଁ ଚେଷ୍ଟା କରନ୍ତି । ହେଲେ ପିଲା ଦୁହେଁ ବି ହାର ମାନି ଯାଆନ୍ତି । କେଉଁ କେଉଁ ଦାମିକା ଶାଢ଼ିର ରଙ୍ଗ ଆଉ କିଏ ସବୁ ଦେଇଥିଲେ ତାର ସବିଶେଷ ବିବରଣୀ ପ୍ରତିମା ଏମିତି କହନ୍ତି ଯେ,ଯିଏ ଭାବିବ ସତେ ଯେମିତି ପନ୍ଦର କୋଡ଼ିଏ ସରିକି ଦାମିକିଆ ଶାଢ଼ି ତାଙ୍କର ଏମିତି ଆଲମିରାରେ ରହି ନଷ୍ଟ ହେବାକୁ ବସିଛି... ।

ସେଦିନ କାହିଁକି କେଜାଣି ମିଟିଂରେ ଠିକ୍ ଭାବେ ମନୋନିବେଶ କରି ପାରିଲେ ନାହିଁ ପ୍ରବୀର ବାବୁ । କେଉଁଠି ଟିକିଏ ବୁଲେଇ ଆଣିବେ ବୋଲି ନିଜ ତରଫରୁ କେତେ ଥର ପ୍ରତିମାଙ୍କୁ କହି ପୁଣି ପଛଘୁଞ୍ଚା ଦେଇଛନ୍ତି ଠିକଣା ବେଳକୁ । କେବେ ସାଙ୍ଗମାନଙ୍କ ସହିତ ତ କେବେ ଅଫିସ ଷ୍ଟାଫମାନଙ୍କ ସହିତ ବୁଲି ଆସିଛନ୍ତି ବାହାରୁ । ପ୍ରତିମା ଖୁସି ମନରେ ତାଙ୍କ ଜିନିଷପତ୍ର ସଜାଡି ଦିଅନ୍ତି ପ୍ରତି ଥର । କାହିଁ କେବେ ଥରେ ତ ଅଭିମାନ କରି କହି ନାହାନ୍ତି ଏ ବିଷୟରେ ।

ହଁ, କେବେ ସମୟ ସୁବିଧା ଦେଖି ମହାପ୍ରଭୁଙ୍କ ଦର୍ଶନାର୍ଥେ ପୁରୀ ଯିବାକୁ ଥରେ ଦୁଇଥର କହିଛନ୍ତି । ସେ ପୁଣି ଏମିତି ଜିଗର କରି ନୁହେଁ । ଛୁଟିଦିନ ଆସୁଛି ତ ତା ଆଗରୁ ପ୍ରବୀର ବାବୁ ଆଗତୁରା ଘୋଷଣା କରି ସାରିଥିବେ ତାଙ୍କର କାର୍ଯ୍ୟସୂଚୀ । ରିଟାୟାରମେଣ୍ଟ ପରେ ଆମେ ନିଶ୍ଚିତ ଭାବରେ ତୀର୍ଥଯାତ୍ରାରେ ଯିବା । ଏମିତି ପ୍ରତିଜ୍ଞା ସୂଚକ ଆଶ୍ୱାସନାରେ ପ୍ରତିମା ମନେ ମନେ ଉତ୍‌ଫୁଲ୍ଲିତ ହୋଇ ପଡ଼ନ୍ତି ନିଶ୍ଚୟ । କାରଣ କେବେ କେବେ କଥା ଛଳରେ ସେ ସୂଚେଇ ଦିଅନ୍ତି ଯେ ସେ ଆଗାମୀ ତୀର୍ଥଯାତ୍ରା ପାଇଁ ପଇସା ସଞ୍ଚୟ କରୁଛନ୍ତି ବୋଲି ।

ବାପା ବୋଉ ଥିବା ପର୍ଯ୍ୟନ୍ତ ଯାହା କିଛି ବର୍ଷକୁ ଥରେ ଦୁଇଥର ଶାଢ଼ି ମିଳୁଥିଲା ବାପଘର ତରଫରୁ । ସେତିକିବେଳେ ଖୁସିରେ ସତେ ଯେମିତି ଗଦଗଦ ହୋଇ ପଡ଼ନ୍ତି ପ୍ରତିମା । ସେମାନେ ଆଗପଛ ହୋଇ ଯିବାର ଚାରି ବର୍ଷ ହୋଇ ଗଲାଣି । ଶୁଦ୍ଧି କ୍ରିୟା ବେଳେ ବାପଘରେ ଯେଉଁ ଶାଢ଼ି ଖଣ୍ଡିକ ପିନ୍ଧିଥିଲେ ସେତିକି । ତା' ପରଠାରୁ ତ ଆଉ ଭାଇ ଭାଉଜ ଗୋଟିଏ ବୋଲି ଭଉଣୀ ପାଇଁ ଶାଢ଼ି ଖଣ୍ଡେ ପଠାଇ ନାହାନ୍ତି !

ସନ୍ଧ୍ୟା ବେଳକୁ ଘରକୁ ଫେରି ପ୍ରବୀର ବାବୁ ଆଗ ଉଣ୍ଡାଳି ପକେଇଲେ ଆଲମିରାକୁ । ସେଥିରେ ତ କେବଳ ତାଙ୍କର ପୋଷାକପତ୍ର ଭର୍ତ୍ତି । ସମୁଦାୟ ତିନି ଚାରିଟା ଶାଢ଼ି ଅଛି ମାତ୍ର । ସେ ପୁଣି କେତେ ବର୍ଷ ତଳର ।

– ତୁମ ଶାଢ଼ି ସବୁ କେଉଁଠି ରଖିଛ କି? କାଇଁ କିଛି ଦିଶୁନାହିଁ ।

ବିକଳ ବିବ୍ରତ ସ୍ୱରରେ ପଚାରିଲେ ପ୍ରବୀର ବାବୁ ।

– ଆରେ ମୋର ଶାଢ଼ି କଣ ହେବ? ଘରେ ପଡ଼ିଥିଲା ବୋଲି ଝିଅ କେତେ ଖଣ୍ଡ ଶାଢ଼ି ମୋର ନେଇ ଯାଇଛି । ଶାଶୁଘର ଝିଅ ଏମିତି ମାଆମାନଙ୍କ ଶାଢ଼ି ନିଅନ୍ତି । ଏମିତି ତ ମୁଁ ବୁଢ଼ୀ ହେଲିଣି । ସେ ଶାଢ଼ି ସବୁ ଝିଅ ନେଇ ପିନ୍ଧୁ । ହସି ହସି କହିଲେ ପ୍ରତିମା ।

ପରଦିନ ଅଷ୍ଟମୀ । ସେଦିନ ରାତିରେ ଠିକ୍ ଭାବେ ଶୋଇ ପାରିଲେ ନାହିଁ ପ୍ରବୀର ବାବୁ । ମନେ ପଡ଼ିଲା ଝିଅ କହୁଥିଲା ମାଆ ପାଇଁ ହଳଦିଆ ରଙ୍ଗର ସମ୍ବଲପୁରୀ ପାଟ ଶାଢ଼ି ଖଣ୍ଡେ କିଣି ଦେବାକୁ । ଥରେ ନୁହେଁ କେଇଥର କହିଥିବଛ ହେଲେ ପ୍ରତିମା ଏବେ ଥାଉ କହି ଟାଳି ଦେଇଛନ୍ତି କଥାକୁ ।

ଦୁର୍ଗା ମେଢ଼ ଦେଖିବାକୁ ଯିବା ବୋଲି ସକାଳୁ ସକାଳୁ ପ୍ରତିମାଙ୍କୁ କେଇଥର କହି ସାରିଥିଲେ ପ୍ରବୀର ବାବୁ । ହେଲେ ଏଗାରଟା ବେଳକୁ ନିଜେ ତିଆର ହୋଇ ହେଇ ମୁଁ ଆସୁଛି । ତୁମେ ରୋଷେଇ କାମ ସାରିଦିଅ । ସନ୍ଧ୍ୟାରେ ଆମେ ବୁଲି ବାହାରିବା । ବୋଲି କହିଲେ ପ୍ରବୀର ବାବୁ । ଉଦ୍ଦେଶ୍ୟ ଥିଲା ପ୍ରତିମାଙ୍କ ପାଇଁ ନୂଆ ଶାଢ଼ିଟିଏ କିଣି ଆଣି, ସେଇଟିକୁ ପିନ୍ଧାଇ ଦୁର୍ଗା ପୂଜା ମେଢ଼ ଦେଖି ନେଇଯିବେ ।

ମାର୍କେଟରେ ବୁଲି ବୁଲି ମନ ମୁତାବକ ନୂଆ ଶାଢ଼ିଟିଏ କିଣି ସାରିଥିଲେ ପ୍ରବୀର ବାବୁ । ସେତିକିବେଳେକୁ ଚାରିଆଡେ ଅନ୍ଧାର ଘୋଟି ଆସିଲା । ଟିକିଏ ପରେ ଆରମ୍ଭ ହୋଇଗଲା ମୂଷଳ ଧାରାରେ ବର୍ଷା । ଅଧା ଭିଜା ଅବସ୍ଥାରେ ସେ ଠିଆ ହୋଇ ରହିଲେ ଗୋଟିଏ ଦୋକାନ ବାରଣ୍ଡାରେ । ରାସ୍ତାରେ ପାଣି ଜମି ଯାଇଥିଲା । ଇତିମଧ୍ୟରେ ଦୁଇ ଘଣ୍ଟା ବିତି ଯାଇଥିଲା ।

ପ୍ରତିମା ବ୍ୟସ୍ତ ହୋଇ କେଇଥର ଫୋନ୍ କରି ସାରିଥିଲେ । ହେଲେ ସେଇ ଆଡ଼କୁ ଧ୍ୟାନ ଦେଇନଥିଲେ ପ୍ରବୀର ବାବୁ । ଯେତେବେଳେ ନିଜେ ଫୋନ୍ କରିବାକୁ ଚାହିଁଲେ ତ ଜାଣିଲେ ମିସ୍ କଲ୍ ବିଷୟରେ ।

– ମୋର ଛାତି କାଟୁଚି । ମୋ ପାଇଁ ଆଣ୍ଟାସିଡ କିମ୍ବା ଗ୍ୟାସ ବଟିକା ନେଇ ଆସିବ । ଖବରଦାର୍ ଓଦା ହେବ ନାହିଁ । ବର୍ଷା ଛାଡ଼ିଲେ ଆସିବ । ସେଥିରେ ପୁଣି ଘଡ଼ଘଡ଼ି ଚଡଚଡି ମାରୁଛି..! କହିଲେ ପ୍ରତିମା ।

ଯାହାହେଉ ଅପରାହ୍ନ ଦୁଇଟା ପାଖାପାଖି ଘରେ ପହଞ୍ଚିଲେ ପ୍ରବୀର ବାବୁ । ଭଲ ଭାବରେ ପୋଛାପୋଛି ହେବାକୁ ତାଗିଦ କଲେ ପ୍ରତିମା । ହେଲେ ନିଜର ଅଭିମାନକୁ ସେଇ ମୁହୂର୍ତ୍ତରେ ପ୍ରବୀର ବାବୁଙ୍କ ଉପରେ ଝାଡିବାକୁ ଉଚିତ ମନେ କଲେ ନାହିଁ ସେ । ସକାଳୁ ସକାଳୁ ଘରୁ ବାହାରି ଯିବାର କାରଣ ବିଷୟରେ ବି ପଚାରିଲେ ନାହିଁ । ଖାଇବାକୁ ବାଢ଼ି ଦେଇ ଆଣ୍ଟାସିଡ ଟାବଲେଟ ଖାଇ ବିଶ୍ରାମ ନେବାକୁ ପ୍ରତିମା ଚାଲିଗଲେ ବେଡ୍ ରୁମକୁ ।

ପ୍ରବୀର ବାବୁଙ୍କ ଖାଇବା ଶେଷ ହୋଇଥିଲା । ଶାଢ଼ି ଖଣ୍ଡିକ ନେଇ ପହଞ୍ଚିଲେ ପ୍ରତିମାଙ୍କ ପାଖରେ । ଖୁସିରେ ଯେମିତି ଉଛୁଳି ପଡୁଥିଲେ ସେ । ହେଲେ ପ୍ରତିମା ସେତେବେଳକୁ ଖୁବ୍ ନିଦରେ ଶୋଇ ପଡ଼ିଛନ୍ତି ବୋଲି ଜାଣିଲେ ପ୍ରବୀର ବାବୁ । ଆଉ ଘଣ୍ଟାଏ ଅପେକ୍ଷା କଲେ । ତଥାପି ନିଦ ଭାଙ୍ଗିନି ।

ପାଖକୁ ଯାଇ ଧୀର ସ୍ୱରରେ ପ୍ରତିମାଙ୍କୁ ଡାକିଲେ ପ୍ରବୀର ବାବୁ । ଥରେ ନୁହେଁ କେଇଥର । ଦେହରେ ହାତ ମାରିଲେ । ଏତେ ଥଣ୍ଡା କାହିଁକି ଲାଗୁଛି ହାତ, ପାଦ, ମୁହଁ! ସଜୋରେ ଆଉଥରେ ଡାକିଲେ ପ୍ରତିମାଙ୍କୁ ।

ହେଲେ ପ୍ରତିମାଙ୍କ ଆଖି ଖୋଲୁନଥିଲା କି ପ୍ରବୀର ବାବୁଙ୍କ ପାଖକୁ ପତ୍ନୀଙ୍କର ଜବାବ ଫେରୁନଥିଲା ।

– ପ୍ରତିମା, ପୁରୀ ଯିବ ପରା କହୁଥିଲ ! ଏଇ ନୂଆ ପାଟଶାଢ଼ିଟିକୁ ପିନ୍ଧି ଦିଅ । ତୁମକୁ ତେଣେ ସ୍ୱର୍ଗଦ୍ୱାର ଅପେକ୍ଷା କରିଛି ପରା । ଉଠ...!

**କୁଞ୍ଜବିହାରୀ ଲେନ, କଟକ**
**ମୋ–୯୪୩୮୧୭୫୫୪୨**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪ ଘଣ୍ଟା...

ଓ ନୟାଗଡ଼ ଜିଲ୍ଲାରେ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି । ସେହିଭଳି ୨୫ ତାରିଖ ଲାଗି ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୨୮ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ଦେଖାଦେଇଛି ।

### ଏବେ ବି...

ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ଯାଇଛି ।

ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର ପାଳକୁ ଲକ୍ଷ୍ୟ କଲେ ଲାଗୁଛି ସରକାରଙ୍କ ମାଳ ମାଳ ଯୋଜନା ଏଠି ପ୍ରହସନ ପାଲଟିଛି । ଏହି ପାଳକୁ ଯିବାକୁ ନା ରାସ୍ତାଟିଏ ଅଛି ନା ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘରଟିଏ ପାଇଛନ୍ତି । ଏ ହେଉଛନ୍ତି ଦଧିବାମନପୁର ପାଳର ହାରାମଣି ପଲାଇ । ବୟସ ଅଶୀ ହେଲାଣି । ଚାଳିଶ ବର୍ଷ ହେବ ଘର କରି ରହିଲେଣି । ପାଖକୁ ଲାଗିଛି ଭଗବତୀ ପରିବାରଙ୍କ ଘର । ଘର ଆଗରେ ଅଣ୍ଟାଏ ଉଚ୍ଚର ବନ୍ୟା ଜଳ ଲହରା ଭାଙ୍ଗୁଛି । ପୁଅ ବୋହୂ ରାଜ୍ୟ ବାହାରେ ଏକ ଘରୋଇ କମ୍ପାନୀର କାମ କରି ଗୁଜୁରାଣ ମେଣ୍ଟାଉଛନ୍ତି । ଘର ଭିତରେ ପାଣି ସରସର । ପାଖକୁ ଲାଗି ମନ୍ଦେଇ ନଦୀର ଶାଖା ନାଳୀ ବୋହି ଯାଉଛି । ବନ୍ୟା ଜଳରେ ଭାସୁଛନ୍ତି ବିଷାକ୍ତ ସାପ । ଉଚ୍ଚା ସ୍ଥାନ ଦେଖି ଆଶ୍ରୟ ନେଉଛନ୍ତି । ମନ୍ଦେଇ ନଦୀର କୁମ୍ଭୀର ଆତଙ୍କ ଯୋଗୁଁ ଘର ଛାଡି ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି । ରୋଗ ହେଲେ ଭଗବାନ ଭରସା । ନିକଟରେ ଦଧିବାମନପୁର ପାଳ ଗ୍ରାମର ଗର୍ଭବତୀ ମହିଳା ପ୍ରଜାରାଣୀ ମଲ୍ଲିକଙ୍କ ରାତି ଗର୍ଭ ଯନ୍ତ୍ରଣାରେ ଛଟପଟ ହେଲେ । ପାଳରେ ଡଙ୍ଗା ହିଁ ଭରସା । କିନ୍ତୁ ଡଙ୍ଗା ନମିଳିବାରୁ ବାଧ୍ୟ ହୋଇ ସ୍ୱାମୀ ପର୍ଶୁରାମ କବାଟ ଖୋଲି ଡଙ୍ଗା କରି ମୁଖ୍ୟ ରାସ୍ତାରେ ପହଞ୍ଚିଲେ । ତିନିଦିନ ପରେ ନବଜାତ ଶିଶୁ ପୁତ୍ର ଓ ପ୍ରସୂତୀ ମହିଳା ବିପଦ ସଙ୍କୁଳ ଅବସ୍ଥାରେ ଡଙ୍ଗାରେ ଘରକୁ ଫେରିଯାଇଥିଲେ । ବିକାଶର ବିକଳ ଚିତ୍ର ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରି ହେବନାହିଁ । ନା ପାଉଛନ୍ତି ଖଣ୍ଡେ ପଲିଥିନ ନା ପ୍ରଶାସନର ଆଶ୍ୱାସନା । ପ୍ରତିଦିନ ବର୍ଷା ଲାଗି ରହିଛି । ସ୍ୱାଭାବିକ ଅବସ୍ଥାକୁ ଫେରିବାକୁ ଆହୁରି ଏକ ମାସ ଲାଗିବ ବୋଲି ଗ୍ରାମବାସୀ କହୁଛନ୍ତି ।

### ଯେଉଁ ହାତ...

ଓ ମେସିନ ନିର୍ମାତାଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ କରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ । ରୋବୋଟିକ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି । ତେବେ, ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ । ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଆଜି ସମୟ ଆସିଛି, ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଜ୍ଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ । ସେଥିପାଇଁ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସୁଦକ୍ଷ କରିବାକୁ ପଡ଼ିବ ।

ସେ ପୁଣି କହିଥିଲେ ଯେ, ଗରିମା ଦିବସ ପ୍ରତିବର୍ଷ ଆମକୁ ମନେ ପକାଇବ ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ମଧ୍ୟ ଆମର ଦାୟିତ୍ୱ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ ଏବଂ କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା । ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ । ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରେ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ । ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଦୁଇ ଜଣ ସଫେଇ କର୍ମୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ କରାଯାଇଛି ଏବଂ ସେମାନଙ୍କ ମୃତ୍ୟୁ ସଫେଇ ନୁହେଁ, ଅନ୍ୟ କାରଣରୁ ଘଟିଥିଲା ।

ଗରିମା ଦିବସ ଉପଲକ୍ଷେ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ । ସଫେଇ କର୍ମୀଙ୍କୁ ବାସଗୃହ ପାଇଁ ୱାର୍କ ଅର୍ଡର ପ୍ରଦାନ କରିଥିଲେ । କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶ ପନ୍ତ ଏଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ସଫେଇ କର୍ମୀଙ୍କ ସୁରକ୍ଷା, ଆର୍ଥିକ ଉନ୍ନତି ଓ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଉଦାହରଣ ସୃଷ୍ଟି କରିଛି । ଓଡ଼ିଶା ସରକାର ଗରିମା ଯୋଜନାକୁ ହୋଲ୍ ଅଫ୍ ଆପ୍ରୋଚ୍ ଭାବେ ନେଇ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ସ୍ୱଚ୍ଛ ସାଥୀ ମାନଙ୍କ ଯୋଗୁ ଆମେ ସ୍ୱଚ୍ଛ ଅଛୁ । ସହର ସ୍ୱଚ୍ଛ ଅଛି ଓ ରାଜ୍ୟ ଆଗକୁ ବଢୁଛି । ଜିରୋ ଫାଟାଲିଟି ଆମ ପାଇଁ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଆମ ପାଇଁ ଏକ ସଂକଳ୍ପ । ସଫେଇ କର୍ମୀଙ୍କ ସୁରକ୍ଷା ପାଇଁ ଯାହା ଆବଶ୍ୟକ ଆମେ ତାହା ନିଶ୍ଚୟ କରିବୁ ବୋଲି ସେ କହିଥିଲେ ।

ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର'ର ନିର୍ଦ୍ଦେଶିକା ମନ୍ୱିତା ବରାଡ଼ି ସଫେଇ କର୍ମୀଙ୍କ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ପ୍ରଶଂସା କରି କହିଥିଲେ ଯେ, ଓଡ଼ିଶାରେ ଗରିମା ଯୋଜନାରେ କେବଳ ସଫେଇ କର୍ମୀମାନଙ୍କ ପାଇଁ ଚିନ୍ତା କରାଯାଇନାହିଁ, ଏଥିରେ ସେମାନଙ୍କ ପରିବାର ବର୍ଗଙ୍କ କଲ୍ୟାଣ ପାଇଁ ମଧ୍ୟ ଅନେକ ପ୍ରାବଧାନ କରାଯାଇଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ନିର୍ଦ୍ଦେଶକ, ପୌର ପ୍ରଶାସନ ଅରିନ୍ଦମ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିସିଆଇ...

ଦ୍ୱାରା ପ୍ରଦାନ କରାଯାଇଥିବା ପାଣ୍ଠି ଏଥିରେ ରହିଛି । ଆଇନଗତ ବୃତ୍ତିରେ ପ୍ରବେଶ ପାଇଁ ନିୟାମକ କ୍ଷମତା ରହିଛି । ଏହାର ପାଣ୍ଠି ଓ କ୍ଷମତା ଅଧ୍ୟକ୍ଷ ପଦବୀରେ ଥିବା ବ୍ୟକ୍ତିଙ୍କୁ ନୁହେଁ ବାର୍ ସେବା ପାଇଁ ଉଦ୍ଦିଷ୍ଟ । ଏହାସହ ଜଡ଼ିତ କୌଣସି ଟ୍ରଷ୍ଟ କିମ୍ବା ସଂସ୍ଥା ଦ୍ୱାରା ପ୍ରଦାନ କରାଯାଉଥିବା ଦାନ କିମ୍ବା ଦେୟକୁ ବନ୍ଦ କରାଯାଉ ।

### ଦେଢ଼ କୋଟିରୁ...

ଦର୍ଶାଇଛନ୍ତି ଜ୍ୟୋତିରଞ୍ଜନ ସାହୁ । ଟଙ୍କା ନେବା ପରେ ଅଭିଯୁକ୍ତଙ୍କ ପରିବାର ତାଙ୍କୁ ବୁଝାଇଥିଲେ, ମୂଳଧନ ଓ ଲାଭକୁ ମିଶାଇ ସମୁଦାୟ ୨ କୋଟି ୧୦ ଲକ୍ଷ ୩ ହଜାର ଟଙ୍କା ଫେରିପାଇବେ । ଏହି ଟଙ୍କା ୨୦୨୬ ମସିହା ଫେବୃଆରୀ ୨୦ ସୁଦ୍ଧା ଏତଲାକାରୀଙ୍କୁ ଦେବା ପାଇଁ ଅଭିଯୁକ୍ତ ଦୁଇ ଭାଇ ପ୍ରତିଶ୍ରୁତି ଦେଇଥିଲେ । ଆକାଉଣ୍ଟ ଫ୍ରିଜ୍ ହୋଇଥିବା ମିଛ କଥା କହି ନିର୍ଦ୍ଧାରିତ ତାରିଖରେ ଟଙ୍କା ଫେରାଇଲେ ନାହିଁ । ଟଙ୍କା ଫେରାଇବା ପାଇଁ ୧୫ ଦିନ ଅଧିକ ସମୟ ମାଗିଥିଲେ । ସେହି ତାରିଖରେ ଟଙ୍କା ଫେରାଇ ପରିବର୍ତ୍ତେ ଅଭିଯୁକ୍ତ ଦୁଇଭାଇଙ୍କ ବାପା ନିରଞ୍ଜନ ଗୌଡ ଅଭିଯୋଗକାରୀଙ୍କୁ ବୁଝାଇ କହିଥିଲେ ପିଲାମାନେ ଯାହା ଭୁଲ କରିଛନ୍ତି ତାହା ମୁଁ ଜମି ବିକି ଭରଣା କରିବି । ନିରଞ୍ଜନ ଏହି ପ୍ରତିଶ୍ରୁତି ଦେବାର କିଛି ଦିନ ବିତିଯିବା ପରେ ସେମାନେ ଆଉ ଫୋନ ଧରିନଥିଲେ ।

ଯାହା ଫଳରେ ଜ୍ୟୋତିରଞ୍ଜନ ସାହୁ ଅଭିଯୁକ୍ତ ପରିବାରଙ୍କ କଥାରୁ ଠକେଇର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ । ଲକ୍ଷ୍ମୀସାଗର ଥାନରେ ଅଭିଯୋଗ କରିବା ପରେ ପୋଲିସ ରାକେଶ ଓ ଲୁକେଶଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁଇ ଭାଇଙ୍କୁ ଜେଲ ହାଜତ ପଠାଇଦିଆଯାଇଛି । ଦୁଇ ଅଭିଯୁକ୍ତ ଭାଇଙ୍କ ଘର ଗଞ୍ଜାମ ଜିଲ୍ଲାର ବୋଲି ପୋଲିସ କହିଛି ।

### ପଦରାଜ...

କରି ତାଙ୍କ ଦ୍ୱାରା ଲିଖିତ ପୁସ୍ତକ "ବିଜ୍ଞାନାଗାରରେ ପରୀକ୍ଷା" ପ୍ରକାଶିତ ହୋଇଛି । ଏହି ପୁସ୍ତକରେ ସ୍କୁଲ ଲାବ୍ରୋଟୋରୀ ଏବଂ ଘରେ ମିଳୁଥିବା ସହଜଲଭ୍ୟ ସାମଗ୍ରୀକୁ ବ୍ୟବହାର କରି ବିଜ୍ଞାନ ପରୀକ୍ଷଣ କରିବାର ସରଳ ଉପାୟ ରହିଛି, ଯାହା ଶିକ୍ଷାର୍ଥୀଙ୍କ ପାଇଁ ବିଜ୍ଞାନ ପାଠକୁ ଅଧିକ କାର୍ଯ୍ୟଭିତ୍ତିକ ଓ ଆନନ୍ଦଦାୟକ କରିପାରିଛି । ଏହା ବ୍ୟତୀତ ଶ୍ରୀ ନାୟକ ଏକାଧିକ ଇ-କଣ୍ଟେଣ୍ଟ ପ୍ରସ୍ତୁତ କରିବା ସହ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୟୁଟ୍ୟୁବ୍ ଲାଇଭ୍ କ୍ଲାସରେ ଶିକ୍ଷାଦାନ କରିଛନ୍ତି । ତାଙ୍କର ନୂତନ ଶିକ୍ଷାଦାନ ପଦ୍ଧତିଗୁଡ଼ିକ ମଧ୍ୟରେ ପ୍ରକଳ୍ପ ଭିତ୍ତିକ ଶିକ୍ଷା, ଗବେଷଣା ଭିତ୍ତିକ ଶିକ୍ଷା, ହାତପାହାନ୍ତା କାର୍ଯ୍ୟକଳାପ, ନୃତ୍ୟ ମାଧ୍ୟମରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା, ଯୋଗ ମାଧ୍ୟମରେ ଶିକ୍ଷା, ଖେଳ ମାଧ୍ୟମରେ ଶିକ୍ଷା ଏବଂ କଳା ମାଧ୍ୟମରେ ବିଜ୍ଞାନ ଶିକ୍ଷା ଅନ୍ତର୍ଭୁକ୍ତ । ଏହି ଆଭିମୁଖ୍ୟ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆନନ୍ଦଦାୟକ, ସକ୍ରିୟ ଏବଂ ଛାତ୍ରକୈନ୍ଦ୍ରିକ କରିପାରିଛି ।

ଭୌତିକ ବିଜ୍ଞାନ ଓ ଗଣିତର ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରି ସେ ଶିକ୍ଷକମାନଙ୍କର ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବା ସହ ବିଜ୍ଞାନ ଓ ଗଣିତ ଶିକ୍ଷାରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଛନ୍ତି । ତାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଜଣେ ଛାତ୍ର ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଏବଂ ୮ ଜଣ ଛାତ୍ର ଜାତୀୟସ୍ତରର ବିଜ୍ଞାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଗୌରବ ଅର୍ଜନ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ନିଜର ଅତୁଳନୀୟ ଯୋଗଦାନ ପାଇଁ ଶ୍ରୀ ନାୟକ ପୂର୍ବରୁ ଓଡ଼ିଶା ସରକାରଙ୍କ ଦ୍ୱାରା "ରାଜ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୩" ଏବଂ "ପ୍ରକୃତି ବନ୍ଧୁ ପୁରସ୍କାର"ରେ ସମ୍ମାନିତ ହୋଇସାରିଛନ୍ତି ।

### ପହଲଗାମ୍...

କୋର୍ଟରେ ଟ୍ରାଏଲ୍ ଆରମ୍ଭ ହେବା ପୂର୍ବରୁ ଆବଶ୍ୟକୀୟ ପଦକ୍ଷେପ ଗୁଡ଼ିକ ଶେଷ କରାଯିବ । ଚାର୍ଜଫ୍ରେମ୍ ହେବାର ୯୦ ଦିନ ପରେ ଏହି ଟ୍ରାଏଲ୍ ଆରମ୍ଭ ହେବ । ଯଦି ଅଭିଯୁକ୍ତ ଅନୁପସ୍ଥିତ ରୁହନ୍ତି, ତେବେ ତାଙ୍କ ସୁରକ୍ଷା ପାଇଁ ଜଣେ ଓକିଲ ଆସିବେ । ଅତିରିକ୍ତ ଚାର୍ଜସିଟ୍‌ରେ ଜୁଲାଇରେ ସୟିଦ୍‌ଙ୍କ ନାମ ଉଲ୍ଲେଖ କରିଥିଲା । ଏନ୍‌ଆଇଏ ପକ୍ଷରୁ ୧୫୯୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ଏନ୍‌ଆଇଏ ଅଭିଯୋଗ କରିଛି ଯେ ପାକିସ୍ତାନରେ ଥିବା ଆତଙ୍କୀ ସଂଗଠନ ଏହି ଆତଙ୍କ ଲାଗି ଷଡ଼ଯନ୍ତ୍ର କରିଛନ୍ତି । ଚାର୍ଜସିଟ୍‌ରେ ମଧ୍ୟ ସ୍ଥାନୀୟ ଲୋକମାନେ ବିଦେଶୀ ଆତଙ୍କବାଦୀଙ୍କୁ ସହଯୋଗ କରିବାର ଅଭିଯୋଗ କରାଯାଇଛି ।

### ସ୍ୱତନ୍ତ୍ର...

ଯୁକ୍ତି ହେଉଛି ଯେ ସଂଶୋଧିତ ଆଇନ୍ ଦ୍ୱାରା ରାଜ୍ୟ ନିଜସ୍ୱ ସ୍ୱାଧୀନତା ହରାଇବ । ଫଳରେ ଓଡ଼ିଶା ଖଣି ରାଜସ୍ୱ କମ୍ ପାଇବ । ନିଜ ଖଣି ଉପରେ ଓଡ଼ିଶାର ଅଧିକାର ରହିବ ନାହିଁ । ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଆନ୍ଦୋଳନ ଲାଗି ସଜବାଜ ହେଉଛନ୍ତି । ଅପରପକ୍ଷରେ ବିଜେପି କହିଛି ଯେ ଟିକସ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଏହି ଆଇନ୍ ସହାୟକ ହେବ । ଓଡ଼ିଶା ସମେତ ଖଣିଜ ସମ୍ପଦପୂର୍ଣ୍ଣ ରାଜ୍ୟ ଲାଭବାନ ହେବେ । ବିରୋଧୀମାନେ ଭୁଲ୍ ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ୨୦୧୪ ପୂର୍ବରୁ ଖଣି ଟିକସ ବାବଦରେ ସରକାର ୫ ହଜାର କୋଟି ପାଉଥିବାବେଳେ ୨୦୧୫ ପରେ ଖଣି ନିଲାମ ଓ ଅନ୍ୟାନ୍ୟ ବାବଦରେ ୫୦ ହଜାର କୋଟି ଟଙ୍କା ରାଜସ୍ୱ ମିଳୁଛି ।

# ରାଉଳପାଟଣା-ଧନିତ୍ରୀ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ

କୋଣାର୍କ (ସବ୍ୟୁ): ନିମାପଡା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଫିସ ଅଧିନସ୍ଥ କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିନସ୍ଥ ରାଉଳପାଟଣା- ଧନିତ୍ରୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣର ଅବଧି ଶେଷ ହୋଇଯାଇଥିଲା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଉଦାସୀନତା ନୀତି ଯୋଗୁଁ କାର୍ଯ୍ୟ ନାମକୁ ମାତ୍ର କରାଯାଇଥିଲା ବେଳେ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ।

ଖବରରୁ ପ୍ରକାଶ ଯେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିନସ୍ଥ ରାଉଳପାଟଣା - ଧନିତ୍ରୀ ଗ୍ରାମ୍ୟ ଉନ୍ନୟନ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ନିମନ୍ତେ ବିଭାଗ ପକ୍ଷରୁ ୭କୋଟି ୪୨ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଠିକାଦାର ଚୟନ କରାଯାଇ ଗତ ସେପେଟମ୍ବର ମାସ ୨୦୨୫ ମସିହା ଠାରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ଅପାରଗତା କାରଣରୁ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନୋମୁଖୀ ଓ ଶିଥିଳତା ମନୋଭାବ ଯୋଗୁଁ ରାସ୍ତା ନିର୍ମାଣ କାମ ନାମକୁ ମାତ୍ର କରାଯାଇଥିବା ଦେଖିବାକୁ ମିଳିଛି । ଫଳରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ରାସ୍ତାରେ ବିଭିନ୍ନ ସମୟରେ ସଡକ ଦୁର୍ଘଟଣାରେ ଜୀବନ ହାନି ଓ ଖଣ୍ଡିଆ ଖାବରା ହେଉଥିବାର ନଜିର ରହିଛି । ଏହି ରାସ୍ତାର ଧନୀତ୍ରି ସେତୁ ଠାରୁ ଧନିତ୍ରୀ ମଲ୍ଲିକ ସାହି ପର୍ଯ୍ୟନ୍ତ କରାଯାଇଥିବା ସିମେଣ୍ଟ କଂକ୍ରିଟ ପ୍ରଶସ୍ତିକରଣ କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ଫାଟ ସୃଷ୍ଟି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି ।

ଏହି ରାସ୍ତାର ପ୍ରଶସ୍ତୀକରଣ ଦୁଇ ପାର୍ଶ୍ୱରେ ହେବାର ନିୟମ ରହିଥିବାବେଳେ ଏକ ପାଖିଆ ଭାବେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ କାମ କରାଯାଇଥିବାରୁ ପୁରୁଣା ରାସ୍ତାରେ ପାଣି ଜମି ରାସ୍ତା ନଷ୍ଟ ହେଉଥିବା ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି । ନିମାପଡ଼ା ଓ କୋଣାର୍କ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘଟଣା ସ୍ଥଳ ପରିଦର୍ଶନ ନ କରି ଜଣେ ଚତୁର୍ଥ ଶ୍ରେଣୀର କର୍ମଚାରୀ କାମ ତଦାରଖ କରିବା ଯୋଗୁଁ ଠିକାଦାରଙ୍କ ମନୋମୁଖୀ ଓ ଶିଥିଳତା ମନୋଭାବ ଯୋଗୁଁ ରାସ୍ତାର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ କାର୍ଯ୍ୟ ଆଗେଇ ପାରୁନି ବୋଲି କାଦୁଆନୂଆଗାଁ ଗ୍ରାମପଞ୍ଚାୟତ ସ୍ୱାଭିମାନ ମଂଚର ଉପଦେଷ୍ଟା ତଥା ପୁରାତନ ଛାତ୍ର ସଂଗଠକ ଭାଗୀରଥୀ ସାଇଁଙ୍କ ସମେତ ମଂଚର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଭାବମୂର୍ତ୍ତି ବଞ୍ଚାଇବ ପାଇଁ ଠିକାଦାର ମାଧ୍ୟମରେ ବର୍ଷା ଦିନେ ତଳି ପକା କାର୍ଯ୍ୟ ଆରମ୍ଭ କରାଯିବା ନେଇ ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ ଓ ସ୍ଥାନୀୟ ଅଂଚଳର ଜନସାଧାରଣ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ସମ୍ବେଦନଶୀଳ ଘଟଣା ଉପରେ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ଠିକାଦାର ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ସତ୍ୟବାଦୀ କୋର୍ଟରେ ନିଶାମୁକ୍ତ ଭାରତ ଶପଥ ଗ୍ରହଣ

ସାକ୍ଷୀଗୋପାଳ (ସବ୍ୟୁ): ସତ୍ୟବାଦୀ କୋର୍ଟ ପରିସରରେ ବିଚାରପତି ସିଦ୍ଧାନ୍ତ ମିଶ୍ରଙ୍କ ନେତୃତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ଏକ ଶପଥ ଗ୍ରହଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଚାରପତି ଶ୍ରୀ ମିଶ୍ର ଉପସ୍ଥିତ ଆଇନଜୀବୀ ଓ କୋର୍ଟ କର୍ମଚାରୀମାନଙ୍କୁ ନିଶାମୁକ୍ତ ଭାରତ ଗଠନର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇଥିଲେ । ପରେ ସମସ୍ତେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହ ନିଜ ସମୁଦାୟ, ଜିଲ୍ଲା, ରାଜ୍ୟ ଓ ଦେଶକୁ ନିଶାମୁକ୍ତ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ । ଯୁବପିଢ଼ି ଦେଶର ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ହୋଇଥିବାରୁ ନିଶାର କୁପ୍ରଭାବରୁ ଯୁବସମାଜକୁ ଦୂରେଇ ରଖିବା ଏବଂ ଏକ ନିଶାମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ସକ୍ରିୟ ଭୂମିକା ନେବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା ।

## ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ଦଶପଲ୍ଲା,(ସବ୍ୟୁ): ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଓ ସମଗ୍ର ଶିକ୍ଷା ଯୋଜନାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରଶାସନ ଓ ସାମାଜିକ ସମୀକ୍ଷା ଦଳର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀ, ଶ୍ରମିକ, ଅଭିଭାବକ, ଜନପ୍ରତିନିଧି ଓ ସାଧାରଣ ଲୋକମାନେ ଯୋଗଦେଇଥିଲେ ।ଶିବିରରେ ମନରେଗା ଯୋଜନା ଅଧୀନରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଶ୍ରମିକଙ୍କୁ ମିଳିଥିବା ରୋଜଗାର, ମଜୁରି ପ୍ରଦାନ, କାର୍ଯ୍ୟଦିବସ ସୃଷ୍ଟି, ଜବPାର୍ଡ ଓ ଯୋଜନାର ସଓ୍ୱଚ୍ଛତା ସମ୍ପର୍କରେ ସାମାଜିକ ସମୀକ୍ଷା କରାଯାଇଥିଲା । ଏଥିସହ ବିଭିନ୍ନ ପଞ୍ଚାୟତରେ ହୋଇଥିବା କାର୍ଯ୍ୟର ଗୁଣବତ୍ତା ଓ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ, ସେନେଇ ମଧ୍ୟ ଆଲୋଚନା ହୋଇଥିଲା ।ସେହିପରି ସମଗ୍ର ଶିକ୍ଷା ଯୋଜନା ଅଧୀନରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ ସୁବିଧା, ଶିକ୍ଷାଦାନ ବ୍ୟବସ୍ଥା, ବିଦ୍ୟାଳୟର ଆବଶ୍ୟକତା ଓ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରାଯାଇଥିଲା ।ଅଭିଭାବକ ଓ ଅନ୍ୟ ଅଂଶୀଦାରମାନେ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ ସମସ୍ୟା ଓ ମତାମତ ଉପସ୍ଥାପନ କରିଥିଲେ ।ଏହି ଅବସରରେ ଉପସ୍ଥିତ ଅଧିକାରୀମାନେ ସରକାରୀ ଯୋଜନାରେ ସ୍ୱଚ୍ଛତା, ଜନସହଭାଗିତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ ।

## କଂଗ୍ରେସର ବିଏଲ୍‌ଏ-୨ ପ୍ରଶିକ୍ଷଣ ଶିବିରରେ ସଂଗଠନ ସୁଦୃଢ଼ କରିବାକୁ ଆହ୍ୱାନ




ବଡମ୍ବା,(ସବ୍ୟୁ): ଡମ୍ବା-୮୭ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ନିଜ ସଂଗଠନକୁ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ କର୍ମୀମାନଙ୍କୁ ସକ୍ରିୟ କରିବା ଲକ୍ଷ୍ୟରେ ବିଏଲଏ-୨ ପ୍ରଶିକ୍ଷଣ ଶିବିର ଆୟୋଜନ କରିଛି । ବଡମ୍ବା ଆଡିଆ ମହାଦେବ ପ୍ରାଙ୍ଗଣରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଦଳର ବହୁ ନେତା, ପଦାଧିକାରୀ ଓ କର୍ମୀ ଯୋଗଦେଇଥିଲେ ।

ଶିବିରରେ ନିର୍ବାଚନ ପ୍ରକ୍ରିୟା, ଭୋଟର ତାଲିକା ସମ୍ପର୍କିତ ତଥ୍ୟ, ବୁଥ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ଏବଂ ଦଳୀୟ କାର୍ଯ୍ୟକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ନେଇ ବିଏଲଏ-୨ମାନଙ୍କୁ ବିଭିନ୍ନ ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା । ଆଗାମୀ ଦିନରେ ପ୍ରତ୍ୟେକ ବୁଥ୍‌କୁ ଅଧିକ ସକ୍ରିୟ କରି କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ଶିବିରରେ ଗୁରୁତ୍ୱ ଦିଆଯାଇଥିଲା ।ଏହି ଅବସରରେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ବିଏଲଏ-୧ ପର୍ଯ୍ୟବେକ୍ଷକ କିଶୋର ଜେନା, ପୂର୍ବତନ ବିଧାୟକ ସମୀର କୁମାର ରାଉତରାୟ, ପିସିସି ସଭ୍ୟ ମନୋଜ କୁମାର ସାହୁ, ପିସିସି ସଭ୍ୟ ଶିଶିରକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ନେତାମାନେ ବୁଥ ସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା ସହ ପ୍ରତ୍ୟେକ କର୍ମୀଙ୍କୁ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।ଶିବିରରେ ଆଠଗଡ଼ର ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଏଥିସହ ବଡମ୍ବା ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କାରଣ, ନରସିଂହପୁର ବ୍ଲକ କଂଗ୍ରେସ ସଭାପତି ସଚ୍ଚିଦାନନ୍ଦ ନାଏକ, ବଡମ୍ବା-ନରସିଂହପୁର ଯୁବ କଂଗ୍ରେସ ସଭାପତି ବଳଭଦ୍ର ପ୍ରହରାଜ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଶାନ୍ତନୁ ବଳିୟାରସିଂହ, ବରିଷ୍ଠ କଂଗ୍ରେସ ନେତା ରନିାକର ପଣ୍ଡା, ଅଖିଳ ପଣ୍ଡା, ଚନ୍ଦ୍ରକାନ୍ତି ବୌଧ, ମହିଳା କଂଗ୍ରେସ ସଭାପତି ରଶ୍ମିତା ଦାସ, ଭାଗିରଥି ରାଣା, ଗୋପାଳ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ଯୋଗ ଦେଇଥିଲେ ।ବଡମ୍ବା ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ପୁନର୍ବାର ସଂଗଠିତ କରିବା ପାଇଁ ଏହି ଶିବିର ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଉପସ୍ଥିତ କର୍ମୀମାନେ କହିଥିଲେ । ଶିବିରରେ ଯୋଗଦେଇଥିବା କର୍ମୀମାନଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବୁଥ ସ୍ତରରେ ଦଳକୁ ଅଧିକ ସକ୍ରିୟ କରିବା, ନୂଆ କର୍ମୀଙ୍କୁ ଯୋଡ଼ିବା ଏବଂ ଯୁବ ଓ ମହିଳାଙ୍କୁ ସଂଗଠନ ସହ ଅଧିକ ସଂପୃକ୍ତ କରିବା ଉପରେ ଆଗାମୀ ଦିନରେ ଗୁରୁତ୍ୱ ଦିଆଯିବ ବୋଲି ଦଳୀୟ ନେତାମାନେ ସୂଚନା ଦେଇଥିଲେ ।ବଡମ୍ବାରେ ଆୟୋଜିତ ଏହି ବିଏଲଏ-୨ ପ୍ରଶିକ୍ଷଣ ଶିବିର ମାଧ୍ୟମରେ କଂଗ୍ରେସ ନିଜର ସଂଗଠନକୁ ତୃଣମୂଳ ସ୍ତରରୁ ପୁନର୍ଗଠିତ କରିବାର ବାର୍ତ୍ତା ଦେଇଛି । ଆଗାମୀ ଦିନରେ ଏହି ସଂଗଠନାତ୍ମକ ପ୍ରସ୍ତୁତି କେତେଦୂର ରାଜନୈତିକ ପ୍ରଭାବ ପକାଇବ, ତାହା ସମୟ ହିଁ କହିବ । ତେବେ ବଡମ୍ବାରେ କଂଗ୍ରେସର ନୂଆ ଉତ୍ସାହ ଓ ସଂଗଠନ ସଜାଡ଼ିବାର ପ୍ରୟାସ ଏହି ଶିବିର ମାଧ୍ୟମରେ ସ୍ପଷ୍ଟ ହୋଇଛି ।

## ୟୁଜିଏସ୍ ମହାବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ

ସାକ୍ଷୀଗୋପାଳ (ସବ୍ୟୁ) : ନିଶା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ପୁରୀ ଜିଲ୍ଲା ସାକ୍ଷୀଗୋପାଳସ୍ଥିତୟଜିଏସ ମହାବିଦ୍ୟାଳୟରେ ନିଶା ନିବାରଣ ପାଇଁ ଏକ ଜାତୀୟ ଶପଥ ପାଠ ସମାରୋହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନର ଗୁରୁତ୍ୱ ବୁଝାଇବା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଅଣ-ଶିକ୍ଷକ କର୍ମଚାରୀମାନେ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ବି .ଡି.ଓ. ଦେବାଶିଷ ନାୟକଙ୍କ ଉପସ୍ଥିତିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ମିଳିତ ଭାବେ ନିଶା ନିବାରଣ ପାଇଁ ଜାତୀୟ ଶପଥ ଗ୍ରହଣ କରିଥିଲେ ।

ଅଂଶଗ୍ରହଣକାରୀମାନେ ନିଶାସେବନକୁ ବିରୋଧ କରିବା, ସାଙ୍ଗସାଥୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ଭାରତ ଗଠନରେ ଯୋଗଦାନ ଦେବା ପାଇଁ ଶପଥ ନେଇଥିଲେ । ଏହି ଶପଥପାଠ୍ୟୁ ଜି.ଏସ. ମହାବିଦ୍ୟାଳୟ, ସଂସ୍କୃତ ବିଭାଗମୁଖ୍ୟ ଡ଼ କଳ୍ପନା କୁମାରୀ ମହାପାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମଟିକୁ ଅଧ୍ୟାପକ ଡ଼ ଶଙ୍କର୍ଷଣ ପ୍ରଧାନ, ଅଧ୍ୟାପିକା ଡ଼ ରଶ୍ମିତା ସେଠୀ ଓ ଅଧ୍ୟାପକ ଜିତେନ କୁମାର ଦାସ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମଟି କଲେଜ ର ଅଧ୍ୟକ୍ଷ ଅଜୟ କୁମାର ପାଣିଙ୍କ ତ%ାବଧାନରେ ଅନୁଷ୍ଠିତ ହୋଇଥିଲା ।

### ମିତ୍ରପୁର...

ଭିତରକୁ ଗାଧୋଇବାକୁ ଯାଇଥିବା ବେଳେ ଅନ୍ୟ ଜଣେ ସାଙ୍ଗ ଆଡ଼ିରେ ଥିଲା, କାରଣ ସେ ପହଁରା ଜାଣି ନ ଥିଲା ।

ଅତାଳ ତାଳ ପାଣି ଭିତରେ ଦୁଇ ସାଙ୍ଗଙ୍କ ପାଦ ନ ପାଇବାରୁ ବୁଡ଼ି ଯାଉଥିବା ବେଳେ ଆଡିରେ ଥିବା ସାଙ୍ଗକୁ ହାତ ହଲେଇ ଉଦ୍ଧାର କର ବୋଲି କହୁଥିଲେ । ଆଡିରେ ଥିବା ସାଙ୍ଗ ଜଣକ ପହଁରି ପହଁରି ଆସୁଥିବା ଜଣେ ଯୁବକକୁ ମୋ ସାଙ୍ଗ ଦୁଇ ଜଣଙ୍କୁ ଉଦ୍ଧାର କର ବୋଲି ନେହୁରା ହୋଇଥିଲା, ମାତ୍ର ଗଭୀର ପାଣି ଥିବାରୁ ଯୁବକ ଜଣକ ମନା କରିବାରୁ ନିରୁପାୟ ହୋଇ ସ୍ଥାନୀୟ ଲୋକଙ୍କୁ ଖବର ଦେବା ପରେ ନୀଳଗିରୀ ଥାନାର ଆଇ ଆଇ ସି, ଏସଡିପିଓ, ସଦଳ ବଳେ ଘଟଣା ସ୍ଥଳରେ ପହଁଚି ତୁରନ୍ତ ଦମକଳ ବାହିନୀ, ଓଡ୍ରାଫ୍ ଟିମ୍‌କୁ ଖବର ଦେଇଥିଲେ । ପରେ ଦମକଳ ବାହିନୀ, ଓଡ୍ରାଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । କେଉଁଝର ଜିଲ୍ଲାର ଶୋଷ ଥାନା ଅନ୍ତର୍ଗତ ଆର୍ତ୍ତୁକଣ ଗ୍ରାମର ଅର୍ଜୁନ ନାୟକଙ୍କ ପୁଅ ରୋଶନ ନାୟକ (୧୮) ରେମୁଣା କଲେଜରେ ଯୁକ୍ତ୨ଦ୍ୱିତୀୟ ବର୍ଷର ଛାତ୍ର ଥିବା ବେଳେ ନିଖୋଜ ଦୁଇ ସାଙ୍ଗ ହେଲେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଅଞ୍ଚଳର ଭବିଷ୍ୟ ପାତ୍ର (୧୮) ଯିଏକି ବାଲେଶ୍ୱର ଫକୀର ମୋହନ କଲେଜରେ ଯୁକ୍ତ୨, ବାଣିଜ୍ୟରେ ଦ୍ୱିତୀୟ ବର୍ଷର ଛାତ୍ର ଥିବା ବେଳେ ଉକ୍ତ କଲେଜର ଯୁକ୍ତ ୨ ବାଣିଜ୍ୟର ଦ୍ୱିତୀୟ ବର୍ଷର ଛାତ୍ର ଅଂଶୁମାନ ପାତ୍ର (୧୮) ଭଦ୍ରକ ଅଞ୍ଚଳର ବୋଲି ଜଣାପଡ଼ିଛି । ନିଖୋଜ ଅଂଶୁମାନ ପାତ୍ର ବାଲେଶ୍ୱର ବିନାୟକ ହଷ୍ଟେଲରେ ରହୁଥିବା ବେଳେ ଭବିଷ୍ୟ ପାତ୍ର ବାଲେଶ୍ୱରରେ ଭଡ଼ା ଘରେ ରହୁଥିଲେ । ରୋଶନ ନାୟକ ବାଲେଶ୍ୱର ତାରିଣୀ ଛକ ନିକଟରେ ଭଡ଼ା ଘରେ ରହୁଥିଲେ । ଦୁଇ ସାଙ୍ଗଙ୍କୁ ହରାଇ ରୋଶନ ନାୟକ ଭୋ ଭୋ ହୋଇ କାନ୍ଦି କାନ୍ଦି ବେହୋସ ହୋଇ ପଡୁଛି । ସମସ୍ତଙ୍କ ପରିବାର ଲୋକେ ନିଳଗିରି ରେ ପହଁଚି ଥିବାର ଜଣାପଡିଛି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: ETELCONBBST-387E

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର-ବିମଳାଗଡ଼ ନୂଆ BG ଲାଇନ୍ ସମ୍ବନ୍ଧୀୟ ବିମଳାଗଡ଼ ଠାରେ 1x25 KV ଟ୍ରାକ୍ସନ ସବ୍‌ଷ୍ଟେସନ (TSS) ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ/ବୃଦ୍ଧିକରଣ, ପରୀକ୍ଷଣ ଏବଂ ପ୍ରଚଳନ ସହିତ 2x25 KV ସିଷ୍ଟମ୍ ନିମନ୍ତେ ମାଷ୍ଟ ଏବଂ ସୁପର ମାଷ୍ଟ, ଉଚ୍ଚତର ଆକାର ବିଶିଷ୍ଟ ଫାଉଣ୍ଡେସନର ବ୍ୟବସ୍ଥା ସହ SWSs ନିମନ୍ତେ ଫିଡରକୁ ମିଶାଇ ମହୁଲଡିହ ଠାରୁ ବିମଳାଗଡ଼ ମଧ୍ୟରେ ନୂଆ ଲାଇନ୍ ସମ୍ବନ୍ଧୀୟ 1x25 KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

ବିଜ୍ଞାପିତ ମୂଲ୍ୟ (₹) : 26,75,39,207.95, EMD (₹) : 53,50,800.00, ଶେଷ ହେବା ଅବଧି : 18 ମାସ ।

ବିକ୍ରି ଆରମ୍ଭ ହେବା ତାରିଖ: ତା.04.09.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.09.2026 ରିଖ 1200 ଘଣ୍ଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-178/CJ/26-27



**AFFIDAVIT**

I, **Khusi Poddar**, D/o: Kaushal Poddar Residing, At: Madhusudan Nagar, Tulasipur, Dist.: Kataka, PIN-753008, Odisha declare by this Affidavit No.: 82AA 857120, Dtd.: 17.08.2026. That from now onwards I shall be known as **Khushi Poddar** for all future purposes.



**AFFIDAVIT**

By virtue of an affidavit sworn before Executive Magistrate, Salipur, Cuttack dated. 29.05.2026 I Bhanupriya Mahunta, W/o. Subash Chandra Khatoi, resident of At-Alipur, P.O.-Mahasinghpur, P.S.-Salipur, Dist-Cuttack, Pin-754200, Odisha declare that I have changed the name of my son from **Ayusmamn Khatoi** (Date of Birth 09.12.2020) to **Ayushman Khatoi**. Henceforth he shall be known as **Ayushman Khatoi** for all purposes.

Sd/- Bhanupriya Mahunta



**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ**

ଇ-ଟେଣ୍ଡର ନୋଟିସ୍ ନଂ. ଏଚଆଟି/୧୧୨୬୫୮୭୧/୦୧, ତାରିଖ : ୧୪/୦୮/୨୦୨୬

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ମେଟେରିଆଲ୍ସ ମ୍ୟାନେଜର/ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ, ବିଲାସପୁର ଡିଭିଜନ ନିମ୍ନୋକ୍ତ ଆଇଟମଗୁଡ଼ିକ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ।

| କ୍ର. ନଂ. | ଟେଣ୍ଡର ନଂ. | ନିର୍ଦ୍ଧାରିତ ତାରିଖ | ନିର୍ଦ୍ଧାରିତ ସମୟ | ଟେଣ୍ଡର ମୂଲ୍ୟ (ଟ.)ରେ | ଇଏମଡି (ଟ.)ରେ |
| --- | --- | --- | --- | --- | --- |
| ୧ | ୧୧୨୬୫୮୭୧ | ୧୦/୦୯/୨୦୨୬ | ୧୦:୩୦ | ୦୦ | ୧୦୩୯୪୦.୦୦ |

ବିବରଣୀ : ୧. ବିବରଣୀ : ସଲଗ୍ନ ସ୍ପେସିଫିକେସନ ଅନୁଯାୟୀ ୮୬ଟି ସାମଗ୍ରୀ (୫୮ ଫାର୍ମାସୀ ଏବଂ ୨୪ ଅଣ ଫାର୍ମାସୀ ଆଇଟମ ଗୁଡ଼ିକ) କୁ ମିଶାଇ କଣ୍ଟ୍ରାକ୍ଟାକାଳୀନ ମେଡିକାଲ ବାକ୍ସ । ୱାରେଣ୍ଟି ଅବଧି : ଡେଲିଭରି ତାରିଖ) ପରେ ୩୦ ମାସ ।

ଟେଣ୍ଡରଦାତା : ବିବରଣୀ ପାଇଁ ସମ୍ପୂର୍ଣ୍ଣ ୱେବସାଇଟ୍ : www.ireps.gov.in ଦେଖିପାରିବେ ।

ସୂଚନା : ବିଭାଗୀୟ କ୍ଷେତ୍ରରେ ମୂଳ ଇଂରାଜୀ କପି କୁ ବିଶ୍ୱାସଯୋଗ୍ୟ ଭାବେ ବିବେଚନା କରାଯିବ ।

ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର ଏସ.ଇ.ସି. ରେଲୱେ, ବିଲାସପୁର

CPR/10/351

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ @secrail



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୭୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୭୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୬୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୩୧୩୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୭୫୬୬୭୭୨, କେନ୍ଦୁଝର-ରବିନାରାୟଣରାଜ- ୯୪୩୭୩୩୭୨୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୬, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୭୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୬୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

# ଷ୍ଟଲୱାର୍ଟ ର ନୂତନ ପ୍ରୋଜେକ୍ଟ ଆଟମୋସ୍ପିୟର ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ରବିବାର ଷ୍ଟଲୱାର୍ଟର ନୂତନ ପ୍ରୋଜେକ୍ଟ ଆଟମୋସ୍ପିୟର ଶୁଭାରମ୍ଭ ହେବ । ଏହି ପ୍ରକଳ୍ପରେ ରାଜ୍ୟବାସୀ ବିଶେଷ କରି



ରାଜଧାନୀବାସୀଙ୍କ ସ୍ୱପ୍ନ ପୂରଣରେ ସହାୟକ ହେବ ବୋଲି ଷ୍ଟଲୱାର୍ଟର ଚେୟାରମ୍ୟାନ ଶରତ କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ପ୍ରୋଜେକ୍ଟରେ ୩୧ ମହଲା ବିଶିଷ୍ଟ ୩ ବିଏଚ୍‌କେ ଓ ୪ ବିଏଚ୍‌କେ ବାସଗୃହ ସମସ୍ତ ଅତ୍ୟାଧୁନିକ ସୁବିଧା ସହ ଉପଲବ୍ଧ ହେବ । ଏହି ପ୍ରକଳ୍ପଟି ଦୁଇଶହ ଫୁଟିଆ ରାସ୍ତା ସହିତ ଏକାମ୍ରକାନନ ଠାରୁ ମାତ୍ର ୩ ମିନିଟ ସମୟ ଲାଗିବ । ସ୍ଥିତିବାନ ସମ୍ପତ୍ତି ଉପରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଫ୍ରି ବୁକିଂ ଆରମ୍ଭ ହୋଇଯାଇଛି । ଅତ୍ୟନ୍ତ ଜଳବାୟୁ ଅନୁକୂଳ ସହିତ ଗୃହଗୁଡିକର ସମ୍ମୁଖ ଭାଗରେ ପ୍ରାକୃତିକ ଜଙ୍ଗଲଦୃଶ୍ୟ ଓ ମୁକ୍ତବାୟୁ (ଅମ୍ଳଜାନ) ପ୍ରଦାନ କରିବ । ଏହି ଗୃହ ଗୁଡିକ ସ୍ୱତନ୍ତ୍ର ଅତ୍ୟାଧୁନିକ ଜ୍ଞାନ କୌଶଳଯୁକ୍ତ ଢାଞ୍ଚାରେ ନିର୍ମାଣ ହେବ । ଏହା ସହିତ ପ୍ରାୟ ୧ ଲକ୍ଷ ବର୍ଗଫୁଟର ଆମେନିଟିଜ୍ ଏବଂ ୪୧ ହଜାର ବର୍ଗଫୁଟରୁ ଅଧିକ ବିଶାଳ କ୍ଲବ୍ ହାଉସ ରହିଛି । ଯାହା ଆସନ୍ତା ୨୦୨୮ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । ବିଏମସି ଓ ବିଡିଏ ମାର୍ଗ ଦର୍ଶିକା ଅନୁସରଣରେ ଏହା ଡିଜାଇନ କରାଯାଇଛି । ଯାହା ଗ୍ରାହକମାନଙ୍କୁ ବେଶ୍ ସୁହାଇବ ବୋଲି ଶ୍ରୀ ସାହୁ କହିଛନ୍ତି । ଷ୍ଟଲୱାର୍ଟ ଇତି ମଧ୍ୟରେ ରାଜ୍ୟର ବିଭିନ୍ନ ସହରରେ ଆବାସିକ ଓ ବ୍ୟବସାୟିକ ପ୍ରକଳ୍ପ ନିର୍ମାଣ କରି ଗ୍ରାହକମାନଙ୍କୁ ଯୋଗାଇ ଦେଇ ବିଶ୍ୱାସ ଭାଜନ ହୋଇପାରିଛି । ଗ୍ରାହକମାନେ ଏହାର ମୋଟ୍ ମୂଲ୍ୟର ପ୍ରଥମ କିସ୍ତି ଦେଇ ବୁକିଂ କରିବା ପରେ ଅବଶିଷ୍ଟ କିସ୍ତିକୁ ଚାହିଁଲେ ବ୍ୟାଙ୍କ ଋଣ ମାଧ୍ୟରେ ପ୍ରଦାନ ପାଇଁ କମ୍ପାନୀ ସହାୟତା କରିବ ବୋଲି ଶ୍ରୀ ସାହୁ ଘୋଷଣା କରିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଇଓ ସୁବ୍ରତ କୁମାର ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୪୨ ଅସହାୟ ପରିବାରକୁ ମାସିକ ରାସନ୍ ଯୋଗାଉଛି ପ୍ରଦେଶ ସେବା ସଂଗଠନ

ତିହିଡି,(ସବ୍ୟୁ):ତିହିଡି ଓ ଚାନ୍ଦବାଲି ବ୍ଲକରେ ଏବେବି ଅନେକ ଅସହାୟ ପରିବାର ଅଛନ୍ତି ଯେଉଁମାନେ ସରକାର ଓ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି । ସରକାରୀ ଯୋଜନାର ସୁଫଳ ସେମାନଙ୍କ ନିକଟରେ ପହଂଚି ପାରୁ ନଥିବାବେଳେ ସ୍ଥାନୀୟ ପ୍ରଶାସନ କି ଜନପ୍ରତିନିଧି ଏଥିପ୍ରତି ସାମାନ୍ୟ ଆଗ୍ରହ କିମ୍ବା ଆନ୍ତରିକତା ଦେଖାଉ ନାହାଁନ୍ତି । ଏଭଳି ସ୍ଥିତିରେ ପୀରହାଟର ପ୍ରଦେଶ ସେବା ସଂଗଠନ ପକ୍ଷରୁ ନିଜସ୍ୱ ପ୍ରଚେଷ୍ଟାରେ ଏଯାବତ୍ ୪୨ପରିବାରକୁ ମାସିକ ରାସନ୍ ଯୋଗାଇ ଦିଆଯାଉଛି । ଏଥିଲାଗି ସଂଗଠନ ପ୍ରତିମାସ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ଜଣାଯାଇଛି । ତିହିଡି ଓ ଚାନ୍ଦବାଲି ବ୍ଲକର ଅସହାୟ ପରିବାର ଗୁଡିକୁ ଠାବ କରି ସେମାନଙ୍କ ନିକଟରେ ରାସନ୍ ପହଂଚାଇ ଦେବାର ବ୍ୟବସ୍ଥା କରାଯାଉଛି । ସେହିପରି ସରକାରୀ ଭାବେ ଭତ୍ତା ପାଉ ନଥିବା ଲୋକଙ୍କୁ ଭତ୍ତା ମିଳିବା ଯାଏଁ ସଂଗଠନ ଭତ୍ତା ଯୋଗାଇ ଦେବାର ଯୋଜନା ଆରମ୍ଭ କରିଛି । ଅସହାୟ ଲୋକଙ୍କ ଆଶା ବାଡ଼ି ସାଜିଥିବା ପ୍ରଦେଶ ସେବା ସଂଗଠନର ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

# ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ସହଜ, ସୁଗମ, ଅସୁବିଧାମୁକ୍ତ ଏବଂ ଉପଯୁକ୍ତ ଖୁଚୁରା ଋଣ ସମାଧାନ ସହିତ ପ୍ରତ୍ୟେକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏହାର ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ତା ୨୧-୦୮-୨୦୨୬ରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ୍ ଅଫ୍ ଓଡିଶାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ ଭି ମୂରଲୀ କ୍ରୀଷ୍ଣା, ଉତ୍କଳ ବିଲ୍ଡର୍ସର ନିର୍ଦ୍ଦେଶକ ଅମିତ ବୈଦ, ଜ୍ୟୋତି ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଦେବ ଜ୍ୟୋତି ପଟ୍ଟନାଏକ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂ ଏବଂ ମୁଖ୍ୟ ପ୍ରବନ୍ଧକ ପ୍ରିୟମ୍ବଦା ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ



ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ସମ୍ଭାବ୍ୟ ଗ୍ରାହକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମୂରଲୀ କ୍ରୀଷ୍ଣା ଦ୍ୱାରା ପ୍ରଦାନ କରାଯାଇଥିବା ଖୁଚୁରା ଋଣ ଉତ୍ପାଦ ସେଣ୍ଟ ସ୍ୱର୍ଣ୍ଣ ଋଣ , ସେଣ୍ଟ ଗୃହ ଋଣ, ସେଣ୍ଟ ଗୃହ ଲକ୍ଷ୍ମୀ ହୋମ୍ ଲୋନ୍ (କେବଳ ମହିଳାମାନଙ୍କ ପାଇଁ) ଉପରେ ପ୍ରତିଯୋଗିତାମୂଳକ ସୁଧହାର ଏବଂ ଜିରୋ ପ୍ରୋସେସିଂ ଚାର୍ଜ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଶାଖାର ହିତାଧିକାରୀମାନଙ୍କୁ ୫୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବୀ, ଉଦ୍ୟମ ପଞ୍ଜୀକରଣ, ସିକେୱାଇସି ଓ ରିକେୱାଇସିର ଲାଭ ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା।

# ନିସ୍ ଇନ୍‌ଷ୍ଟିଚ୍ୟୁଟର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ମଦନପୁର ସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ଏମ୍‌ବିଏ, ଏମ୍‌ସିଏ ଓ ଅନ୍ୟାନ୍ୟ ସ୍ନାତକ ଓ ସ୍ନାତକୋତର ବିଭାଗର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ୱାଗତ ଉତ୍ସବରେ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ ମ୍ୟାନେଜିଂ ଡାଇରେକଫର ଡ଼. ମନୋରଞ୍ଜନ ପୁଥାଲ, ନ୍ୟାସନାଲ ଇନ୍‌ଫରମେଟିକସ୍




ସେଣ୍ଟରର ଟେକ୍ନିକାଲ ଡ଼ାଇରେକ୍ଟର ଡ଼. ସମ୍ବିତ ପଣ୍ଡା, ହିଟିସି କନ୍‌ସଲ୍‌ଟିଂ ପ୍ରତିଷ୍ଠାତା ଡ଼. ଶୁଭେନ୍ଦୁ ଦାଶ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପୂର୍ବତନ ଅତିରିକ୍ତ ଶାସନ ସଚିବ ସଂଗ୍ରାମଜିତ ନାୟକ ଓ ଇନ୍‌ଫୋସିସ୍‌ର ଶିକ୍ଷା ଓ ଉନ୍ନୟନ ବିଭାଗର ମୁଖ୍ୟ ବିନିତ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ଼. ସୁଭାଷ ଚନ୍ଦ୍ର ନାୟକ ଦୀର୍ଘ ୨୬ ବର୍ଷର ଅନୁଭୁତି ଓ ଏହାର ସଫଳ ରୂପାୟନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥିରେ ଶିକ୍ଷାନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର୍ ସ୍ମୃତିସୁଧା ନାୟକ, ଉପନିର୍ଦ୍ଦେଶକ ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧକ୍ଷ ଡ଼. ରାଜେଶ ସାଇଁ ଓ ଡ. ଅଜିତ ନାରାୟଣ ମହାନ୍ତି, ଜଏଣ୍ଟ ରେଜିଷ୍ଟ୍ରାର ଡ଼. ଭବାନୀ ଶଙ୍କର ରଥ ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ ।

## ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ

# ପ୍ରକଳ୍ପ 'ବେଦକଳା' ମାଧ୍ୟମରେ ମହିଳା କାରିଗରଙ୍କୁ ସଶକ୍ତ କରିଛି

ଭୁବନେଶ୍ୱର (ସବ୍ୟୁ): ଆଜିକାଲିର ପାରମ୍ପରିକ କଳାଗୁଡ଼ିକ ଆଧୁନିକ ବଜାରରେ ନୂଆ ରୂପ ପାଉଥିବା ବେଳେ କାରିଗରମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ସାଂସ୍କୃତିକ ଐତିହ୍ୟ ସଂରକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଛି। ଏହି ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାର ଗ୍ରାମୀଣ ମହିଳା କାରିଗରଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସମୁଦାୟ ଜୀବିକାଭିତ୍ତିକ ପ୍ରକଳ୍ପ 'ବେଦକଳା' ଅଧୀନରେ ତିନିଦିନିଆ ମିଡିୟମ୍-ଡେନ୍ସିଟି ଫାଇବରବୋର୍ଡ (ଏମଡିଏଫ) କ୍ରାଫ୍ଟ ଓ ସ୍କିଲ୍ ଡେଭଲପମେଣ୍ଟ କର୍ମଶାଳା ଆୟୋଜନ କରାଯାଇଥିଲା।

ବେଦକଳା ଏକ୍ସପିରିଏନ୍ସ ସେଣ୍ଟରରେ ଫର୍ଷ୍ଟ ସୂତ୍ର ଫାଉଣ୍ଡେସନ୍, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ବିଭାଗର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ୬୦ରୁ ଅଧିକ ମହିଳା କାରିଗରଙ୍କୁ ପାରମ୍ପରିକ ସଉରା କଳାରୁ ପ୍ରେରଣା ନେଇ ଆଧୁନିକ ଲାଇଫଷ୍ଟାଇଲ୍ ଓ ସ୍ମାରକୀ ସାମଗ୍ରୀ ତିଆରି କରିବାର ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଏମଡ଼ିଏଫ ଅଳଙ୍କାର, ସାଜସଜ୍ଜାମୂଳକ ଫ୍ରିଜ୍ ମ୍ୟାଗ୍ନେଟ୍ ଓ କି-ରିଙ୍ଗ୍ ଭଳି ସାମଗ୍ରୀ ତିଆରି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଜୀବିକାର ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ କାରିଗରମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଓଡ଼ିଶାର କଳା ଓ ହସ୍ତଶିଳ୍ପ ପରମ୍ପରାକୁ ସଂରକ୍ଷଣ କରିବା ସହ ଏହାକୁ ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗରେ ପରିଣତ କରିବା ଦିଗରେ ପ୍ରକଳ୍ପ 'ବେଦକଳା'ର ବ୍ୟାପକ ପ୍ରୟାସର ଏକ ଅଂଶ ଭାବେ ଏହି କର୍ମଶାଳାକୁ ପରିକଳ୍ପନା



କରାଯାଇଥିଲା। ରାଜ୍ୟ ପୁରସ୍କାରପ୍ରାପ୍ତ ତଥା ଆଦିବାସୀ କଳାର ଅଭିଜ୍ଞ କଳାକାର ଶ୍ରୀ ଗୁରାଖ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସଉରା କଳାର ଆଧୁନିକ ପ୍ରୟୋଗ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ତାଲିମ ଦିଆଯାଇଥିଲା। ଏହା ଅଧୀନରେ କାନଫୁଲ, ପେଣ୍ଡାଣ୍ଟ, ବ୍ରେସଲେଟ୍, ଫ୍ରିଜ୍ ମ୍ୟାଗ୍ନେଟ୍ ଓ କି-ରିଙ୍ଗ୍ ଭଳି ସାମଗ୍ରୀ ତିଆରି କରାଯାଇଥିଲା। ଡିଜାଇନ୍, ଉତ୍ପାଦ ବିକାଶ ଏବଂ ବଜାର ଉପଯୋଗୀ ହସ୍ତଶିଳ୍ପ ପ୍ରସ୍ତୁତି ଉପରେ ବ୍ୟବହାରିକ ପ୍ରଶିକ୍ଷଣ ମାଧ୍ୟମରେ କାରିଗରମାନେ ନିଜ ଉତ୍ପାଦ ପରିସର ବଢ଼ାଇବା ସହ ନୂଆ ଜୀବିକାର ସୁଯୋଗ ହାସଲ କରିବା ପାଇଁ ଆବଶ୍ୟକ ଦକ୍ଷତା ହାସଲ କରିଥିଲେ।

ବର୍ତ୍ତମାନ ପ୍ରକଳ୍ପ 'ବେଦକଳା' ଝାରସୁଗୁଡ଼ାର ୧୦୦ରୁ ଅଧିକ କାରିଗରଙ୍କୁ ବାଉଁଶ, ସଉରା ଓ ସବାଇ ଘାସ ହସ୍ତଶିଳ୍ପ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରି ସହଯୋଗ କରୁଛି। ଏଥିସହିତ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ପାଇଁ ବଜାର ସହ ଯୋଡ଼ିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ଶ୍ରୀ ସି. ଚନ୍ଦ୍ରୁ କହିଛନ୍ତି, "ଓଡ଼ିଶାର ସମୃଦ୍ଧ କଳା ପରମ୍ପରା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ହେବା ସହ ସମୁଦାୟଭିତ୍ତିକ ଆର୍ଥିକ ପ୍ରଗତି ପାଇଁ ଏକ ବଡ଼ ସୁଯୋଗ ରହିଛି।

# ପଲିସିବଜାର୍‌ର ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ

ଭୁବନେଶ୍ୱର, (ସବ୍ୟୁ): ବିଳମ୍ବଜନିତ ଅସୁବିଧା, ବାରମ୍ବାର ଅନୁସରଣ, ସୂଚନାର ଅଭାବ ଏବଂ ମୋଟର ଯାନ ବୀମା ଦାବି (କ୍ଲେମ୍‌ସ୍) ସମୟରେ ଗ୍ୟାରେଜଗୁଡିକୁ ବାରମ୍ବାର ଗସ୍ତ କରିବା ଅସୁବିଧା ଦୂର କରିବାକୁ ପଲିସୀବଜାର ଆସୋର୍ଡ ଡେଲିଭରୀ ପ୍ରୋଗ୍ରାମ (ନିଶ୍ଚିତ ଯୋଗାଣ କାର୍ଯ୍ୟକ୍ରମ) ପ୍ରଚଳନ କରିଛି। ଏହି ସେବା ଅଧୀନରେ ପଲିସୀଧାରକମାନେ ଦାବି ପ୍ରକ୍ରିୟାକରଣ ସମୟରେ ଏକ ଉତ୍ସର୍ଗୀକୃତ ଯୋଗାଯୋଗକାରୀ ବ୍ୟକ୍ତିଙ୍କ ନିକଟରୁ ସହାୟତା, ଯାନବାହନ ମରାମତିର ସମୟବଦ୍ଧ ସମ୍ପୂର୍ଣ୍ଣ ହେବା ଗ୍ୟାରେଣ୍ଟି, ନଗଦ ଅର୍ଥ ବିହୀନ ଦାବି ସମାଧାନ, ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ଏବଂ ମରାମତିର ଅଗ୍ରଗତି ସମ୍ପର୍କରେ ନିୟମିତ ତାଜା ତଥ୍ୟ ଗୋଟିଏ ସ୍ଥାନରେ ପାଉଛନ୍ତି। ଏଥିସହିତ ୫୦,୦୦୦ ଟଙ୍କାରୁ କମ୍ ମାମୁଲି ମରାମତିଗୁଡିକ ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଉଛି ଏବଂ ମରାମତି କରାଯାଇଥିବା ସମସ୍ତ ବୈଦ୍ୟୁତିକ (ଇଲେକ୍ଟ୍ରିକାଲ) ଏବଂ ଯାନ୍ତ୍ରିକ (ମେକାନିକାଲ) ଯନ୍ତ୍ରାଂଶ ଉପରେ ୱାରାଣ୍ଟି ଯୋଗାଇ ଦିଆଯାଉଛି; ଯାହା ସମୁଦାୟ ଦାବି ପ୍ରକ୍ରିୟାକୁ ଦ୍ରୁତତର, ଅଧିକ ସହଜ ଓ ଚାପ-ମୁକ୍ତ କରୁଛି। ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପ୍ରାୟ ୨୦,୦୦୦ ଗ୍ରାହକଙ୍କୁ ଏକ ଉଚ୍ଚତର ଏବଂ ଭରସାଯୋଗ୍ୟ ଦାବି ସମାଧାନ ଅନୁଭୂତି ଯୋଗାଇ ଦେଇସାରିଛି। ଏହାର ସଫଳତା ଆଧାରରେ ପଲିସୀବଜାର ଏହି ସେବାର ପହଞ୍ଚ ୨୦୨୬ ଜାନୁଆରୀ ଶେଷ ସୁଦ୍ଧା ୨୦୦ ସହରକୁ ସମ୍ପ୍ରସାରିତ କରିଛି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଦେଶରେ ପଲିସୀଧାରକମାନେ ଏବେ ସେମାନଙ୍କର ମୋଟର ବୀମା ଦାବିଗୁଡିକ ବିନା ବାଧା ଅଥବା ଅନିଶ୍ଚିତତାରେ ସମାଧାନ କରିବାକୁ ସକ୍ଷମ ହେବେ। ମୋଟର ବୀମା ଦାବିଗୁଡିକର ସମାଧାନ ଅଧିକ ସରଳ, ଅଧିକ ସ୍ୱଚ୍ଛ ଏବଂ ଗ୍ରାହକ-କୈନ୍ଦ୍ରିକ କରି ଗଢିତୋଳିବାକୁ କମ୍ପାନୀ ଏହି ପ୍ରୟାସକୁ ୨୦୨୪ରେ ଆରମ୍ଭ କରିଥିଲା।

# ଗ୍ରାମୀଣ ଜୀବନ ଓ କୃଷି ସମସ୍ୟାର ସମାଧାନ ନେଇ ସୋଆ ଛାତ୍ରଛାତ୍ରୀଙ୍କ ଅଭିନବ ପ୍ରୟାସ

ଭୁବନେଶ୍ୱର, (ସବ୍ୟୁ): କୃଷି ଶିକ୍ଷାକୁ ଗ୍ରାମୀଣ ଜୀବନ ଓ କୃଷକଙ୍କ ବାସ୍ତବ ସମସ୍ୟା ସହ ଯୋଡ଼ିବା ସହିତ ଛାତ୍ରଛାତ୍ରୀଙ୍କୁ ଗ୍ରାମୀଣ ତୃଣମୂଳସ୍ତରୀୟ ଅନୁଭୂତି ପ୍ରଦାନ କରିବା ଉଦ୍ଦେଶ୍ୟରେ



ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ରାଷ୍ଟ୍ରୀୟ କୃଷି ଶିକ୍ଷା ନୀତିର ଅଂଶ ଭାବେ ଚାଲିଥିବା ଗ୍ରାମୀଣ କୃଷି କାର୍ଯ୍ୟାନୁଭୂତି (ରାୱେ) ଅଧୀନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମ -୨୦୨୬ ସଫଳତାର ସହ ସଂପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନର ଛାତ୍ରଛାତ୍ରୀମାନେ ଜୁନ୍ ୨୯ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୩ଟି ବ୍ଲକ୍ ଅଧୀନସ୍ଥ ୧୧ଟି ଗ୍ରାମରେ ସକ୍ରିୟ ଭାବେ ଯୋଗ ଦେଇ ଗ୍ରାମୀଣ କୃଷି, ଜୀବିକା, ସାମାଜିକ ଓ ଆର୍ଥିକ ପରିସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିଥିଲେ। ଅଧ୍ୟାପକ କମିଟିଙ୍କ ମାର୍ଗଦର୍ଶନ ଓ ନିରନ୍ତର ତଦାରଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଗ୍ରାମବାସୀ, କୃଷକ ଓ ବିଭିନ୍ନ ହିତଧାରୀଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରି ଗ୍ରାମର ପ୍ରକୃତ ସମସ୍ୟା, ସମ୍ଭାବନା ଓ ଆବଶ୍ୟକତା ଚିହ୍ନଟ କରିଥିଲେ।

କାର୍ଯ୍ୟକ୍ରମର ଏକ ପ୍ରମୁଖ ଅଂଶ ଭାବେ ଛାତ୍ରଛାତ୍ରୀମାନେ କୃଷି-ପରିବେଶ ତନ୍ତ୍ର ବିଶ୍ଳେଷଣ ମାଧ୍ୟମରେ ସଂପୃକ୍ତ ଗ୍ରାମର କୃଷି ଓ ଜୀବିକା ପରିସ୍ଥିତିର ବିଶ୍ଳେଷଣ କରିଥିଲେ। ଜମି ବ୍ୟବହାର, ଫସଲ ପ୍ରଣାଳୀ, କୃଷି ପ୍ରଯୁକ୍ତିର ବ୍ୟବହାର, ଜଳସେଚନ, ମୃତ୍ତିକା ସ୍ୱାସ୍ଥ୍ୟ, ଉଦ୍ଭିଦ ସୁରକ୍ଷା, ପଶୁପାଳନ, ଉଦ୍ୟାନ କୃଷି, ବଜାର ବ୍ୟବସ୍ଥା, ଆୟ ଓ ଜୀବିକାର ବିଭିନ୍ନ ଦିଗକୁ ଏହି ଅନୁଧ୍ୟାନରେ ସାମିଲ କରାଯାଇଥିଲା। ଏହାକୁ ଆଧାର କରି ଛାତ୍ରଛାତ୍ରୀମାନେ କୃଷି ବିଷୟ ଅନୁଯାୟୀ ହସ୍ତକ୍ଷେପ ଚିହ୍ନଟ କରି ପ୍ରତ୍ୟେକ ଗ୍ରାମ ପାଇଁ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। ଗ୍ରାମର ଆବଶ୍ୟକତା, କୃଷକଙ୍କ ସମସ୍ୟା ଓ ସ୍ଥାନୀୟ ସଂପଦକୁ ଆଧାର କରି ପ୍ରସ୍ତୁତ ଏହି କାର୍ଯ୍ୟ ଯୋଜନା ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ-ଗ୍ରାମ ସଂଯୋଗକୁ ଅଧିକ ସୁଦୃଢ଼ କରିବାରେ ଏକ ଉପଯୋଗୀ ଦଲିଲ ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ କୃଷକଙ୍କ ଚାହିଦା ଏବଂ ସ୍ଥାନୀୟ ସମସ୍ୟାକୁ ଆଧାର କରି ୩୨ଟି ପ୍ରଦର୍ଶନୀଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଆସୋଟେକ୍ ପ୍ରକଳ୍ପକୁ ଆଇଓବି ପକ୍ଷରୁ ୭୫ କୋଟି ଟଙ୍କା ଅର୍ଥ ମଞ୍ଜୁର

# ଭୁବନେଶ୍ୱରରେ ୩ଶହ ଏକରର ଟାଉନସିପରୁ ୧୦ ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା

ଭୁବନେଶ୍ୱର, (ସବ୍ୟୁ): ଆସୋଟେକ୍ ଗ୍ରୁପର ସମନ୍ୱିତ ଟାଉନସିପ୍ ପ୍ରକଳ୍ପ 'ଆସୋଟେକ୍ ୱାର୍ଲ୍ଡ' ଭୁବନେଶ୍ୱରର ରିଅଲ୍ ଇଷ୍ଟେଟ୍ ଏବଂ ନିଯୁକ୍ତି କ୍ଷେତ୍ରକୁ ଏକ ସ୍ୱତନ୍ତ୍ର ଦିଗ ଓ ନୂତନ ଗତି ଦେବାକୁ ଯାଉଛି। ଏହି ପ୍ରକଳ୍ପର ବିକାଶ ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ଟ.୭୫ କୋଟିର ଅର୍ଥ ମଞ୍ଜୁର କରାଯାଇଛି। ପ୍ରାୟ ୩୦୦ ଏକର ଜମିରେ ବିକଶିତ ହେବାକୁ ଥିବା 'ଆସୋଟେକ୍ ୱାର୍ଲ୍ଡ' ଏକ ସମନ୍ୱିତ ଟାଉନସିପ୍ ଭାବେ ପରିକଳ୍ପନା କରାଯାଇଛି। ପ୍ରକଳ୍ପର ନିର୍ମାଣ ଓ ପରିଚାଳନା ପର୍ଯ୍ୟାୟରେ ୧୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି।

ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପରେ ବିନିଯୋଗ ଅର୍ଥସାଧାରଣତଃ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ



ସହ ଜଡିତ ଥାଏ। ଫଳରେ ପ୍ରକଳ୍ପର ବାସ୍ତବ ଅଗ୍ରଗତି ଅନୁଯାୟୀ ପର୍ଯ୍ୟାୟକ୍ରମେ ଅର୍ଥର ବ୍ୟବହାର କରାଯାଇପଥାଏ। ଅତେବ ଏକ ବୃହତ୍ ପ୍ରକଳ୍ପ ପାଇଁ ଏଭଳି ପ୍ରତିଷ୍ଠାନଗତ ଅର୍ଥାୟନ ନିରନ୍ତର ନିର୍ମାଣ କାର୍ଯ୍ୟ ଓ ବିଭିନ୍ନ ପର୍ଯ୍ୟାୟରେ ନିଯୁକ୍ତି ସୃଷ୍ଟିକୁ ସମର୍ଥନ କରିପାରିବ। ଏହି ଟାଉନସିପ୍ ନିର୍ମାଣ କାର୍ଯ୍ୟରେ ରାଜମିସ୍ତ୍ରୀ, ଷ୍ଟିଲ୍ ଫିକ୍ସ,ର୍ ଇଲେକ୍ଟ୍ରିସିଆନ୍, ପ୍ଲମ୍ବର, ସାଧାରଣ ଶ୍ରମିକ, ସାଇଟ୍ ସୁପରଭାଇଜର ଏବଂ ପ୍ରକଳ୍ପ ପରିଚାଳନା ଟିମ୍ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ସହିତ ନିର୍ମାଣ ସାମଗ୍ରୀ ଯୋଗାଣକାରୀ, ପରିବହନ ଓ ଲଜିଷ୍ଟିକ୍ସ ଅପରେଟର, ଉପକରଣ ଭଡ଼ା ସେବା ଏବଂ ସ୍ଥାନୀୟ ଠିକାଦାରଙ୍କ ଭଳି ସହଯୋଗୀ କ୍ଷେତ୍ରଗୁଡ଼ିକରେ ମଧ୍ୟ ନିଯୁକ୍ତିର ପ୍ରଭାବ ପଡ଼ିବ।

## ଚିନିର ଅହେତୁକ ଦରବୃଦ୍ଧି ପାଇଁ ସରକାର ଦାୟୀ: ବିଜେଡି

# ଓଡ଼ିଶାରେ ଚିନିର ଦର ଦେଶରେ ସର୍ବାଧିକ

ଭୁବନେଶ୍ୱର, (ସବ୍ୟୁ): ଅତ୍ୟାବଶକୀୟ ଜିନିଷ, ବିଶେଷକରି ଚିନିର ଦରରେ ଅହେତୁକ ବୃଦ୍ଧି ପାଇବା ପରେ ଓ ଦେଶରେ ସମସ୍ତ ରାଜ୍ୟ ମାନଙ୍କ ତୁଳନାରେ ଓଡ଼ିଶାରେ ଚିନିର ଦର ସର୍ବାଧିକ ହୋଇଥିବାରୁ, ବିଜୁ ଜନତା ଦଳ ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛି । ପାର୍ବଣ ଋତୁ ଆଗମନର ଠିକ୍ ପୂର୍ବରୁ ଚିନିର ଅହେତୁକ ଦରବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଚିନି ଭଳି ଏକ ନିତ୍ୟ ଆବଶ୍ୟକୀୟ ଜିନିଷର ଅହେତୁକ ଦରବୃଦ୍ଧି ସମସ୍ତଙ୍କୁ ବ୍ୟଥିତ କରିଛି । ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ, ଦେଶର ସମସ୍ତ ରାଜ୍ୟ ମାନଙ୍କ ଭିତରେ ଚିନିର ଦର ଓଡ଼ିଶାରେ ସର୍ବାଧିକ ରହିଛି । ଚିନିର ଦର ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ବା ରାଜ୍ୟ ସରକାର କିଛି ପଦକ୍ଷେପ ନେଇନାହାନ୍ତି । ଚିନି ସମେତ ଅତ୍ୟାବଶକୀୟ ଜିନିଷର ଅହେତୁକ ଦର ବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଦାୟୀ ।

ଡ଼ ମହାନ୍ତି କହିଥିଲେ ଯେ, ଦେଶରେ ପେଟ୍ରୋଲ ସହିତ ଇଥାନଲ ମିଶାଇବା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଚିନିର ଅହେତୁକ ଦରବୃଦ୍ଧି ପାଇଁ ଦାୟୀ ବୋଲି ଅଭିଯୋଗ ହେଉଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି । କିନ୍ତୁ ମିଳିଥିବା ତଥ୍ୟ ଅନୁଯାୟୀ, ଦେଶରେ ଇଥାନଲ ପେଟ୍ରୋଲରେ ମିଶାଇବା ନୀତି ହେବା ପୂର୍ବରୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ରପ୍ତାନିକାରୀ ଦେଶର ମାନ୍ୟତା ପାଇଥିଲା । ଉଲ୍ଲେଖଯୋଗ୍ୟ, ଭାରତରେ ଉତ୍ପାଦିତ ହେଉଥିବା ୨୮% ଆଖୁ ଇଥାନଲ ଉତ୍ପାଦନ ପାଇଁ ବ୍ୟବହାର ହେଉଛି, ଯାହା ଯୋଗୁଁ ଭାରତରେ ଚିନି ଉତ୍ପାଦନ ହ୍ରାସ ପାଇଛି । କିନ୍ତୁ ଦେଶରେ ଇଥାନଲ ଉତ୍ପାଦନରେ ଅହେତୁକ ବୃଦ୍ଧି ପାଇବା ପରେ, ଚଳିତ ବର୍ଷ ଭାରତ ଚିନି ବିଦେଶକୁ ରପ୍ତାନୀ କରିବା ପରିବର୍ତ୍ତେ ବିଦେଶରୁ ଆମଦାନୀ କରିବ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଚିନିର ଅଭାବ ମନୁଷ୍ୟକୃତ ଓ ଏଥିପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ ।

# ରିଲିଫ ବଣ୍ଟନରେ ସାଂସଦଙ୍କ ସହ ଯୋଗଦେଲେ ଟେଟ୍ରାହେଡ୍ରନ ଅଧକ୍ଷ

କଟକ,(ସବ୍ୟୁ): ଲଗାଣ ବର୍ଷାରେ କେନ୍ଦ୍ରାପଡ଼ା ଜିଲ୍ଲା ଅଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଆହ୍ୱାନ କ୍ରମେ କଟକ ଜିଲ୍ଲା ଟାଙ୍ଗୀରେ ଅବସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧକ୍ଷ ତଥା ଯୁବ ସମାଜସେବୀ ତ୍ରିଦେବ ବେହେରା ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ପହଞ୍ଚି ସାଂସଦଙ୍କ ସହଯୋଗରେ ରାଜକନିକା ବ୍ଲକର ବିଭିନ୍ନ ଗ୍ରାମକୁ ଡଙ୍ଗା ସାହାଯ୍ୟରେ ଯାଇ ରିଲିଫ ବଣ୍ଟନ କରିଥିଲେ। ବିଶେଷ କରି ସାଂସଦ ଶ୍ରୀଯୁକ୍ତ ପଣ୍ଡାଙ୍କ ସହଯୋଗରେ ନିଜ ଗାଁ ବରୁଣିଡିଅ ଏବଂ ଏହାର ଆଖପାଖ



ପଡ଼ାରେ ତ୍ରିଦେବ ସାର୍ ପହଞ୍ଚି ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏଥିରେ ଟାଙ୍ଗୀ ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ, ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ,ମାଧବ ମହାନ୍ତି ଓ ଚନ୍ଦ୍ରକାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଟେଟ୍ରାହେଡ୍ରନ ଅଧକ୍ଷ ଶ୍ରୀ ବେହେରା ସାଂସଦ ଶ୍ରୀ ପଣ୍ଡାଙ୍କ ଆଦର୍ଶ ଓ ନୀତିରେ ଅନୁପ୍ରାଣିତ ହୋଇ ଏଭଳି ସମାଜ ସେବା କାର୍ଯ୍ୟରେ ପହଞ୍ଚି ସହଯୋଗ କରିଥିଲେ।

# ୩ ବର୍ଷ ପୂରଣ କରିଛି ବଜାଜ ଫିନ୍‌ସର୍ଭ ଫ୍ଲେକ୍ସି କ୍ୟାପ୍ ଫଣ୍ଡ

ଭୁବନେଶ୍ୱର, (ସବ୍ୟୁ): ବଜାଜ ଫିନ୍‌ଭର୍ସ ମ୍ୟୁଚୁଆଲ ଫଣ୍ଡ ଆଜି ଏହାର ଫ୍ଲାଗସିପ ଫଣ୍ଡ ବଜାଜ ଫିନ୍‌ସର୍ଭ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ୩ୟ ବାର୍ଷିକୀ ପାଳନ କରିଛି। ଏହା ହେଉଛି ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ ଯାହା ଏକ ସ୍ୱତନ୍ତ୍ର ମେଗାଟ୍ରେଣ୍ଡ୍ସ ରଣନୀତିର ବ୍ୟବହାର କରି ଲାର୍ଜକ୍ୟାପ, ମିଡ୍‌କ୍ୟାପ ଓ ସ୍ମଲକ୍ୟାପ ଷ୍ଟକ୍‌ଗୁଡିକରେ ନିବେଶ କରିଥାଏ। ୧୪ ଅଗଷ୍ଟ ୨୦୨୩ରେ ଲଞ୍ଚ ପରଠାରୁ ଏହି ଫଣ୍ଡର ଡାଇରେକ୍ଟ ପ୍ଲାନ-ଗ୍ରୋଥ ବିକଳ୍ପ ଏହାର ବେଂଚମାର୍କ (୧୨.୭୪%) ବିଏସଇ ୫୦୦ ଟିଆରଆଇ ତୁଳନାରେ ୧୮.୨୧%ର ସିଏଜିଆର ପ୍ରଦାନ କରିଛି। ସେହିପରି ଏହି ଫଣ୍ଡର ରେଗୁଲାର ପ୍ଲାନ-ଗ୍ରୋଥ୍ ବିକଳ୍ପ ସମାନ ଅବଧିରେ ୧୬.୫୯%ର ଏକ ସିଏଜିଆର ପ୍ରଦାନ କରିଛି। ୧୪ ଅଗଷ୍ଟ ୨୦୨୩ରୁ ୧୩ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ବଜାର ଚକ୍ରରେ ଏହି ଡାଇରେକ୍ଟ ପ୍ଲାନ-ଗ୍ରୋଥ୍ ୬୫.୨%ର ଏକ ନିଶ୍ଚିତ ରିଟର୍ଣ୍ଣ ପ୍ରଦାନ କରିଥିବା ବେଳେ ରେଗୁଲାର ପ୍ଲାନ-ଗ୍ରୋଥ୍ ବିକଳ୍ପ ସମାନ ଅବଧି ପାଇଁ ୫୮.୫%ର ରିଟର୍ଣ୍ଣ ଦେଇଛି। ବିଏସଇ ୫୦୦ ଟିଆରଆଇ ପାଇଁ ୦.୫୦ ରେସିଓ ତୁଳନାରେ ଏହି ଫଣ୍ଡ ୦.୮୨ର ଏକ ସାର୍ପ ରେସିଓ ସହିତ ଏକ ଅନୁକୂଳ ବିପଦ-ନିୟନ୍ତ୍ରିତ ପ୍ରଦର୍ଶନ ପ୍ରୋଫାଇଲ ପ୍ରଦାନ କରିଛି । ୩୧ ଜୁଲାଇ ୨୦୨୬ ସୁଦ୍ଧା ଏହି ଫଣ୍ଡର ଏୟୁଏମ ୮୧୪୯.୮୧ କୋଟି ଟଙ୍କା ରହିଛି ଯାହା ୩୨୨,୨୩୧ଟି ନିବେଶକ ଫୋଲିଓରେ ପରିବ୍ୟାପ୍ତ ରହିଛି ।

# ଶତାବ୍ଦୀର ସବୁଠୁ ବିପଦଜନକ ଏଲନିନୋ ସତର୍କତା

**ନୂଆଦିଲ୍ଲୀ:** ବ୍ରିଟେନ ପାଣିପାଗ ବିଭାଗ (ମେଟ୍ ଅଫିସ) ଚଳିତବର୍ଷର ଏଲ ନିନୋକୁ ଗତ ୧୦୦ ବର୍ଷର ସବୁଠୁ ଶକ୍ତିଶାଳୀ ଓ ବିନାଶକାରୀ ବୋଲି ସତର୍କ କରିଛି। ଏଥିରେ ପ୍ରଶାନ୍ତ ମହାସାଗର ପୃଷ୍ଠ ତାପମାତ୍ରା ସ୍ୱାଭାବିକରୁ ୩ ଡିଗ୍ରି ସେଲସିୟସ ଅଧିକ ରହିବ ବୋଲି ଅନୁମାନ କରାଯାଉଛି, ଯାହା ଆଧୁନିକ ଜଳବାୟୁ ରେକର୍ଡରେ ଏପର୍ଯ୍ୟନ୍ତର ସବୁଠୁ ଉଚ୍ଚତମ ସ୍ତର। ଏଣୁ ପାଣିପାଗ ବୈଜ୍ଞାନିକମାନେ ୨୦୨୭ ବର୍ଷକୁ ବୈଶ୍ୱିକ ସ୍ତରରେ ସବୁଠୁ ଉଷ୍ଣ ବର୍ଷ ହୋଇ ପାରେ ବୋଲି ଆକଳନ କରିଥିବା ବେଳେ ୨୦୨୪ ରେକର୍ଡକୁ ବି ପଛରେ ପକାଇ ଦେଇପାରେ ବୋଲି କହିଛନ୍ତି। ଭାରତ ଉପରେ ପଡିବ ଦୋହରା ପ୍ରଭାବ ଭାରତରେ ଏଲ ନିନୋର ପ୍ରଭାବ ମୌସୁମୀ ବର୍ଷା ଉପରେ ପଡିଥାଏ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛନ୍ତି ଯେ ସମ୍ପୂର୍ଣ୍ଣ ଋତୁରେ ବର୍ଷାର ଦୀର୍ଘାବଧି ହାର ପାଖାପାଖି ୯୦ ପ୍ରତିଶତ ରହିପାରେ, ଯାହା ଗତ ୧୧ ବର୍ଷରେ ବର୍ଷାର ସବୁଠୁ କମ୍ ପରିମାଣ ବୋଲି କୁହାଯାଇଛି। ଏହାର ସିଧା ପ୍ରଭାବ ଦେଶର କୃଷି କ୍ଷେତ୍ର ଉପରେ ପଡିବ। ଏଥିରେ ଲଗାତାର ଦୁଇଟି ଫସଲ ଋତୁ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ୨୦୨୭ ପର୍ଯ୍ୟନ୍ତ ରହିପାରେ ନକରାତ୍ମକ



ପ୍ରଭାବପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ ଜାରି ଋତୁରେ ବର୍ଷାରେ ଦେଖା ଦେଇଥିବା ହ୍ରାସ ଫସଲ ରୁଆ ଓ ଉତ୍ପାଦନକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଆଇଆଇଟି କାନପୁରର ଭିଜିଟିଂ ପ୍ରଫେସର ରଘୁ ମୁର୍ତ୍ତୁଗୁଡ୍ଡେଙ୍କ ଅନୁସାରେ ଚଳିତବର୍ଷର ଏଲନିନୋ ପ୍ରଭାବ ୨୦୨୭ ମସିହା ପର୍ଯ୍ୟନ୍ତ ପ୍ରସରିପାରେ। ଜାରି ରବି ଫସଲ ଉତ୍ପାଦନ ପ୍ରଭାବିତ ହେବାକାରଣରୁ ସରକାରଙ୍କୁ ଏବେଠୁ ଖାଦ୍ୟ ତୈଳ ଓ ଚିନି ଭଳି ଅତ୍ୟାବଶ୍ୟକ ପଦାର୍ଥର ଯୋଗାଣ ଓ ମୂଲ୍ୟ ନିୟନ୍ତ୍ରିତ କରିବାକୁ ସତର୍କତା ମୂଳକ ପଦକ୍ଷେପ ନେବାକୁ ପଡୁଛି। ବୈଶ୍ୱିକ ତାପମାତ୍ର ବୃଦ୍ଧି ଓ ହିଟୱେଭ ସତର୍କତା ମେଟ ଅଫିସ ର ଜଳବାୟୁ ବିଶେଷଜ୍ଞ ଏଡମ ସ୍କାଇଫ ଏହି ସ୍ଥିତିକୁ ଅତ୍ୟନ୍ତ ଅସାଧାରଣ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଦୀର୍ଘକାଳୀକ ଜଳବାୟୁ ମଡେଲରେ ଏଭଳି ତୀବ୍ର ସଂକେତ ପୂର୍ବରୁ କେବେ ଦେଖା ଯାଇ ନାହିଁ। ଆମେରିକୀୟ ଏଜେନ୍ସି ଏନଓଏଏ ତଥ୍ୟ ଆଧାରିତ କ୍ଲାଇମେଟ୍ ବ୍ରିଙ୍କ ଡାସ୍ ବୋର୍ଡ ଅନୁମାନରେ ପ୍ରଶାନ୍ତ ମହାସାଗର ତାପମାନ ବୃଦ୍ଧିର ତୀବ୍ରତା ନଭେମ୍ବରରେ ୩.୯ ଡିଗ୍ରି ସେଲସିୟସର ଚିନ୍ତାଜନକ ସ୍ଥିତିକୁ ପହଞ୍ଚି ପାରେ। ଏହା ପିଛିଲା ଏଲ ନିନୋ ୨୦୧୫-୧୬ର ସବୁଠୁ ବଡ଼ ଏଲ ନିନୋ ଠାରୁ ମଧ ଢେର ଅଧିକ। ପଡିବ ରେକର୍ଡ ଗରମ ଆଇଏମଡିଙ୍କ ବରିଷ୍ଠ ବୈଜ୍ଞାନିକ ଓ.ପି. ଶ୍ରୀଜିତଙ୍କ ଅନୁସାରେ ୨୦୨୭ରେ ବୈଶ୍ୱିକ ସ୍ତରରେ ରେକର୍ଡ ଗରମ ପଡିବାର ପୁରା ସମ୍ଭାବନା ରହିଛି। ତେବେ ଭାରତରେ ହାରାହାରି ତାପମାତ୍ରାର ନୂଆ ରେକର୍ଡ ହେବ କି ନା ଏହା ୨୦୨୭ର ମୌସୁମୀ ଓ ଏଲ ନିନୋ ଦକ୍ଷିଣ ଦୋଳନ(ଇଏନଏସଓ) ସ୍ଥିତି ଉପରେ ନିର୍ଭର କରିବ। ତେବେ ଆଗାମୀ ବର୍ଷ ବସନ୍ତ ଋତୁ ରେ ହିଟ ୱେଭ ପ୍ରବାହର ପୁରା ଆଶଙ୍କା ରହିଛି। ଏଲ ନିନୋ କ'ଣ? ଏଲ ନିନୋ ଏକ ପ୍ରାକୃତିକ ଜଳବାୟୁ ପ୍ୟାଟର୍ଣ୍ଣ, ଯେଉଁଥି ପାଇଁ ମଧ୍ୟ ଓ ପୂର୍ବ ଭୂମଧ୍ୟରେଖୀୟ ପ୍ରଶାନ୍ତ ମହାସାଗର ପାଣିର ତାପମାତ୍ରାକୁ ଅସାଧାରଣ ରୂପେ ବଢାଏ। ଏଥିରେ ବୈଶ୍ୱିକ ସ୍ତରରେ ବାୟୁର ଦିଗ, ବାୟୁ ମଣ୍ଡଳୀୟ ଚାପ ଓ ବର୍ଷା ଚକ୍ରରେ ପରିବର୍ତ୍ତନ ଆସିଥାଏ। ସାଧାରଣତଃ ୨ରୁ ୭ ବର୍ଷରେ ହେଉଥିବା ଏହି ଘଟଣା ୯ରୁ ୧୨ ମାସ ପର୍ଯ୍ୟନ୍ତ ଲାଗି ରହିଥାଏ ଓ ଏହାର ସବୁଠୁ ଭୟାବହ ବୈଶ୍ୱିକ ପ୍ରଭାବ ଏହା ଆରମ୍ଭ ହେବାର ପରବର୍ତ୍ତି ବର୍ଷ ଦେଖାଯାଇଥାଏ।

## ବିଜେପି ନୂଆ ଟିମକୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି




**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ପାର୍ଟିର ନବ ନିଯୁକ୍ତ ଜାତୀୟ ପଦାଧିକାରୀଙ୍କୁ ଭେଟିଛନ୍ତି। ପାର୍ଟିର ନୂଆ ଜାତୀୟ ସଭାପତି ନୀତିନ ନବୀନଙ୍କ ଟିମ୍ ଘୋଷଣା ପରେ ଅନୁଷ୍ଠିତ ଏହି ପ୍ରଥମ ଔପଚାରିକ ପଦାଧିକାରୀ ବୈଠକରେ ପ୍ରଧାନମନ୍ତ୍ରୀଙ୍କୁ ଉତ୍ସାହର ସହ ସ୍ୱାଗତ କରାଯାଇଛି। ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ନୂଆ ଟିମ୍ ସହ ସାକ୍ଷାତ କରିବା ସାଙ୍ଗକୁ ସଙ୍ଗଠନାତ୍ମକ କାର୍ଯ୍ୟକୁ ନେଇ ଚର୍ଚ୍ଚା କରିଛନ୍ତି। ବିଜେପି ସଭାପତି ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଉଚ୍ଚସ୍ତରୀୟ ବୈଠକର ପ୍ରାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସହିତ ହୋଇଛି। ବୈଠକରେ ଭାରତର ଗୌରବ ଓ ଜାତୀୟ ଚେତନାର ପ୍ରତୀକ 'ବନ୍ଦେ ମାତରମ' ସମ୍ମାନରେ ସର୍ବ ସମ୍ମତିରେ ଏକ ବିଶେଷ ପ୍ରସ୍ତାବ ଗୃହୀତ କରାଯାଇଛି। ପାର୍ଟି ପକ୍ଷରୁ କୁହାଯାଇଛି ଯେ ଗତ କିଛି ସମୟ ହେଲା ଜାତୀୟ ଗୀତ ବନ୍ଦେ ମାତରମକୁ ନେଇ କେତେକ ଐତିହାସିକ ନିଷ୍ପତ୍ତି ନିଆଯାଇଛି ଓ ଏହି ବର୍ଷ ବନ୍ଦେ ମାତରମର ୧୫୦ତମ ଜୟନ୍ତୀକୁ ଉତ୍ସାହର ସହିତ ପାଳନ କରାଯାଉଛି। ବୈଠକରେ ନେତାମାନେ ଏ କଥା ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ଆଜି ପୁରା ଦେଶରେ ବନ୍ଦେ ମାତରମ ପ୍ରତି ଏକ ବିଶେଷ ସମ୍ମାନ, ଆସ୍ଥା ଓ ଭାବନାତ୍ମକ ସମ୍ପର୍କ ଦେଖିବାକୁ ମିଳୁଛି। ଏହି ମହାମନ୍ତ୍ର ମୂଳରେ କେବଳ ଓ କେବଳ ଦେଶଭକ୍ତି ରହିଛି। ମୁଖ୍ୟାଳୟରେ ପୂର୍ବାହ୍ନରେ ଆରମ୍ଭ ହୋଇଥିବା ବୈଠକ ଦିନ ତମାମ ଜାରି ଥିଲା। ଏଥିରେ ସଙ୍ଗଠନର ବିସ୍ତାର ଓ ଆଗାମୀ ରଣନୀତି ଉପରେ ଗହନ ମନ୍ଥନ କରାଯାଇଛି। ପାର୍ଟି କାର୍ଯ୍ୟକର୍ତ୍ତା ଓ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନୂଆ ଉତ୍ସାହର ସହ ରାଷ୍ଟ୍ରୀୟ ସେବା ଓ ରାଷ୍ଟ୍ର ନିର୍ମାଣ କାର୍ଯ୍ୟକୁ ଆଗକୁ ବଢାଇବା ପାଇଁ ସଂକଳ୍ପ କରିଛନ୍ତି।

# କାନାଡା ଉପରେ ୫୦% ଶୁଳ୍କ ଲଗାଇଲେ ଟ୍ରମ୍ପ

**ୱାସିଂଟନ/ଅଟାୱା** : ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡା ମଧ୍ୟରେ ୩ ଦିନ ଧରି ଚାଲିଥିବା ବାଣିଜ୍ୟ ଆଲୋଚନା ବିଫଳ ହୋଇଛି । ଆଲୋଚନାକୁ ସ୍ଥଗିତ ରଖି ଫେରି ଆସିବା ଲାଗି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ତାଙ୍କ ଟିମ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡାର ରପ୍ତାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି । ବାଣିଜ୍ୟ ଆଲୋଚନାରେ କାନାଡା ସୁଯୋଗ ହାତଛଡ଼ା କଲା ବୋଲି ଆମେରିକା କହିଛି । ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରିର୍ କହିଛନ୍ତି, ତାଙ୍କ ଦେଶ ପକ୍ଷରୁ ସର୍ବୋତ୍କୃଷ୍ଟ ଅଫର ଦିଆଯିବା ପରେ ମଧ୍ୟ କାନାଡା ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବାକୁ ମନାକଲା । ପୂର୍ବରୁ କାନାଡା ଦେଇଥିବା ପ୍ରତିଶ୍ରୁତିକୁ ବଦଳାଇବା ସହ ନୂଆ ଦାବି ରଖିବା ଦ୍ୱାରା ଆଲୋଚନା ସମୟରେ ବିବାଦ ଉପୁଜିଲା ବୋଲି ସେ କହିଛନ୍ତି । ଦଶନ୍ଧି ଦଶନ୍ଧି ଧରି ଆମେରିକା ବଜାରରେ କାନାଡା ସବୁଠାରୁ ଭଲ ସୁଯୋଗ ପାଇଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ କାର୍ଯ୍ୟକାଳ ଆରମ୍ଭରୁ କାନାଡାକୁ ବିଶ୍ୱରେ ସବୁଠୁ ଭଲ ବ୍ୟବହାର ଦେଖାଯାଇଛି



। ଏହା ସତ୍ତ୍ୱେ ଉକ୍ତ ଦେଶ ଚୀନ ଭଳି ଆମେରିକାର କ୍ଷତି କରିବା ପ୍ରୟାସରେ ରହିଛି । ଚଳିତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକା କାନାଡାକୁ ଭଲ ସୁବିଧା ଦେବାକୁ ରାଜି ହୋଇଥିଲା । ଇସ୍ପାତ, ଆଲୁମିନିୟମ ଆଦି ସାମଗ୍ରୀ ଉପରେ ଉଲ୍ଲେଖନୀୟ ଭାବେ ଶୁଳ୍କ ହ୍ରାସ ପ୍ରସ୍ତାବ ଦେଇଥିଲା ବୋଲି ଗ୍ରିର୍ କହିଛନ୍ତି । ଜି-୭ ଗୋଷ୍ଠୀରେ ଦ୍ରୁତବେଗରେ ବଢୁଥିବା ଅର୍ଥନୀତି ଯୁକ୍ତରାଷ୍ଟ୍ର ଆମେରିକା ସହ ରହିବା ନେଇ ରହିଥିବା ସୁଯୋଗକୁ କାନାଡା ହାତଛଡ଼ା କଲା ବୋଲି ଗ୍ରିର ମତ ଦେଇଛନ୍ତି । ଅନ୍ୟପକ୍ଷରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି କହିଛନ୍ତି ସେ ଆମେରିକା ସହିତ ବାଣିଜ୍ୟ ଆଲୋଚନା ସ୍ଥଗିତ ରଖି ଅଟାୱାକୁ ଫେରି ଆସିବା ପାଇଁ ତାଙ୍କ ଟିମ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ଶେଷ ମୁହୂର୍ତ୍ତରେ ପ୍ରସ୍ତାବରେ ପରିବର୍ତ୍ତନ ଆଣିବା ଭେଦଭାବପୂର୍ଣ୍ଣ ଏବଂ ଅଣଅର୍ଥନୈତିକ ବୋଲି ସେ କହିଛନ୍ତି । ଏହା ପରେ ଯୁକ୍ତରାଷ୍ଟ୍ର ଆମେରିକା କାନାଡାର ପ୍ରାୟ ୨୦ ବିଲିଅନ ଡଲାର ମୂଲ୍ୟର ରପ୍ତାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । କାନାଡାର ଶ୍ରମିକ ଓ ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ତାଙ୍କ ଦେଶ ମଧ୍ୟ ସମାନ ମାତ୍ରାର ପାଲଟା ଶୁଳ୍କ ଲଗାଇବ ବୋଲି ସେ ଘୋଷଣା କରିଛନ୍ତି ।

## 'ଜେନ ଜେଡ୍'କୁ ଆକୃଷ୍ଟ କରିବା ପାଇଁ ବିଜେପିର ସ୍ୱତନ୍ତ୍ର ଟିମ୍

**ନୂଆଦିଲ୍ଲୀ** : ଆଗାମୀ ସାଧାରଣ ନିର୍ବାଚନ ଏବଂ ସାଂଗଠନିକ ଶକ୍ତି ବୃଦ୍ଧିକୁ ଦୃଷ୍ଟିରେ ରଖି ବିଜେପି ପକ୍ଷରୁ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦେଶର ନୂତନ ପିଢ଼ି ଅର୍ଥାତ୍ 'ଜେନ ଜେଡ୍' ବର୍ଗର ଯୁବକଯୁବତୀମାନଙ୍କ ପାଖରେ ପହଞ୍ଚିବା ପାଇଁ ଦଳ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିଛି । ଏହି କେନ୍ଦ୍ରୀୟ ଟିମ୍ରେ ବିଜେପି ସଭାପତି ନିତିନ ନବୀନ, ଜାତୀୟ ସାଧାରଣ ସଂପାଦକ ସ୍ମୃତି ଇରାନୀ, ବିନୋଦ ତାୱଡ଼େ, ଗୁଜୁରାଟ ମନ୍ତ୍ରୀ ହର୍ଷ ସାଙ୍ଗଭି, ଛତିଶଗଡ଼ ମନ୍ତ୍ରୀ ଓପି ଚୌଧୁରୀ ଏବଂ ଅନ୍ୟ ବରିଷ୍ଠ ନେତାମାନେ ସାମିଲ ଅଛନ୍ତି । ପ୍ରଥମ ଥର ପାଇଁ ମତଦାନ କରୁଥିବା ନୂତନ ଭୋଟରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ଏହି ବର୍ଗକୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ଦଳ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ବିଜେପି ମୁଖ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଏହି ବ୍ୟାପକ ଜନସମ୍ପର୍କ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ୧୮ରୁ ୨୫ ବର୍ଷ ବୟସ୍କ ଯୁବପିଢ଼ିଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରିବା ।




କମିଟି ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସେମିନାର, କର୍ମଶାଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଛାତ୍ରମାନଙ୍କ ମତାମତ ସଂଗ୍ରହ କରିବ ବୋଲି ଜଣାପଡ଼ିଛି ।

## ତ୍ରିଚି-ସିଙ୍ଗାପୁର ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ତ୍ରିଚି:** ତାମିଲନାଡୁର ତ୍ରିଚିରୁ ସିଙ୍ଗାପୁର ଅଭିମୁଖେ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ଯାତ୍ରୀବାହୀ ବିମାନ ଶୁକ୍ରବାର ସନ୍ଧ୍ୟାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜରୁରୀ ଅବତରଣ କରିଛି। ଉଡ଼ାଣ ଆରମ୍ଭ କରିବାର କିଛି ସମୟ ମଧ୍ୟରେ ବିମାନରେ ଏହି ଅପ୍ରତ୍ୟାଶିତ ସମସ୍ୟା ଦେଖାଯିବା ପରେ ଏହାକୁ ତ୍ରିଚି ଅନ୍ତର୍ଜାତୀୟ ବିମାନବନ୍ଦରକୁ ଫେରାଇ ଅଣାଯାଇଥିଲା। ବିମାନରେ ୧୨୭ ଜଣ ଯାତ୍ରୀ ଥିବା ବେଳେ ଏହି ଘଟଣା ଯୋଗୁଁ ସେମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଉଦବେଗ ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ, ବିମାନଟି ସନ୍ଧ୍ୟା ପ୍ରାୟ ୬ଟା ୪୦ ମିନିଟ ସମୟରେ ତ୍ରିଚିରୁ ଉଡ଼ାଣ ଭରିଥିଲା ମାତ୍ର ପରିଚାଳକ ସଦସ୍ୟମାନେ ଯାନ୍ତ୍ରିକ ତ୍ରୁଟି ଚିହ୍ନଟ କରିବା ମାତ୍ରେ ତୁରନ୍ତ ତ୍ରିଚି ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଇଥିଲେ। ସୁରକ୍ଷା ନିୟମାବଳୀ ଅନୁଯାୟୀ, ଜରୁରୀ ଅବତରଣ ପୂର୍ବରୁ ବିମାନର ଓଜନ ଏବଂ ଅତିରିକ୍ତ ଇନ୍ଧନ ହ୍ରାସ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ସେଥିପାଇଁ ପାଇଲଟ ବାୟୁମଣ୍ଡଳରେ ପ୍ରାୟ ୨.୫ ଘଣ୍ଟା କାଳ କ୍ରମାଗତ ଭାବେ ଚକ୍କର କାଟି ଇନ୍ଧନ ନଷ୍ଟ କରିଥିଲେ, ଯାହାଦ୍ୱାରା ଏକ ନିରାପଦ ଅବତରଣ ସମ୍ଭବପର ହୋଇପାରିବ। ତ୍ରିଚି ବିମାନବନ୍ଦର ନିର୍ଦ୍ଦେଶକ ଗୋପାଳକ୍ରିଷ୍ଣନ ସୂଚନା ଦେଇଛନ୍ତି ଯେ, ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସମୟରେ ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ଏଟିସି ପାଇଲଟମାନଙ୍କ ସହ ନିରନ୍ତର ଯୋଗାଯୋଗରେ ଥିଲେ। ସମସ୍ତ ଜରୁରୀକାଳୀନ ସେବା ଏବଂ ସୁରକ୍ଷା ବ୍ୟବସ୍ଥା ଚୂଡ଼ାନ୍ତ କରାଯିବା

# ଆଇଆଇଟି ଦିଲ୍ଲୀ କ୍ୟାମ୍ପସର ଷଷ୍ଠ ମହଲାରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ:** ଆଇଆଇଟିଦିଲ୍ଲୀ କ୍ୟାମ୍ପସର ଏକ କୋଠାର ଷଷ୍ଠ ମହଲାରୁ ଡେଇଁ ପଡ଼ି ଜଣେ ୩୧ ବର୍ଷୀୟ ଏମଏସ୍ସି ପଦାର୍ଥ ବିଜ୍ଞାନ ଛାତ୍ର ଆତ୍ମହତ୍ୟା କରିଛନ୍ତି। ପୁଲିସ ଶନିବାର ସକାଳ ପ୍ରାୟ ୮ଟା ୩୩ ସମୟରେ ଏକ ପିସିଆର କଲ୍ ମାଧ୍ୟମରେ ଘଟଣା ବିଷୟରେ ସୂଚନା ପାଇଥିଲା। ସୂଚନା ପାଇବା ପରେ, କିଶନଗଡ଼ ପୁଲିସ ଷ୍ଟେସନର ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ଛାତ୍ରଙ୍କୁ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ଛାତ୍ର ଜଣକ ସକାଳ ୮ଟା ସମୟରେ କ୍ୟାମ୍ପସ ମୁଖ୍ୟ ଫାଟକ ଦେଇ ଆଇଆଇଟି ଦିଲ୍ଲୀ ପରିସରରେ ପହଞ୍ଚି ଥିଲେ। ଛାତ୍ର ଜଣକ ଲେକ୍ଚର ହଲ୍ କମ୍ପ୍ଲେକ୍ସର ଷଷ୍ଠ ମହଲାକୁ ଲିଫ୍ଟରେ ଯାଇ ଡେଇଁ ପଡ଼ିଥିଲେ। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ। ମୃତକଙ୍କ ପକେଟରୁ ଏକ ମୋବାଇଲ୍ ଫୋନ୍ ମିଳିଛି। ପ୍ରାଥମିକ ପରୀକ୍ଷାରୁ ଉପରୁ ପଡ଼ିଯିବା କାରଣରୁ ହୋଇଥିବା ଆଘାତ ବ୍ୟତୀତ ଶରୀରରେ ଅନ୍ୟ କୌଣସି ଆଘାତ ଚିହ୍ନ ମିଳିନାହିଁ। ଘଟଣା ପରେ ତଦନ୍ତ ଓ ପ୍ରମାଣ ସଂଗ୍ରହ ପାଇଁ କ୍ରାଇମ୍ ଟିମ୍ ଓ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ ଦଳକୁ ଘଟଣାସ୍ଥଳକୁ ଡକାଯାଇଥିଲା। ପୁଲିସ ଛାତ୍ରଙ୍କ କାଉନସେଲିଂ ରେକର୍ଡ ଓ ଆଇଆଇଟି ପ୍ରଶାସନଠାରୁ ଅନ୍ୟାନ୍ୟ ସୂଚନା ମଧ୍ୟ ହାସଲ କରୁଛି। ପୁଲିସ ବର୍ତ୍ତମାନ ଘଟଣାର କାରଣ ତଦନ୍ତ କରୁଛି।




## ୫୨ ନେତାଙ୍କୁ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନକୁ ଆଖିରେ ରଖି ରାଜ୍ୟର ୫୨ ଜଣ ପ୍ରମୁଖ ନେତାଙ୍କୁ ବୁଲେଟପ୍ରୁଫ ଜ୍ୟାକେଟ୍ ଯୋଗାଇ ଦିଆଯାଇଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟପାଥ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏବଂ ବହୁଜନ ସମାଜ ପାର୍ଟି ସୁପ୍ରିମୋଙ୍କ ସମେତ ମୋଟ ୫୨ ଜଣ ନେତାଙ୍କୁ ବୁଲେଟପ୍ରୁଫ୍ ଜ୍ୟାକେଟ ଦିଆଯାଇଛି । ଏନେଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏଏନଆଇ ଖବର ପ୍ରକାଶ କରିଛି । ତେବେ ଏହି ତାଲିକାରେ ୧୧ ଜଣ ରାଜ୍ୟର ମନ୍ତ୍ରୀ ସାମିଲ ଅଛନ୍ତି । ମନ୍ତ୍ରୀମାନଙ୍କ ମଧ୍ୟରେ ସଞ୍ଜୟ ନିଷାଦ, ନନ୍ଦ ଗୋପାଲ ଗୁପ୍ତା ଏବଂ ଓମପ୍ରକାଶ ରାଜଭର ପ୍ରମୁଖ ସାମିଲ । ଏଏନଆଇର ସୂଚନା ଅନୁସାରେ, ଏହି ତାଲିକାରେ ବିଜେପି ନେତ୍ରୀ ଅପର୍ଣ୍ଣା ଯାଦବଙ୍କ ନାଁ ରହିଛି । ପ୍ରତ୍ୟେକ ବୁଲେଟପ୍ରୁଫ ଜ୍ୟାକେଟ୍ର ମୂଲ୍ୟ ପ୍ରାୟ ଦଶ ଲକ୍ଷ ଟଙ୍କା ବୋଲି କୁହାଯାଉଛି । ପ୍ରଥମ ପର୍ଯ୍ୟାୟରେ ଆଠ ଜଣ ନେତାଙ୍କୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪୪ ଜଣଙ୍କୁ ଏହି ଜ୍ୟାକେଟ୍ ପ୍ରଦାନ କରାଯାଇଛି। ଏହା ସହିତ ଭାଜପାର ଅନ୍ୟ କେତେଜଣ ନେତା, ସ୍ୱତନ୍ତ୍ର ଦେବ ସିଂହ, ଜୟବୀର




ସିଂହ ଓ ମହେନ୍ଦ୍ର ସିଂହଙ୍କୁ ମଧ୍ୟ ବିଶେଷ ସୁରକ୍ଷା ବ୍ୟବସ୍ଥା ଦିଆଯାଇଛି । ଏହା ବ୍ୟତୀତ ରାଜ୍ୟରେ ଆଉ ୯୮ ଜଣ ନେତା ଓ ପ୍ରମୁଖ ବ୍ୟକ୍ତିଙ୍କୁ ବିଭିନ୍ନ ଶ୍ରେଣୀର ସୁରକ୍ଷା ପ୍ରଦାନ କରାଯିବ। ଏହି ସମସ୍ତ ପଦକ୍ଷେପ ୨୦୨୭ ବିଧାନସଭା ନିର୍ବାଚନକୁ ଧ୍ୟାନରେ ରଖି ନିଆଯାଉଛି। ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିର୍ବାଚନ ପାଇଁ ନିଜର ପ୍ରସ୍ତୁତି ଜୋରଦାର କରୁଛନ୍ତି ।ଭାରତୀୟ ଜନତା ପାର୍ଟି ପକ୍ଷରୁ ସାଧାରଣ ସମ୍ପାଦକ ବିନୋଦ ତାଓ୍ୱଡେଙ୍କୁ ଉତ୍ତର ପ୍ରଦେଶ ନିର୍ବାଚନ ପ୍ରଭାରୀ ଭାବରେ ନିଯୁକ୍ତ କରାଯାଇଛି। ତାଙ୍କ ସହିତ ଜଗଦୀଶ ଈଶ୍ୱରଭାଇ ପଟେଲଙ୍କୁ ସହ-ପ୍ରଭାରୀ ଭାବରେ ନିଯୁକ୍ତ କରିଛି ବିଜେପି । ପାର୍ଟି ରାଜ୍ୟରେ ସାମାଜିକ ଓ ଜାତିଗତ ସନ୍ତୁଳନ ମଜଭୁତ କରିବା ଉପରେ ବିଶେଷ ଧ୍ୟାନ ଦେଉଛି। ଅନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ନେତାମାନଙ୍କୁ ସଂଗଠନାତ୍ମକ ପଦବୀରେ ଅଧିକ ପ୍ରତିନିଧିତ୍ୱ ଦିଆଯାଉଛି।ଏହା ସହିତ ବିଜେପି ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ଭେ ଆରମ୍ଭ କରିଛି। ଏହି ସର୍ଭେ ମାଧ୍ୟମରେ ସଂଗଠନର ଶକ୍ତି, ସମ୍ଭାବ୍ୟ ପ୍ରାର୍ଥୀ ଏବଂ ସ୍ଥାନୀୟ ସମସ୍ୟା ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି । ଏହା ୨୦୨୭ ନିର୍ବାଚନରେ ପ୍ରଭାବ ପକାଇପାରେ।

# ସରକାରୀ ସ୍କୁଲର ଗୁମର ଖୋଲିଦେଲା ଅଡିଟ୍ ରିପୋର୍ଟ

**ନୂଆଦିଲ୍ଲୀ:** କକ୍ରୋଚ ଜନତା ପାର୍ଟି ଏବେ ରାଜସ୍ଥାନର ବିଭିନ୍ନ ସରକାରୀ ସ୍କୁଲର ସ୍ଥିତି ପରଖିବାକୁ ଉଦ୍ୟମ କରିବା ବେଳେ ତଥାକଥିତ 'ଗାଁ ଲୋକ'ଙ୍କ ବିରୋଧର ସମ୍ମୁଖୀନ ହେଉଛି। ଏପରି କି ସିଜେପି କର୍ମୀଙ୍କୁ ସ୍କୁଲ ଯାଞ୍ଚ କରିବା ବେଳେ ଆକ୍ରମଣ ବି କରାଯାଉଛି। ଏହାକୁ ନେଇ ବିବାଦ ଚାଲିଥିବା ବେଳେ ସରକାରୀ ଅଡିଟ୍ ରିପୋର୍ଟ ସ୍କୁଲଗୁଡ଼ିକର ଗୁମର ଖୋଲି ଦେଇଛି। ରାଜସ୍ଥାନର ୬୧୧ଟି ସ୍କୁଲର ନାହିଁ ନିଜସ୍ୱ ବିଲଡିଂ। ତଥାପି ଏଠାରେ ପିଲାଙ୍କୁ ପଢ଼ାଯାଉଛି ପାଖ। ଶୁକ୍ରବାର ଖୋଦ କ୍ଷମତାସୀନ ବିଜେପି ସରକାର ଏକଥା ରାଜ୍ୟ ବିଧାନସଭାକୁ ଜଣାଇଛନ୍ତି। ସରକାରଙ୍କ ଏହି ତଥ୍ୟ ପରେ ସ୍କୁଲ ଭିତ୍ତିଭୂମିର ଅସଲ ଚେହେରା ସାମ୍ନାକୁ ଆସିଛି। ତେବେ ରାଜସ୍ଥାନର କ୍ଷମତାସୀନ ବିଜେପି ସରକାର ଏଥିପାଇଁ ୫ ବର୍ଷ ତଳେ କ୍ଷମତାରେ ଥିବା କଂଗ୍ରେସ ନେତୃତ୍ୱାଧୀନ ଅଶୋକ ଗେହଲଟ ସରକାରଙ୍କୁ ଦାୟୀ କରିଛି। ଝାଲାୱାର ସ୍କୁଲ ଦୁର୍ଘଟଣା ପରେ ହୋଇଥିବା ଅଡିଟକୁ ଉପସ୍ଥାପନ କରି ବିଜେପି କହିଛି ଯେ ଏହି ରିପୋର୍ଟ ସରକାରୀ ସ୍କୁଲ ଗୁଡ଼ିକର ଦୁର୍ବଳ ସ୍ଥିତିର ପର୍ଦ୍ଦାଫାସ କରିଛି। ଏହା ଗେହଲଟ ସରକାରଙ୍କ ପାପ ଥିଲା। ବର୍ତ୍ତମାନର ସରକାର ଏହାକୁ ଠିକ କରିବାରେ ଲାଗି ପଡ଼ିଛନ୍ତି।



ସ୍କୁଲ ସ୍ଥିତି ସମ୍ପର୍କରେ ବିରୋଧୀ ଦଳ ନେତା ଟିକା ରାମ ଜୁଲୀ ପଚାରିଥିବା ପ୍ରଶ୍ନରେ ସରକାର ଦେଇଛନ୍ତି। ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ୨୦୨୫-୨୬ ମସିହାର ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେସନ୍ ସିଷ୍ଟମ୍ ଫର୍ ଏଜୁକେସନ୍ ତଥ୍ୟ ଅନୁସାରେ, ରାଜ୍ୟର ୬୧୧ଟି ସରକାରୀ ସ୍କୁଲର ନିଜସ୍ୱ କୋଠା ନାହିଁ। ଏଥିରେ ୧୦ଟି ବାଳିକା ବିଦ୍ୟାଳୟ ମଧ୍ୟ ରହିଛି। ଦିନକ ତଳେ ଜୟପୁର ନିକଟ ବାଗରୁରେ ଥିବା ଗୋଟିଏ ସରକାରୀ ସ୍କୁଲର ସ୍ଥିତି ପରଖିବାକୁ ଯାଉଥିବା ବେଳେ ସିଜେପିର ସହ-ସଂଯୋଜକ ଆଶୁତୋଷ ରଙ୍କା ଓ ତାଙ୍କ ଟିମ ଉପରେ ଆକ୍ରମଣ ହୋଇଥିଲା। ସ୍କୁଲଟି ଗୋଟିଏ ଗୋଶାଳାରେ ଚାଲୁଥିବା ଦାବି ପରେ ସିଜେପି ଏପରି ପଦକ୍ଷେପ ନେଇଥିଲା। କିନ୍ତୁ ସେମାନଙ୍କୁ ମାଡ଼ ମାରି କିଛି ଲୋକ ସେଠାରୁ ଘଉଡ଼ାଇ ଦେଇଥିଲେ। ବାସ୍ତବରେ ସ୍କୁଲ ଚାଲିଥିବା କୋଠାକୁ ଗତବର୍ଷ ଅସୁରକ୍ଷିତ ଘୋଷଣା କରି ବନ୍ଦ କରିଦିଆଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କୁ ଅସ୍ଥାୟୀ ଗୋଶାଳାକୁ ସ୍ଥାନାନ୍ତର କରାଯାଇଥିଲା। ତଥ୍ୟ ଅନୁସାରେ, କେବଳ ଜୟପୁରରେ ୩୮ଟି ସ୍କୁଲର ନିଜସ୍ୱ କୋଠା ନାହିଁ। ଝାଲାୱାରର ଅକଲେରା ବ୍ଲକ୍ରେ ସର୍ବାଧିକ ୨୩ଟି ଏଭଳି ସ୍କୁଲ ରହିଛି। ଏହା ପରେ ଖାନପୁରରେ ୧୬ଟି ଓ ଝାଲରାପାଟନରେ ୧୧ଟି ସ୍କୁଲର ନିଜସ୍ୱ କୋଠା ନାହିଁ। ଫାଲୋଦିର ବାପ୍ ଅଞ୍ଚଳରେ ୧୧ଟି ଓ ବାଂସୱାଡାର ଚୋଟିସରୱାନରେ ୧୦ଟି ସ୍କୁଲର ପିଲା ନିଜସ୍ୱ ବିଲଡିଂ ବିନା ପାଠ ପଢୁଛନ୍ତି।

ଏପଟେ ନିଜସ୍ୱ କୋଠା ଥିବା ୬୪,୪୮୪ଟି ସରକାରୀ ସ୍କୁଲ ମଧ୍ୟରୁ ୨,୦୪୭ଟିରେ ଶୌଚାଳୟ ସୁବିଧା ନାହିଁ। ୧,୦୪୯ଟି ସ୍କୁଲରେ ପାନୀୟ ଜଳ ମିଳୁନାହିଁ। ଶୌଚାଳୟ ନଥିବା ସ୍କୁଲ ସଂଖ୍ୟାରେ ବାଂସୱାଡା ୧ ନମ୍ବରେ ରହିଛି। ଏଠାକାର ୧୮୮ଟି ସ୍କୁଲରେ ଏହି ସୁବିଧା ନାହିଁ। ଡୁଙ୍ଗରପୁରରେ ୧୨୪ଟି ଓ ଉଦୟପୁରରେ ୯୮ଟି ସ୍କୁଲରେ ମଧ୍ୟ ଶୌଚାଳୟ ନାହିଁ। ପାନୀୟ ଜଳ ସୁବିଧା ନଥିବା ସ୍କୁଲ ସଂଖ୍ୟାରେ ଦୌସା ୯୬ଟି ସହିତ ଶୀର୍ଷରେ ଅଛି। ଏହି ରିପୋର୍ଟ ପରେ ରାଜସ୍ଥାନ ସରକାର କହିଛନ୍ତି ଯେ ସ୍କୁଲଗୁଡ଼ିକର ମରାମତି ଓ ନବୀକରଣ ପାଇଁ ୫୫୦ କୋଟି ଟଙ୍କା, ନିଜସ୍ୱ କୋଠା ବିନା ଚାଲୁଥିବା ସ୍କୁଲଗୁଡ଼ିକ ପାଇଁ ୪୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏଥିସହ ସ୍କୁଲ କୋଠାର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ୨,୫୦୦ କୋଟି ଟଙ୍କା ଓ ୫ ବର୍ଷରେ ମୋଟ ୧୨,୫୦୦ କୋଟି ଟଙ୍କା ଉପଲବ୍ଧ କରାଯିବ।

# କଳିଙ୍ଗରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ମିଟ’ର ସଫଳ ଆୟୋଜନ

## ଜାସନ, ଅବିନୟ ଦ୍ରୁତତମ ସ୍ପ୍ରିଣ୍ଟର

ଭୁବନେଶ୍ୱର,୨୨।୮ (ସବ୍ୟୁ): ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶନିବାର ବିଶ୍ୱ କଣ୍ଟିନେଣ୍ଟାଲ ଟୁର ରୌପ୍ୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତା ଆରମ୍ଭର ଅବ୍ୟବାହିତ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସଂସ୍କୃତିର ଝଲକ ଏଥରେ ଦେଖିବାକୁ ମିଳିଛି । କ୍ରୀଡା ସମାରୋହରେ ଭାରତ ସମେତ ୧୨ ଏସୀୟ ଦେଶ ତଥା ମୋଟ ୨୩ ଦେଶରୁ ୧୮୭ ଖେଳାଳି ଏହି ମହାଦେଶୀୟ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲେ । ପୁରୁଷ ଓ ମହିଳା ବର୍ଗରେ ସମାନ ୯ଟି ଲେଖାଏଁ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ଭାରତରୁ ୮୮ ଜଣ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶରୁ ୬ ଜଣ ସାମିଲ ଥିଲେ । ଦ.ଆଫ୍ରିକାର ସେପୋ ଜାସନ ୟାନଷ୍ଟିନ ଦ୍ରୁତତମ ପୁରୁଷ ଆଥଲେଟ ଜିତିଥିଲେ । ତାମିଲନାଡୁର ଅବିନୟ ରାଜରାଜନ ମଧ୍ୟ ଦ୍ରୁତତମ ସ୍ପ୍ରିଣ୍ଟର ହେବାର ଗୌରବ ଅର୍ଜନ କରିଛନ୍ତି । ଓଡ଼ିଆ ଧାବକ ଅନିମେଶ କୁଜୁର ୧୦୦ ମିଟର ଦୌଡ଼ରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି । ଜାତୀୟ ରେକର୍ଡଧାରୀ ପଞ୍ଜାବର ପ୍ରତିନିଧିତ୍ୱ କରୁଥିବା ଗୁରିନ୍ଦର ବୀର ସିଂ ନବମ ସ୍ଥାନରେ ରହିଥିଲେ । ୨୧ ବର୍ଷୀୟ ସେପୋ ଜାସନ ୧୦.୧୧ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ଜିତିଥିଲେ । ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଅନିମେଶ ୧୦.୩୨ ସେକେଣ୍ଡ ସମୟ ନେଇ ପଦକ ତାଲିକା ବାହାରେ ରହିଥିଲେ । ତାମିଲନାଡୁର ଅବିନୟ ରାଜରାଜନ ୧୧.୩୪ ସେକେଣ୍ଡ ସମୟ ସହ ମହିଳା ୧୦୦ ମିଟର ଟାଇଟଲ ଜିତିଛନ୍ତି ।

ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟଲ ଟୁର ସିଲଭର ମିଟରକୁ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗଦେଇ କୃତିକ୍ରୀଡାବିତଙ୍କୁ ପଦକ ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ସମସ୍ତ ବର୍ଗର ୬ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି ।

**ମହିଳା ୧୦୦ ମିଟର:** ମହିଳା ୧୦୦ ମିଟର ଦୌଡ଼ରେ ତାମିଲନାଡୁର ଅବିନାୟା ରାଜାରାଜନ କମାଲ କରିଛନ୍ତି । ସେ ଫିନିସିଂ ଲାଇନକୁ ୧୧.୩୪ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । କିନ୍ତୁ ଓଡ଼ିଆ ଝିଅ ଶ୍ରାବଣୀ ନନ୍ଦ ନିରାଶ କରିଛନ୍ତି । ନିଜ ବ୍ୟକ୍ତିଗତ ଟାଇମିଂ ଠାରୁ ଖରାପ ପ୍ରଦର୍ଶନ ଦେଖାଇ ଷଷ୍ଠ ସ୍ଥାନରେ ରହିଛନ୍ତି । ଶ୍ରାବଣୀ ଫିନିସିଂ ଲାଇନକୁ ୧୧.୮୫ ସେକେଣ୍ଡରେ ଅତିକ୍ରମ କରିଥିଲେ । ମହାରାଷ୍ଟ୍ରର ହରିତା ଭଦ୍ରା ୧୧.୪୬ ସେକେଣ୍ଡ ସହ ଦ୍ୱିତୀୟ ଏବଂ ସ୍ନେହା ସତ୍ୟନାରାୟନ ୧୧.୫୬ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହିଛନ୍ତି । ହରିୟାଣାର ତମନା ୧୧.୬୧ ସେକେଣ୍ଡ ସହ ଚତୁର୍ଥ ଏବଂ ଶ୍ରୀଲଙ୍କାର ଫତିମା ସାଫିୟା ୟାମିକ ୧୧.୭୧ ସେକେଣ୍ଡ ସହ ପଞ୍ଚମ ସ୍ଥାନରେ ରହିଛନ୍ତି ।

**ଡିସକସ ଥ୍ରୋ :** ବ୍ରାଜିଲର ଆନ୍ଦ୍ରେସା ଡି ମୋରାଇ କଳିଙ୍ଗରେ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଆନ୍ଦ୍ରେସା ୫୮.୬୬ ମିଟର ଡିସକସ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ତାଙ୍କୁ କଳିଙ୍ଗରେ ସ୍ୱର୍ଣ୍ଣ ସଫଳତା ମିଳିଛି । ଜାମାୟିକାର ସାମନ୍ଥା ହଲ ୫୮.୪୩ ମିଟର ସହ ରୌପ୍ୟ ଏବଂ ଥାଇଲାଣ୍ଡର ସୁବେନରାତ ଇନସାଙ୍ଗ ୫୮.୩୩ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ହରିୟାଣାର ସୀମା କାଳି ରମଣା ଚତୁର୍ଥ, ନିଧିରାଣୀ ପଞ୍ଚମ, ପ୍ରିୟା ଷଷ୍ଠ ଓ ସାନିଆ ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି ।

**ପୁରୁଷ ୮୦୦ ମିଟର: ନିରାଶ କଲେ ବାପି ହାଂସଦା**

ପୁରୁଷ ୮୦୦ ମିଟର ଦୌଡ଼ରେ ଓଡ଼ିଆ ପୁଅ ବାପି ହାଂସଦା ନିରାଶ କରିଛନ୍ତି । ରେସ ବିରେ ବାପି ହାଂସଦା ଦୌଡ଼ ଆରମ୍ଭ କରି ୪୦୦ ମିଟର ପୂରଣ କରିବା ପରେ ଟ୍ରାକରୁ ହଟି ଯାଇଥିଲେ । ସବୁଠୁ ଆଗରେ ଥିବା ବାପି ହାଂସଦାଙ୍କ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଥିଲା । ସମ୍ପୂର୍ଣ୍ଣ ଫିଟ ଲାଗୁ ନଥିବା ବାପି ଦୌଡ଼ରେ ଅଂଶଗ୍ରହଣ କରିଥିଲେ ମଧ୍ୟ ୮୦୦ ମିଟର ପୂରଣ କରିନପାରିବା ଓଡ଼ିଶା କ୍ରୀଡାପ୍ରେମୀଙ୍କୁ ଦୁଃଖ ଦେଇଛି । ଏହି ବର୍ଗରେ ଦ.ଆଫ୍ରିକାର ମୋଲିପି ମୋହଲୋମୀ ପ୍ରଥମ ସ୍ଥାନ, ହରିୟାଣାର କ୍ରିଷ୍ଣା କୁମାର ଦ୍ୱିତୀୟ ସ୍ଥାନ, ମହାରାଷ୍ଟ୍ରର ପ୍ରକାଶ ବାଲୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

**ମହିଳା ୧୫୦୦ ମିଟର:** ମହିଳା ୧୫୦୦ ମିଟର ଦୌଡ଼ରେ ଭାରତର ଦୁଇ ଧାବିକା ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ପୂଜା ଫିନିସିଂ ଲାଇନକୁ ୪ମି ୧୭.୨୪ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉତ୍ତରାଖଣ୍ଡର ଲିଲି ଦାସ ଦ୍ୱିତୀୟ, ଶ୍ରୀଲଙ୍କାର ସାନିକା କାହାୱାଲାଗେ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

**ପୁରୁଷ ସଟପୁଟ:** ପୁରୁଷ ସଟପୁଟ ଇଭେଣ୍ଟରେ ନାଇଜେରିଆ ଓ ଇଟାଲୀର ଦବଦବା ଦେଖିବାକୁ ମିଳିଥିଲା । ନାଇଜେରିଆ ପ୍ରତିଯୋଗୀ ଚୁକାଉବୁକା ୨୦.୭୮ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତାଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଥିବା ବେଳେ ଇଟାଲୀର ୱିର ଜାନେ ୨୦.୪୭ ମିଟର ସହ ରୌପ୍ୟ ଏବଂ ପଞ୍ଜାବର କରନବୀର ସିଂ ୨୦.୦୬ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପଞ୍ଜାବର ଅନ୍ୟତମ ପ୍ରତିଯୋଗୀ ତାଜିନ୍ଦର ପାଲସିଂ ତୁର ଚତୁର୍ଥ ସ୍ଥାନରେ ରହିଛନ୍ତି ।

**ମହିଳା ଜାଭେଲିନ ଥ୍ରୋରେ ବ୍ରାଜିଲର ବାଜିମାତ**

ମହିଳା ଜାଭେଲିନ ଥ୍ରୋରେ ବ୍ରାଜିଲ ପ୍ରତିଯୋଗୀ ଜୁସିଲେନୀ ସେଲସ ଡି ଲିମା କମାଲ କରିଛନ୍ତି । ସେ ୫୯.୧୩ ଜାଭେଲିନ ଥ୍ରୋ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ହାତେଇଛନ୍ତି । ଶ୍ରୀଲଙ୍କାର ଦିଲହାନୀ ଲେକମାଗେ ୫୮.୯୮ ମିଟର ସହ ରୌପ୍ୟ ଏବଂ ଉତ୍ତରପ୍ରଦେଶର ଅନୁରାଣୀ ୫୬.୯୬ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

**ସେପୋ ଜାସନଙ୍କ କୀର୍ତ୍ତିମାନ:** ଦକ୍ଷିଣ ଆଫ୍ରିକା ଧାବକ ସେପୋ ଜାସଦ କଳିଙ୍ଗ ଷ୍ଟାଡିୟମରେ କୀର୍ତ୍ତିମାନ ସ୍ଥାପନ କାରିଛନ୍ତି । ସେ ପ୍ରଥମ ଧାବକ ଭାବେ କଳିଙ୍ଗରେ ୧୦୦ ମିଟର ଫିନିସିଂ ଲାଇନକୁ ୧୦.୧୧ ସେକେଣ୍ଡରେ ଅତିକ୍ରମ କରିଛନ୍ତି । ଏଥିସହ ଜାସନ ପ୍ରଥମ ସ୍ଥାନ ଅଧିକାର ସ୍ୱର୍ଣ୍ଣ ଜିତିଛନ୍ତି । ଓମାନର ଆଲି ଅଲ ବଲୁସି ୧୦.୧୬ ସେକେଣ୍ଡ ସହ ରୌପ୍ୟ ଏବଂ ଶ୍ରୀଲଙ୍କାର ଦିନେଥ ବୀର ୧୦.୨୭ ସେକେଣ୍ଡ ସହ ତୃତୀୟ ସ୍ଥାନ ରହି ବ୍ରୋଞ୍ଜ ହାତେଇଛନ୍ତି । ଓଡ଼ିଶାର ଅନିମେସ କୁଜୁର ୧୦.୩୨ ସେକେଣ୍ଡ ଟାଇମିଂ ସହ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି ।






## ଧୁଲୁଧୁଲିରେ ଧୁଲୁକିଲା କଳିଙ୍ଗ

ଭୁବନେଶ୍ୱର,୨୨।୮ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ମିଟର ଭବ୍ୟ ଉଦଘାଟନ ବେଶ ମନଲୋଭା ଥିଲା । ପ୍ରତିଯୋଗିତା ଅପରାହ୍ଣ ୪ଟାରେ ଆରମ୍ଭ ହୋଇଥିବା ବେଳେ ଏହାର ଘଣ୍ଟାଏ ପୂର୍ବରୁ ଓଡ଼ିଶାର ବିଭିନ୍ନ ପାରମ୍ପରିକ ବାଦ୍ୟନୃତ୍ୟ ପରିବେଷଣ କରାଯାଇଥିଲା । ଧୁଲୁଧୁଲିର ନାଚ, ଡାଲଖାଇ ନୃତ୍ୟ ଉପସ୍ଥିତ ୧୫୦୦୦ ଦର୍ଶକ ତଥା କ୍ରୀଡାବିତଙ୍କ ମନକୁ ଛୁଇଁଥିଲା । ଉଦଘାଟନୀ ଉତ୍ସବରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । କ୍ରୀଡାମନ୍ତ୍ରୀଙ୍କ ସହ ଏଏଫଆଇ ଚେୟାରମ୍ୟାନ ଲଳିତ କୁମାର ଭାନୋଟ, କ୍ରୀଡା ନିର୍ଦ୍ଦେଶକ ଯେଦୁଲା



ତାଳେ ତାଳେ ରାଜ୍ୟର ଅନେକ ପାରମ୍ପରିକ ନୃତ୍ୟ ଆମ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇଛି । ଆଦିବାସୀ ନୃତ୍ୟ ସାଙ୍ଗକୁ ସିଙ୍ଘ ବାଜା, ମୟୂର ନୃତ୍ୟ, ବାଘ ନୃତ୍ୟ, ଚଇତି ଘୋଡା ନାଚ, ଦଶଭୂଜା ଗଣେଶ, କଣ୍ଢେଇ ବିଜୟ, ଏଏଫଆଇ କୋଷାଧ୍ୟକ୍ଷ ବି ଷ୍ଟାନଲେ ଜୋନ୍ସ, ଏଏଫଆଇ କାର୍ଯ୍ୟକାରୀ ସଭାପତି ଜି ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଧିବଦ୍ଧ ଭାବେ ପ୍ରତିଯୋଗିତାର ଉଦଘାଟନ ଘୋଷଣା କରିଥିଲେ ।

**ଲଙ୍ଗଜମ୍ପ:** କେରଳର ଆନସି ସୋଜନ ଇଦିପାଲ୍ଲୀ ୬.୭୧ ମିଟର ଡେଇଁ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଛନ୍ତି । ପ୍ରତିଯୋଗିତା ପୂର୍ବରୁ ଆନସି ପଦକ ଜିତିବେ ବୋଲି ଆଶା ରଖିଥିଲେ । ଉତ୍ତରପ୍ରଦେଶର ସାଇଲି ସିଂ ୬.୫୬ ମିଟର ସହ ରୌପ୍ୟ ଏବଂ ଲାକ୍ଷଦୀପର ମୁବୁସିନା ମହମ୍ମଦ ୬.୩୧ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

**ମହିଳା ୪୦୦ ମିଟର:** ତାମିଲନାଡୁର ଧାବିକା ଭିଥ୍ୟା ରାମରାଜ ୪୦୦ ମିଟର ଫିନିସିଂ ଲାଇନକୁ ୫୧.୯୬ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଛନ୍ତି । ୟୁପିର ପ୍ରାଚୀ ୫୨.୫୭ ମିଟର ସହ ଦ୍ୱିତୀୟ ଏବଂ କର୍ଣ୍ଣାଟକର ପୋଭାମାରାଜୁ ମାଚେ ୫୨.୭୮ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହିଛନ୍ତି ।

**ପୁରୁଷ ହାଇଜମ୍ପ:**

ତାମିଲନାଡୁର ଆଦର୍ଶରାମ ଜୋଥି ୨.୨୨ ମିଟର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଓମାନର ଫତକ ବୈତ ଜାବୋବ ୨.୧୯ ମିଟର ସହ ରୌପ୍ୟ ଏବଂ ଇରାକର ଅବଦୁଲ୍ଲ ରହମାନ ଓମାର ୨.୧୫ ମିଟର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଓଡ଼ିଶାର ସ୍ୱାଧିନ କୁମାର ମାଝି ୨.୦୫ ମିଟର ସହ ସପ୍ତମ ସ୍ଥାନରେ ରହିଛନ୍ତି ।

**ପୁରୁଷ ୪୦୦ ମିଟର:**

ବୋଟସୱାନା, ଦ.ଆଫ୍ରିକା, ଶ୍ରୀଲଙ୍କା ପ୍ରତିଯୋଗୀ ୪୦୦ ମିଟର ଦୌଡ଼ରେ ଆଧିପତ୍ୟ ବିସ୍ତାର କରିଛନ୍ତି । ବୋଟସୱାନାର ଜଷ୍ଟିସ ୱାରାଟେଲ ୪୫.୩୫ ସେକେଣ୍ଡ ସହ ୪୦୦ ମିଟର ଦୂରତା ଅତିକ୍ରମ କରିଥିଲେ । ସେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଛନ୍ତି । ଦ.ଆଫ୍ରିକାର ଲିନଡର୍ଟ କୋଇକେମୋର ଦ୍ୱିତୀୟ ସ୍ଥାନ ଶ୍ରୀଲଙ୍କାର କଳିଙ୍ଗ ହିୱକୁମାରା ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି । କେରଳର ମନସାଜି ପଞ୍ଚମ ଏବଂ ହରିୟାଣାର ବିକ୍ରାନ୍ତ ପାଞ୍ଚାଲ ଅଷ୍ଟମ ସ୍ଥାନରେ ରହିଛନ୍ତି ।

### କଳିଙ୍ଗରେ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଯୋଜନା

## କିଛି କ୍ରୀଡା ପାଇଁ ଦିଆଯାଇଛି ପ୍ରସ୍ତାବ: କ୍ରୀଡାମନ୍ତ୍ରୀ

ଭୁବନେଶ୍ୱର,୨୨।୮ (ସବ୍ୟୁ): ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡା ଭାରତରେ ଆୟୋଜନ ହେବାକୁଯାଉଛି । ଏହି ସଂସ୍କରଣ ଅହମ୍ମଦାବାଦରେ ହେବ । ଦୀର୍ଘ ୨୦ ବର୍ଷ ପରେ ରାଜ୍ୟ ଗୋଷ୍ଠୀ ଭାରତକୁ ଫେରିଥିବା ବେଳେ ଅହମ୍ମଦବାଦ ସହ ଦେଶର ଏକାଧିକ ସ୍ଥାନରେ କ୍ରୀଡା ପ୍ରତିଯୋଗିତା ଆୟୋଜନ ଲାଗି ଯୋଜନା ହୋଇଛି । ଓଡ଼ିଶା ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡାର କିଛି ପ୍ରତିଯୋଗିତା ଆୟୋଜନ କରିବାକୁ ଆଗ୍ରହୀ ଅଛି । ନିକଟରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୁଜରାଟଗସ୍ତ କରିଥିଲେ । ସେଠାରେ ବିଭିନ୍ନ ଅଧିକାରୀଙ୍କୁ



ଭେଟି ଆଲୋଚନା କରିଥିଲେ । ଓଡ଼ିଶାରେ ରାଜ୍ୟଗୋଷ୍ଠୀ କ୍ରୀଡାର କିଛି ପ୍ରତିଯୋଗିତା ଆୟୋଜନ କରିବାକୁ କ୍ରୀଡାମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ହକି, ଖୋ ଖୋ ଭଳି ୪/୫ଟି କ୍ରୀଡା ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଥିବା କ୍ରୀଡାମନ୍ତ୍ରୀ କହିଛନ୍ତି । ପୂର୍ବରୁ ହକି ଓ ଆଥଲେଟିକ୍ସ ପ୍ରତିଯୋଗିତା କଳିଙ୍ଗରେ ସଫଳତାର ସହ ଆୟୋଜନ ହୋଇଛି । ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସୁଲଭର ମିଟ ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି ।

**ପୁରୁଷ ଜାଭେଲିନ୍ ଥ୍ରୋ:**

ଅନ୍ୟତମ ଓଡ଼ିଆ ଜାଭେଲିନ ଥ୍ରୋୟର କିଶୋର ଜେନା ଜାଭେଲିନ୍ ଥ୍ରୋରେ ସମ୍ପୂର୍ଣ୍ଣ ନିରାଶ କରିଛନ୍ତି । ତାଙ୍କ ନାମ ଏହି ପ୍ରତିଯୋଗିତାରେ ଥିଲେ ମଧ୍ୟ ସେ ଭାଗ ନେଇ ନଥିଲେ । ଉତ୍ତରପ୍ରଦେଶର ରୋହିତ ଯାଦବ ୮୭.୬୮ ମିଟର ସହ ସ୍ୱର୍ଣ୍ଣ ଜିତିଛନ୍ତି । ରାଜସ୍ଥାନର ଯଶବୀର ସିଂ ୮୨.୯୪ମିଟର ସହ ରୌପ୍ୟ ଏବଂ ଶ୍ରୀଲଙ୍କାର ସୁମେଧା ରଣସିଙ୍ଘେ ୮୦.୨୯ ମିଟର ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

**ପୁରୁଷ ଲଙ୍ଗଜମ୍ପ:**

କେରଳ ଶ୍ରୀଶଙ୍କର ପୁରୁଷ ଲଙ୍ଗଜମ୍ପରେ କମାଲ କରିଛନ୍ତି । ସେ ୮.୦୭ ମିଟର ଡେଇଁ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଛନ୍ତି । ଦ.ଆଫ୍ରିକାର ଦିଭାନ ମାଲୱେଲ ୮.୦୩ ମିଟର ଡେଇଁ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଏବଂ ତାମିଲନାଡୁର ପି ଡେଭିଡ ୭.୭୮ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।



### ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ: ଓଡ଼ିଏମକୁ ହରାଇଲା ଡିଏଭି

ଭୁବନେଶ୍ୱର,୨୨।୮ (ସବ୍ୟୁ): ୟୁନିଟ୍-୧ ଗ୍ରାଉଣ୍ଡରେ ଭୁବନେଶ୍ୱରର ପରିଚିତ କ୍ରୀଡାସଂଘ ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଡିଏଭି ପୋଖରୀପୁଟ ବିଜୟୀ ହୋଇଛି । ଏହି ମ୍ୟାଚରେ ଓଡ଼ିଏମ ପବ୍ଲିକ୍ ସ୍କୁଲକୁ ୫-୧ ଗୋଲରେ ଧରାଶାୟୀ କରିଥିଲା ଡିଏଭି ପୋଖରୀପୁଟ । ବିଜୟୀ ଡିଏଭି ସ୍କୁଲର ଆୟନ ଦାସ ୩ଟି, ପିଏନ ପ୍ରତ୍ୟୁଷ ଓ ଏସ୍ ସ୍ୱାଇଁ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ଓଡ଼ିଏମ ପକ୍ଷରୁ ପ୍ରିୟନ୍ସ ମାଝୀ ଏକମାତ୍ର ଗୋଲ ପରିଷଦ କରିଥିଲେ । ଜାର୍ଟାଡ ଆକାଉଣ୍ଟାଣ୍ଟ ସତ୍ୟଜିତ ମିଶ୍ର ଅତିଥି ଭାବେ ଯୋଗଦେଇ ଆଶୁତୋଷ ତ୍ରିପାଠୀଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଶିବ ପ୍ରସାଦ ସାମନ୍ତରାୟ, ସୁଜିତ କୁମାର ପାତ୍ରୋ, ଆଲୋକ କୁମାର ଦେହୁରୀ ଏବଂ ଶିବ ଦେହୁରୀ ମ୍ୟାଚ ପରିଚାଳନା କରିଥିଲେ ।

**ପୂର୍ବତନ ଖେଳଳିଙ୍କୁ ସମ୍ବର୍ଦ୍ଧନା :-**

ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ ତରଫରୁ ଚାଲିଥିବା ଜୟନ୍ତ ମହାପାତ୍ର ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାର ଅନ୍ତିମ ଖେଳ ତଥା ଉଦଯାପନୀ ଉତ୍ସବ ଆଗାମୀ ୩୦ ତାରିଖରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ଖେଳ ପଡିଆରେ ଆୟୋଜିତ ହେବ । ଏହି ଅବସରରେ ଆସୋସିଏସନର ୨୦୧୫ ମସିହା ପୂର୍ବରୁ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପୂର୍ବତନ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ନେଇ ଆସୋସିଏସନର ସଭାପତି ତପନ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଆସୋସିଏନସନର ପୂର୍ବତନ ଖେଳାଳିମାନଙ୍କୁ ଏହି ନିମନ୍ତ୍ରଣରେ ସହଯୋଗ କରିବା ପାଇଁ ଆଗାମୀ ୨୮ ତାରିଖ ଶୁକ୍ରବାର ସୁଧା ଜଣାଇବାକୁ ଅନୁରୋଧ କରାଯାଇଛି ।

### ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିଅନସିପ

## ତ୍ରିଶା-ଗାୟତ୍ରୀ ବ୍ରୋଞ୍ଜରେ ସନ୍ତୁଷ୍ଟ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଦୀର୍ଘ ୧ ଘଣ୍ଟା ୧୧ ମିନିଟ ଧରି ଭାରତର ତ୍ରିଶା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଦିଲ୍ଲୀରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ ବ୍ୟାଡ଼ମିଣ୍ଟନର ମହିଳା ଡବଲ୍ସ ସେମିଫାଇନାଲରେ ଭାରତୀୟ ଯୋଡି ହାରିଯାଇଛନ୍ତି । ଚୀନର ଲିଓସେଙ୍ଗ ସୁ ଓ ତାନ ନିଙ୍ଗ ଚମତ୍କାର ପ୍ରଦର୍ଶନ କରି ୨୧-୧୮, ୧୩-୨୧ ଓ ୮-୨୧ରେ ମ୍ୟାଚକୁ ଜିତି ନେଇଥିଲେ । ଶନିବାର ତ୍ରିଶା ଓ ଗାୟତ୍ରୀ ମ୍ୟାଚ ହାରିଯାଇଛନ୍ତି ସତ ହେଲେ ନିଜର ପ୍ରଦର୍ଶନ ବଳରେ ସମସ୍ତଙ୍କ ହୃଦୟ ଜିତି ପାରିଛନ୍ତି । ୨୦୧୧ ପରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପର ମହିଳା ଡବଲ୍ସରେ ଭାରତର ପଦକ ଜିତିପାରିଛି । ୨୦୧୧ରେ ଅଶ୍ୱିନୀ ପୋନ୍ନାପ୍ପା ଓ ଜ୍ୱାଲା ଗୁଟ୍ଟା ବ୍ରୋଞ୍ଜ ଜିତିଥିଲେ । ଚଳିତ ବର୍ଷ ମଧ୍ୟ ତ୍ରିଶା ଓ ଗାୟତ୍ରୀ ବ୍ରୋଞ୍ଜ ପଦକ ଜିତିଛନ୍ତି ।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି